

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୨ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 22 March 2026

Vol.No. 36 ■ No.77 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


## ନବୀନ ନେଲେ ବଡ଼ ଆକ୍ସନ: ୬ ବିଧାୟକ ନିଲମ୍ବିତ



ଭୁବନେଶ୍ୱର, ୨୧/୩ (ନି.ପ୍ର): ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ବିଜୁ ଜନତା ଦଳ (ବିଜେଡି)ର ୬ଜଣ ବିଧାୟକ ନିଲମ୍ବିତ ହୋଇଛନ୍ତି। ନିଲମ୍ବିତ ବିଧାୟକମାନେ ହେଲେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜୟଦେବ (ଭୁବନେଶ୍ୱର) ବିଧାୟକ ନବ କିଶୋର ମଲ୍ଲିକ, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ବଡ଼ଚଣା ବିଧାୟକ ସୁବାସିନୀ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଓ ବାଙ୍କୀ ବିଧାୟକ ଦେବୀ ରଂଜନ ତ୍ରିପାଠୀ। ଆଜି ସନ୍ଧ୍ୟାରେ ବିଜେଡିର ରାଜନୈତିକ ବ୍ୟାପାର କମିଟି ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ବିରୋଧୀ ଦଳ ନେତ୍ରୀ ପ୍ରମିଳା ମଲ୍ଲିକ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୧୬ ତାରିଖ ଦିନ ରାଜ୍ୟରେ ୪ଟି ରାଜ୍ୟସଭା ଆସନ ପାଇଁ ମତଦାନ ହୋଇଥିଲେ। ଏହି ନିର୍ବାଚନରେ ବିଜେଡିର ନିଲମ୍ବିତ ଉପରୋକ୍ତ ବିଧାୟକମାନେ କ୍ରସ ଭୋଟିଂ କରିଥିଲେ। ଏହି ବିଧାୟକମାନେ ବିଜେପି ସମର୍ଥିତ ପ୍ରାର୍ଥୀ ଦିଲୀପ ରାୟଙ୍କୁ ମତଦାନ କରିଥିଲେ। ଏହା ପରେ ବିଜେଡି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଏନେଇ ବିଜେଡି ପ୍ରଥମେ ଦଳର ୬ ଜଣ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା ଏବଂ ମାର୍ଚ୍ଚ ୨୦ ତାରିଖ ଅପରାହ୍ଣ ୫ଟା ସୁଦ୍ଧା କାରଣ ଦର୍ଶାଇବା ପାଇଁ ଉଲ୍ଲେଖ କରିଥିଲା। ବିଜେଡି ପକ୍ଷରୁ ଜାରି ହୋଇଥିବା ନୋଟିସରେ କୁହାଯାଇଥିଲା ଯେ, ଉପରୋକ୍ତ ବିଧାୟକମାନେ ଦଳର ଶୃଙ୍ଖଳାକୁ ଭଙ୍ଗ କରି ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଛନ୍ତି। ଦଳର ନିର୍ଦ୍ଦେଶକୁ ଉଲ୍ଲଂଘନ କରିଛନ୍ତି। ତାଙ୍କ ବିରୋଧରେ ଦଳୀୟ ଶୃଙ୍ଖଳା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରା ନଯିବ, ତାହାର କୈଫତ୍ ତଲବ କରାଯାଇଛି। ଗତ ୧୬ ଓଡ଼ିଶାର ୪ଟି ରାଜ୍ୟସଭା ଆସନ ପାଇଁ ବିଧାନସଭାରେ ମତଦାନ ହୋଇଥିଲା। ଏଥିରେ ରାଜ୍ୟର ୧୪୭ ଜଣ ବିଧାୟକ ଭାଗ ନେଇଥିଲେ। ନିର୍ବାଚନରେ ବିଜେପିର ମନମୋହନ ସାମଲ ଏବଂ ସୁଜିତ କୁମାର ବିଜୟୀ ହେବା ସହ ସମର୍ଥିତ ପ୍ରାର୍ଥୀ ଦିଲୀପ ରାୟ ମଧ୍ୟ ବିଜୟୀ ହୋଇଛନ୍ତି। ଅପରପକ୍ଷେ ବିଜେଡିର ସଂତୃପ୍ତ ମିଶ୍ର ବିଜୟୀ ହୋଇଥିଲା ବେଳେ କଂଗ୍ରେସ ସହ ସମର୍ଥିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତା ପରାଜିତ ହୋଇଥିଲେ। ଶ୍ରୀ ହୋତା ବିଜେଡି ଏବଂ କଂଗ୍ରେସର ୧୧ ଜଣ ବିଧାୟକଙ୍କ କ୍ରସ ଭୋଟିଂ ଯୋଗୁ ପରାଜୟବରଣ କରିଥିଲା ବେଳେ ଦିଲୀପ ରାୟ ଏହାର ଫାଇନା ନେଇ ବିଜୟୀ ହୋଇଥିଲେ।

## ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ପାଚିକାଙ୍କ ଆନ୍ଦୋଳନ ପ୍ରତ୍ୟାହୃତ



ଭୁବନେଶ୍ୱର, ୨୧/୩ (ନି.ପ୍ର): ନିଖିଳ ଓଡିଶା ପାଚିକା ରାଜ୍ୟ ସଂଘର ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଗାନ୍ଧୀ ମାର୍ଗରେ ଆହୋରାତ୍ର ଧାରଣାର ଆଜିଥିଲା ପଞ୍ଚମ ଦିନ । କାଲି କୁଟା କାମୁଡି ପ୍ରତିବାଦ ପରେ ପରି ଆଜି ମଧ୍ୟ ଧୁ ଧୁ ଖରାରେ ପେଟରେ ଓଦା କନା ପକାଇ ରାସ୍ତାରେ ଶୋଇ ହଜାର ହଜାର ପାଚିକା ମାଆମାନେ ଅଭିନବ ଢଙ୍ଗରେ ପ୍ରତିବାଦ କରିଥିଲେ । ଗତକାଲି ଏକାମ୍ର ବିଧାୟକ ବାବୁ ସିଂ ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧାରଣାସ୍ଥଳକୁ ଆସି ସମସ୍ତ ଦାବି ଶୁଣିବା ପରେ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଆଲୋଚନା ପାଇଁ ସ୍ଥିର ହୋଇଥିଲା । ହେଲେ ଆଜି ସକାଳ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନ ନେବାରୁ ଆଜି ପାଚିକାମାନେ ବାଧ୍ୟ ହୋଇ ପୁଣି ରାଜରାସ୍ତାରେ ପ୍ରତିବାଦ କରିଥିଲେ । ପ୍ରାୟ ୩୭ ଡିଗ୍ରୀ ଖରାରେ ବସି ରହିବା ପରେ ପାଞ୍ଚ ଦିନ ହେଲା ଅପେକ୍ଷା କରି କରି ଧୈର୍ଯ୍ୟ ହରା ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବାକୁ ବ୍ୟାରିକେଡ଼ ଭାଙ୍ଗି ପଶିବାକୁ ଉଦ୍ୟମ କରିବାରୁ ପୋଲିସ ସହ ଧସ୍ତା ଧସ୍ତି ହୋଇଥିଲା । ପରେ ସଙ୍ଘର ଏକ ପ୍ରତିନିଧି ମଣ୍ଡଳୀ ପ୍ରଥମେ ଗଣଶିକ୍ଷା ସଚିବ ଏନ ତିରୁମାଲା ନାୟକଙ୍କ ସହିତ ଆଲୋଚନା କରିଥିଲେ । କୌଣସି ସନ୍ତୋଷ ଜନକ ଉତ୍ତର ନ ମିଳିବାରୁ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ପାଇଁ ତାଙ୍କ ବାସଭବନକୁ ଯାଇଥିଲେ, ହେଲେ ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତ ଯୋଗୁଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହିତ ବିଧାୟକ ବାବୁ ସିଂ ଓ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତରେ ଆଲୋଚନା ହୋଇଥିଲା । ସମସ୍ତ ପାଚିକା ମାନଙ୍କୁ ଏକ ମାସ ଭିତରେ ପରିଚୟ ପତ୍ର ପ୍ରଦାନ, ଅଙ୍ଗନବାଡ଼ି ସହାୟକଙ୍କ ଦରମା ଭଳି ୫୮୦୦ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସକାରାତ୍ମକ ପ୍ରସ୍ତାବ ଉପରେ ସ୍ୱତନ୍ତ୍ର ପଦକ୍ଷେପ ପାଇଁ କମିଟି ଗଠନ, ପ୍ରତି ମାସର ୧୦ ତାରିଖ ସୁଦ୍ଧା ଦରମା ପ୍ରଦାନ ଆଦି ପ୍ରସ୍ତାବକୁ ଗ୍ରହଣ କରି ନେଇଥିଲେ ।

## ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ପ୍ରବଳ ବର୍ଷା ସମ୍ଭାବନା : ୬ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର, ୨୧/୩ (ନି.ପ୍ର): ଆସନ୍ତା ସପ୍ତାହେ ଯାଏଁ ରାଜ୍ୟରେ ଜାରି ରହିବ ବର୍ଷା। ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ହେବ । ଆନ୍ଧ୍ର ଉପକୂଳ ଓ ପାଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବଜ୍ରପାତ ସହ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଆଜି ବିଭିନ୍ନ ଜିଲ୍ଲାରେ ଝଡ଼ବର୍ଷା ସମ୍ଭାବନା ରହିଛି। ବିଜୁଳି ଓ ଘଡ଼ଘଡ଼ି ସବହ ବର୍ଷା ପବନ ନେଇ ଉତ୍ତର, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ୧୦ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ୧୫ ଜିଲ୍ଲାକୁ ପାଣିପାଗ ବିଭାଗ ଦେଇଛି ୟେଲୋ ସତର୍କତା। ସେସବୁ ଜିଲ୍ଲାର କିଛି ସ୍ଥାନରେ କୁଆପଥର ବର୍ଷା ସହ ଘଣ୍ଟାପ୍ରତି ୩୦-୪୦ ଓ ଆଉ କିଛି ସ୍ଥାନରେ ୪୦-୫୦ କିଲୋମିଟର ବେଗରେ ପବନ ବହିପାରେ। ଆଜି ପାଇଁ ମୟୁରଭଞ୍ଜ, ବାଲେଶ୍ୱର ଜିଲ୍ଲାକୁ ଅରେଞ୍ଜ ଏବଂ କେନ୍ଦୁଝର, ଯାଜପୁର,

◆◆ପୃଷ୍ଠା ୭

## ଆଜି ହଲଦ୍ୱାନୀ ଗସ୍ତରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ: ଜନସଭାକୁ କରିବେ ସଂବୋଧିତ

ନୂଆଦିଲ୍ଲୀ,୨୧/୩ : ରକ୍ଷାମନ୍ତ୍ରୀ ରାଜନାଥ ସିଂହ ଶନିବାର ନୈନିତାଲ ଜିଲ୍ଲାର ଗସ୍ତରେ ରହିବେ। ଏହି ସମୟରେ ସେ ହଲଦ୍ୱାନୀରେ ଆୟୋଜିତ ଜନସଭାକୁ ସମ୍ବୋଧନ କରିବେ। ରାଜ୍ୟରେ ଧାମୀ ସରକାରଙ୍କ ଚାରି ବର୍ଷ ପୂର୍ଣ୍ଣ ହେବାର ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମକୁ ନେଇ ବ୍ୟାପକ ପ୍ରସ୍ତୁତି ହୋଇଛି ଏବଂ କଠୋର ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଉତ୍ତରାଖଣ୍ଡରେ ପୁଷ୍କର ସିଂହ ଧାମୀଙ୍କ ନେତୃତ୍ୱ ଥିବା ସରକାରଙ୍କ ଚାରି ବର୍ଷ ପୂର୍ଣ୍ଣ ହେବାର ଅବସରରେ ଶନିବାର ନୈନିତାଲ ଜିଲ୍ଲାର ଏମ୍‌ବି ଇଣ୍ଟର କଲେଜ, ହଲଦ୍ୱାନୀରେ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ଅବସରରେ ଆୟୋଜିତ ଜନସଭାକୁ ମୁଖ୍ୟ ଅତିଥି ଭାବେ ରକ୍ଷାମନ୍ତ୍ରୀ ରାଜନାଥ ସିଂହ ସମ୍ବୋଧନ କରିବେ। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ସଫଳତା, ବିକାଶ ଯୋଜନାମାନେ ଏବଂ ଜନହିତକାରୀ ନୀତିଗୁଡ଼ିକୁ ପ୍ରମୁଖତାରେ ପ୍ରସ୍ତୁତ କରାଯିବ।

## କନ୍ଧମାଳ ପୁଲିସକୁ ଲାଲବାହିନୀର ଟାର୍ଗେଟ୍: ଚାରି ସ୍ଥାନରୁ ଆଇଇଡି ବିସ୍ଫୋରକ ଠାବ



ବାଲିଗୁଡ଼ା, ୨୧/୩ (ନି.ପ୍ର): କନ୍ଧମାଳକୁ ମାଓମୁକ୍ତ ଜିଲ୍ଲା ଘୋଷଣା ପାଇଁ ଡେଡ୍‌ଲାଇନ୍ ନିକଟତର ହେଉଥିବା ବେଳେ ଏବେ ପୁଲିସ ପକ୍ଷରୁ କମ୍ବିଂ ଅପରେସନ୍‌କୁ ଜୋରଦାର କରାଯାଇଛି। ଆଉ ଟାର୍ଗେଟ୍‌ରେ ରହିଛି ମାଓନେତା ଶୁକୁରୁ। ତେବେ ପୁଲିସକୁ ଚ୍ୟାଲେଞ୍ଜ୍ ଦେବା ପାଇଁ ଶୁକୁରୁ ମଧ୍ୟ ତା'ର ପଲଟଣ ସହ ବ୍ଲୁପ୍ରିଣ୍ଟ୍ ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ଆଜି ବାଲିଗୁଡ଼ା ଉପଖଣ୍ଡ ଓ କୋଟଗଡ଼ ଥାନା ଅଧୀନ ପାରିଗଡ଼ ପଞ୍ଚାୟତର ବାଡୁସୀଗାଁ ନିକଟ ଗାଙ୍ଗେରିସାରୁ ଜଙ୍ଗଲରେ ସିଆରପିଏଫ ୧୨୭ ବାଟାଲିୟଅନ୍ 'ଡି' କମ୍ପାନି ଓ କନ୍ଧମାଳ ପୁଲିସ ପକ୍ଷରୁ ମିଳିତ କମ୍ବିଂ ଅପେରସନ୍ ଚାଲିଥିବା ବେଳେ ବଡ଼ଧରଣର ଅଘଟଣକୁ ଏଡ଼ାଇ ଦିଆଯାଇପାରିଛି। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ୍ କରି ଉକ୍ତ ଜଙ୍ଗଲରେ ମାଓବାଦୀ ୪ଟି ଆଇଇଡି ବିସ୍ଫୋରକ ଖଞ୍ଜିଥିଲେ।

◆◆ପୃଷ୍ଠା ୭

## ଫିଲିଂ ବେଳେ ଫାଟିଲା ଗ୍ୟାସ୍ ଟାଙ୍କି: ଜଣେ ଗୁରୁତର

ଭୁବନେଶ୍ୱର, ୨୧/୩ (ନି.ପ୍ର): ଖଣ୍ଡଗିରି ଘାଟିକିଆରେ ଗ୍ୟାସ ଫିଲିଙ୍ଗ ବେଳେ ଟାଙ୍କି ଫାଟି ବିସ୍ଫୋରଣ ହୋଇଛି। ଗ୍ୟାସ ଦୋକାନରେ ମିନି ସିଲିଣ୍ଡର ଫିଲ ବେଳେ ଅଘଟଣ ଘଟିଛି । ଗୋଟିଏ ଗ୍ୟାସରୁ ଗ୍ୟାସ ବ୍ୟାପି ଦୁଇ ତିନୋଟି ସିଲିଣ୍ଡର ଫାଟି ଥିବା ସୂଚନା ମିଳିଛି। ଏଥିରେ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତି କରାଯାଇଛି। ଘଟଣା ସ୍ଥଳରେ ଅଗ୍ନିଶମ ଟିମ୍ ପକ୍ଷରୁ ନିଆଁକୁ ଆୟତ ପାଇଁ ଉଦ୍ୟମ ଜାରି ରହିଛି।

## ସବୁଜ ବଳୟ ସୃଷ୍ଟିରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୧/୩ (ନି.ପ୍ର): ପ୍ରକୃତିର ଅନନ୍ୟ ବରଦାନ ହେଉଛି ଆମର ସବୁଜ ବନାନୀ। ଏହା ଆମ ଜୀବନ ଓ ଜୀବିକାର ଆଧାର ଅଟେ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ବନ ଦିବସ-୨୦୨୬ ପାଳନ ଅବସରରେ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଏହି ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସୁସ୍ଥ ପରିବେଶ ତଥା ମନୁଷ୍ୟ ଜୀବନରେ ବଣ ଜଙ୍ଗଲର ମହତ୍ତ୍ୱ ବିଷୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆମେ ଏହି ବିଶ୍ୱ ବନ ଦିବସ ପାଳନ କରୁଛୁ। ଜଙ୍ଗଲ ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତା ବିସ୍ତାର କରିବା ପାଇଁ ଆଜିର ଦିନଟି ଉତ୍ସର୍ଗୀକୃତ। ସେ ପୁଣି କହିଥିଲେ ଉତ୍ତମ ବନ ପରିଚାଳନା ପଦ୍ଧତି, ବ୍ୟାପକ ବୃକ୍ଷରୋପଣ ଓ ଜନସଚେତନତା ଜରିଆରେ ଆଜି ଓଡିଶା ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଦେଶର ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ଲାଭ କରିଛି। ଗତ ଦୁଇ ବର୍ଷ ମଧ୍ୟରେ କେବଳ ରାଜ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି ଘଟିଛି। ବର୍ତ୍ତମାନ ରାଜ୍ୟର ସମୁଦାୟ ଭୂମି କ୍ଷେତ୍ରର ୩୭.୬୩ ପ୍ରତିଶତ ଅର୍ଥାତ ୫୮,୫୯୭ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣରେ ପରିପୂର୍ଣ୍ଣ। ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଐତିହାସିକ 'ଏକ ପେଡ୍ ମା' କେ ନାମ୍' ଅଭିଯାନରେ ରାଜ୍ୟରେ ଗୋଟିଏ ଦିନରେ ୧.୪୯ କୋଟି ଚାରାରୋପଣ ସହିତ ଏକ ବର୍ଷ ମଧ୍ୟରେ ୮ କୋଟିରୁ ଅଧିକ

◆◆ପୃଷ୍ଠା ୭

## ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୋଳା ବାରୁଦ ଜବତ

ଇମ୍ଫାଲନୂଆଦିଲ୍ଲୀ,୨୧/୩ : ମଣିପୁରର ବିଭିନ୍ନ ଜିଲ୍ଲାରେ ଶୁକ୍ରବାର ସୁରକ୍ଷା ବଳ ଦ୍ୱାରା ଚାଲିଥିବା ବ୍ୟାପକ ତଲାଶି ଅଭିଯାନରେ ବହୁ ପରିମାଣରେ ଅସ୍ତ୍ର-ଶସ୍ତ୍ର, ଗୋଳା-ବାରୁଦ ଏବଂ ବିସ୍ଫୋରକ ଜବତ କରାଯାଇଛି। ପୋଲିସ ପ୍ରବକ୍ତା ଶନିବାର ଏହା ସୂଚନା ଦେଇଛନ୍ତି ଯେ ଏହି ସମୟରେ ଗୋଟିଏ ନିଷିଦ୍ଧ ଉଗ୍ରବାଦୀ ସଂଗଠନର ସକ୍ରିୟ ସଦସ୍ୟଙ୍କୁ ମଧ୍ୟ ଗିରଫ କରାଯାଇଛି। ଔପଚାରିକ ସୂଚନା ଅନୁଯାୟୀ, ଥୌବାଲ ଜିଲ୍ଲାର ଖୋଙ୍ଗଜୋମ ଏବଂ ନୋଙ୍ଗପୋକ ସେକ୍ମେଇ ଥାନା ଅଞ୍ଚଳ ଅଧୀନରେ ବିଭିନ୍ନ ସ୍ଥାନରେ ଚାଲିଥିବା ଅଭିଯାନରେ କେତେକ ସିଙ୍ଗଲ ବ୍ୟାରେଲ ବନ୍ଧୁକ, କାର୍ବାଇନ, ପିସ୍ତଲ, ମୋର୍ଟାର, ହ୍ୟାଣ୍ଡ ଗ୍ରେନେଡ୍ ଏବଂ ବିଭିନ୍ନ କ୍ୟାଲିବରର ଜୀବନ୍ତ କାର୍ତୁଜ ଜବତ କରାଯାଇଛି। ଟେଙ୍ଗ୍ନା ମାରୋଙ୍ଗବନ୍ଦ ଏବଂ ପାଶ୍ୱର୍ବର୍ତ୍ତୀ ଅଞ୍ଚଳରୁ ମଧ୍ୟ ଅତିରିକ୍ତ ଅସ୍ତ୍ର-ଶସ୍ତ୍ର ଏବଂ ଗୋଳା-ବାରୁଦ ଜବତ କରାଯାଇଛି। ଇମ୍ଫାଲ ପଶ୍ଚିମ ଜିଲ୍ଲାର ଲାମଦେଙ୍ଗ ଏବଂ କାମେଙ୍ଗ ଅଞ୍ଚଳରେ କରାଯାଇଥିବା କାର୍ଯ୍ୟବାହୀ ସମୟରେ ସୁରକ୍ଷା ବଳ ଗୋଟିଏ ଏସଏଲଆର, ପରିବର୍ତ୍ତିତ ସ୍ନାଇପର ରାଇଫଲ, କେତେକ ପିସ୍ତଲ, ବହୁ ପରିମାଣର କାର୍ତୁଜ, କ୍ୟାମୋଫ୍ଲାଜ୍ ସାମଗ୍ରୀ ଏବଂ ଅନ୍ୟାନ୍ୟ କୌଶଳଗତ ସାମଗ୍ରୀ ଜବତ କରିଛନ୍ତି, ଯାହାରୁ ସଂଗଠିତ ଅସ୍ତ୍ର ଭଣ୍ଡାର ଥିବା ସନ୍ଦେହ ସୃଷ୍ଟି ହୋଇଛି ।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୨୧/୩ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଶନିବାର ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ଦୁଇ ନେତାଙ୍କ ସାକ୍ଷାତର ଏକ ଫଟୋ ସେୟାର କରିଛି। ମୁଖ୍ୟମନ୍ତ୍ରୀ, ଏକ୍ସ. ରେ ଏକ ପୋଷ୍ଟରେ କହିଛନ୍ତି ଯେ ସେ ଆଜି ପ୍ରଧାନମନ୍ତ୍ରୀଙ୍କଠାରୁ ମୂଲ୍ୟବାନ ମାର୍ଗଦର୍ଶନ ପାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ଦିଲ୍ଲୀ ପ୍ରତି ସ୍ୱତନ୍ତ୍ର ସ୍ନେହ ସର୍ବଦା ନୂତନ ଶକ୍ତି ଏବଂ ପ୍ରେରଣା ପ୍ରଦାନ କରେ। ସେ କହିଛନ୍ତି ଯେ ବୈଠକ ସମୟରେ, ଦିଲ୍ଲୀର ସାମଗ୍ରିକ ବିକାଶ, ଭିତିଭୂମିର ସୁଦୃଢ଼ୀକରଣ ଏବଂ ଲୋକଙ୍କ ଆକାଂକ୍ଷା ପୂରଣ କରିବା ପ୍ରତି ପ୍ରତିବଦ୍ଧତା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସକ୍ଷମ ମାର୍ଗଦର୍ଶନ ଏବଂ ନିରନ୍ତର ସମର୍ଥନ ସହିତ, ଆମେ ଆମର ଦିଲ୍ଲୀକୁ ପ୍ରଗତି, ସମୃଦ୍ଧି ଏବଂ ସୁଶାସନର ନୂତନ ଶିଖରରେ ପହଂଚାଇବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ପ୍ରେରଣା ଏବଂ ମୂଲ୍ୟବାନ ସମୟ ପାଇଁ ସେ ତାଙ୍କ ପ୍ରତି ହୃଦୟରୁ କୃତଜ୍ଞତା ପ୍ରକାଶ କରିଛନ୍ତି।

## ଇରାନର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ: ନାଟାଞ୍ଜ୍‌ରେ ଆମେରିକା ଓ ଇସ୍ରାଏଲର ଏୟାରଷ୍ଟ୍ରାଇକ୍



ନୂଆଦିଲ୍ଲୀ,୨୧/୩ : ଇରାନର ପରମାଣୁ ପ୍ରତିଷ୍ଠାନ 'ନାଟାଞ୍ଜ୍' ଉପରେ ଆମେରିକା ଓ ଇସ୍ରାଏଲର ଭୟଙ୍କର ଆକ୍ରମଣ । ଇରାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନାଟାଞ୍ଜ୍ ପାହାଡ଼ ତଳେ ଗଭୀର ଭାବେ ନିର୍ମିତ ଏହି କେନ୍ଦ୍ରଟି ଇରାନର ୟୁରାନିୟମ ସମୃଦ୍ଧକରଣ କାର୍ଯ୍ୟକ୍ରମର ମୁଖ୍ୟ ଆଧାର ଅଟେ। ରିପୋର୍ଟ ଅନୁଯାୟୀ, ସକାଳେ ହୋଇଥିବା ଏହି ଆକ୍ରମଣରେ ପ୍ରତିଷ୍ଠାନର ପ୍ରବେଶ ପଥ ଏବଂ କିଛି ବାହ୍ୟ ଅଂଶ କ୍ଷତିଗ୍ରସ୍ତ ହୋଇଛି। ତେବେ ଇରାନର ପରମାଣୁ ଶକ୍ତି ସଂଗଠନ ପକ୍ଷରୁ କୁହାଯାଇଛି, ଆକ୍ରମଣ ପରେ କୌଣସି ତେଜସ୍କ୍ରିୟ ବିକିରଣ ହୋଇନାହିଁ। ନାଟାଞ୍ଜ୍ କେନ୍ଦ୍ରଟି ବହୁ ଗଭୀରରେ ଥିବାରୁ ଏହାକୁ ସମ୍ପୂର୍ଣ୍ଣ ନଷ୍ଟ କରିବା କଷ୍ଟକର । ଇରାନକୁ ପରମାଣୁ ଅସ୍ତ୍ର ନିର୍ମାଣରୁ ରୋକିବା

◆◆ପୃଷ୍ଠା ୭

## କେରଳ ପ୍ରାର୍ଥୀ ତାଲିକାରେ ଅସନ୍ତୁଷ୍ଟ ରାହୁଲ ଗାନ୍ଧୀ: ବିଳମ୍ବିତ ରାତି ପର୍ଯ୍ୟନ୍ତ କଲେ ବୈଠକ

ନୂଆଦିଲ୍ଲୀ, ୨୧/୩: କେରଳ ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି କଂଗ୍ରେସ ଏହାର ପ୍ରାର୍ଥୀ ତାଲିକାକୁ ନେଇ ସେତିକି ତର୍ଜମା କରୁଛି। କେରଳ ନିର୍ବାଚନ ପାଇଁ କଂଗ୍ରେସ ଏହାର ପ୍ରାର୍ଥୀ ତାଲିକା ଜାରି କରିସାରିଥିଲା। କିନ୍ତୁ ପ୍ରାର୍ଥୀ ତାଲିକାରେ ଅସନ୍ତୁଷ୍ଟ ରାହୁଲ ଗାନ୍ଧୀ ଏହା ଉପରେ ଆଲୋଚନା କରିବାକୁ

◆◆ପୃଷ୍ଠା ୭



# ୧୭୨ କୋଟି ଟଙ୍କାର ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଅନୁଗୋଳ, ୨୧/୩ (ନି.ପ୍ର): ପ୍ରତ୍ୟେକ ଗ୍ରାମରେ ବିକାଶର ଧାରାକୁ ସୁଦୃଢ଼ କରି ଜନସାଧାରଣଙ୍କ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବା ହିଁ ଆମର ମୂଳ ଲକ୍ଷ୍ୟ ବୋଲି ଶନିବାର ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଠାରେ ପ୍ରାୟ ୧୭୨ କୋଟି ଟଙ୍କା ମୂଲ୍ୟର ୪୧ଟି ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭୂମିପୂଜନ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି, ଛେଣ୍ଡିପଦା ଅଞ୍ଚଳର ପ୍ରଗତି ପାଇଁ ନିର୍ମିତ ହେବାକୁ ଥିବା ଷ୍ଟାଡିୟମ୍ ଓ ନୂତନ କମ୍ୟୁନିଟି ସେଣ୍ଟର ଭଳି ବୃହତ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ଏଥିସହିତ ୪୨ ଜଣ ହିତାଧିକାରୀଙ୍କୁ ସରକାରୀ ଯୋଜନାର ସୁଫଳ ପ୍ରଦାନ କରାଯାଇଛି । ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ଯେ, ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନୁଗୋଳ ଜିଲ୍ଲାକୁ ପ୍ରାୟ ୨୫,୦୦୦ରୁ ଅଧିକ ଘର ଆସିବ ଏବଂ ଡବଲ ଇଞ୍ଜିନ ସରକାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଭତ୍ତା ପହଞ୍ଚାଇବାକୁ ସଂକଳ୍ପବଦ୍ଧ । ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପର ବିକାଶ ଲକ୍ଷ୍ୟରେ ଡେରଜଙ୍ଗ ପ୍ରକଳ୍ପରେ ଏକ ଆଧୁନିକ ବୋଟିଂ ଫ୍ୟାସିଲିଟିର ଲୋକାର୍ପଣ କରାଯାଇଛି। ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ଆମଦାନୀ ଓ ରୋଜଗାର ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ସେହିପରି ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ' ଓ ଓଡ଼ିଶା ସରକାରଙ୍କ 'ବିକଶିତ ଓଡ଼ିଶା' ଲକ୍ଷ୍ୟ ତେବେ ସମ୍ଭବ ହେବ, ଯେବେ ଆମ ଅନୁଗୋଳ ଓ ଛେଣ୍ଡିପଦା ବିକଶିତ ହେବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ । ଆଗାମୀ ପିଢ଼ି ପାଇଁ ଏକ ସ୍ୱଚ୍ଛ ପରିବେଶ ଗଢ଼ିବା ଲକ୍ଷ୍ୟରେ ସେ ସ୍କୁଲଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ସମସ୍ତ ଶିକ୍ଷକମାନଙ୍କ ସହଯୋଗ ଲୋଡ଼ିଛନ୍ତି ଶ୍ରୀ ପ୍ରଧାନ । ଶେଷରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ସହ ପାଣି, ଘର ଓ ରୋଜଗାର ଭଳି ସମସ୍ୟାର ସମାଧାନ ପାଇଁ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି । ଏହି କାର୍ଯ୍ୟକ୍ରମ ପରେ ଶ୍ରୀ ପ୍ରଧାନ ଛେଣ୍ଡିପଦା ଠାରେ ଦଳର ଏକ ନୂତନ କାର୍ଯ୍ୟାଳୟ ଉଦଘାଟନ କରିବା ସହ ମିଶ୍ରଣ ପର୍ବରେ ନୂଆ ସଦସ୍ୟଙ୍କୁ ଦଳରେ ସ୍ୱାଗତ କରିଥିଲେ । ସେ କହିଥିଲେ, ଏହି କାର୍ଯ୍ୟାଳୟ କେବଳ ଏକ କୋଠା ନୁହେଁ, ବରଂ ଏହା ଆମ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସେବା, ସଂକଳ୍ପ ଏବଂ ସମର୍ପଣର ଏକ ନୂଆ କେନ୍ଦ୍ରବିନ୍ଦୁ । ସୂଚନାଯୋଗ୍ୟ, ଛେଣ୍ଡିପଦାରେ ଆୟୋଜିତ ବିକାଶମୂଳକ କାର୍ଯ୍ୟର ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ୧୬୨.୯୧ କୋଟି ଟଙ୍କା ମୂଲ୍ୟର ୩୫ଟି ପ୍ରକଳ୍ପର ଶିଳାନ୍ୟାସ ସହ ୮.୭୩ କୋଟି ଟଙ୍କା ମୂଲ୍ୟର ୬ଟି ପ୍ରକଳ୍ପର ଲୋକାର୍ପଣ କରାଯାଇଛି । ଏତଦବ୍ୟତୀତ ଅନୁଗୋଳ ଗସ୍ତକାଳରେ ଶ୍ରୀ ପ୍ରଧାନ ବଅଁରପାଳ ଅନ୍ତର୍ଗତ ତୁରଙ୍ଗ ଗ୍ରାମପଞ୍ଚାୟତରେ ନୂତନ ପଞ୍ଚାୟତ ଗୃହ, ତୁରଙ୍ଗ ତୁରଙ୍ଗ ଛକ ଠାରେ ନବନିର୍ମିତ ଯାତ୍ରୀ ବିଶ୍ରାମାଗାର ଏବଂ ଛେଣ୍ଡିପଦା ଠାରେ ବାଲିପଙ୍ଗା ରାଜସ୍ୱ ନୀରିକ୍ଷକଙ୍କ ନୂତନ କାର୍ଯ୍ୟାଳୟର ଉଦଘାଟନ କରିଥିଲେ ।

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆଇସିଡିଏସ ମାସିକ ସମୀକ୍ଷା ବୈଠକ

ଝାରସୁଗୁଡା, ୨୧/୩ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ସମନ୍ୱିତ ଶିଶୁ ବିକାଶ ସେବାର ଏକ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାରେ ଶିଶୁ ଏବଂ ଗର୍ଭବତୀ ମହିଳାମାନଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟ ଓ ପୋଷଣ ସେବାର ସ୍ଥିତି ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକ ପ୍ରାରମ୍ଭରେ 'ପୋଷଣ ଟ୍ରାକର' ଆପ୍ର ବ୍ୟବହାରକୁ ଅଧିକ କ୍ରିୟାଶୀଳ କରିବା ସହ ସମସ୍ତ ଆଙ୍ଗନବାଡ଼ି କେନ୍ଦ୍ରର ତଥ୍ୟକୁ ରିଅଲ୍-ଟାଇମ୍ ଭିତିରେ ଅପଡେଟ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ୬ ବର୍ଷରୁ କମ୍ ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କର ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। କୁପୋଷିତ ଶିଶୁମାନଙ୍କର ସ୍ୱତନ୍ତ୍ର ଟ୍ରାକିଂ ଏବଂ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସେବାର ଗୁଣାତ୍ମକ ମାନ ବୃଦ୍ଧି ଉପରେ ଜୋର ଦିଆଯାଇଛି ।ମିଶନ ସକ୍ଷମ ଅଙ୍ଗନବାଡ଼ି ଓ ପୋଷଣ ୨.୦ ନିର୍ଦ୍ଦେଶାବଳୀ ଅନୁସାରେ କୁପୋଷଣ ଦୂର କରିବା ପାଇଁ ରିଅଲ-ଟାଇମ ତଥ୍ୟ ଭର୍ତି ଓ ବୃଦ୍ଧି ନିରୀକ୍ଷଣ (ଓଜନ ମାପ) ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କୁହାଯାଇଛି। ଏହାସହ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ହିତାଧିକାରୀମାନଙ୍କୁ ସମୟାନୁସାରେ 'ଟେକ୍ ହୋମ୍ ରାସନ୍' ବଣ୍ଟନ ଏବଂ ଟିକାକରଣ ନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କୁପୋଷିତ ଶିଶୁମାନଙ୍କର ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରିବା ସହ ସେମାନଙ୍କର ଶାରୀରିକ ଓ ମାନସିକ ବିକାଶ ପାଇଁ ଅଧିକ ସମ୍ବେଦନଶୀଳ ହେବା ଆବଶ୍ୟକ ବୋଲି ବୈଠକରେ ପରାମର୍ଶ ଦିଆଯାଇଛି।

ଏହି ସମୀକ୍ଷା ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ପିଓ କମ୍ ପିଓ, ପିଓ ସଦର, ଡିସି ହବ୍, ଡିସି ମମତା, ଲେଡି ସୁପରଭାଇଜର ଏବଂ ସମସ୍ତ ବ୍ଲକର ସିଡିପିଓମାନେ ଉପସ୍ଥିତ ଥିଲେ। ଜିଲ୍ଲାର ସମସ୍ତ ଆଇସିଡିଏସ ପ୍ରକଳ୍ପରେ ଖାଲିଥିବା ଷ୍ଟାଫ୍ ପୋଷ୍ଟିଂ ଏବଂ ସେବାରେ ସ୍ୱଚ୍ଛତା ଆଣିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ନୂଆପଡ଼ା, ୨୧/୩ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଇତିହାସ ବିଭାଗ ଦ୍ୱାରା 'ଭାରତୀୟ ଭାଷା, ଜ୍ଞାନ ପରମ୍ପରା, ବିଜ୍ଞାନ ଏବଂ ଆନ୍ତଃବିଦ୍ୟା ପରିସରର ପୁନଃମୂଲ୍ୟାୟନ' ଶୀର୍ଷକରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ତଥା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅକ୍ଷୟ କୁମାର ସାହୁ ଏଥିରେ ସଭାପତିତ୍ୱ କରିବା ସହିତ ଭାରତୀୟ ଜ୍ଞାନ ପରମ୍ପରା ଓ ବିଜ୍ଞାନ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବରେ ଡକ୍ଟର ଫଣିନ୍ଦମ ଦେଓ ଯୋଗଦେଇ ଭାରତୀୟ ଜ୍ଞାନ ପରମ୍ପରା, ଭାଷା ଓ ସଂସ୍କୃତିର ପୁନର୍ମୂଲ୍ୟାୟନ ସଂପର୍କରେ ଅବଗତ କରାଇଥିଲେ। ବିଷୟ ବିଶେଷଜ୍ଞ ଭାବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଅତୁଲ ପ୍ରଧାନ ଯୋଗଦେଇ ଭାରତୀୟ ଭାଷା, ସଂସ୍କୃତି ଏବଂ ବିଜ୍ଞାନ: ହରପ୍ପା ସଭ୍ୟତାରୁ ବୈଦିକ ଯୁଗ ପର୍ଯ୍ୟନ୍ତ ବିଷୟରେ ଆଲୋଚନା କରିଥିଲେ। ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ସହକାରୀ ପ୍ରଫେସର ଡକ୍ଟର ନଳିନୀକାନ୍ତ ରଣା ଭାରତୀୟ ଜ୍ଞାନ ପରମ୍ପରାରେ ନିରନ୍ତରତା ଏବଂ ପରିବର୍ତ୍ତନ: ପ୍ରାକ୍ ଐତିହାସିକ ଜୀବିକା ନିର୍ବାହଠାରୁ ମୃତିକା ପାତ୍ର ନିର୍ମାଣ କଳା ପର୍ଯ୍ୟନ୍ତ ବିଷୟରେ, ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ରଣବୀର ସିଂ ଭାରତୀୟ ପ୍ରତ୍ନତତ୍ତ୍ୱ ଓ ପ୍ରତ୍ନମାପବିଜ୍ଞାନ ବିଷୟରେ ଏବଂ ସରକାରୀ ମହାବିଦ୍ୟାଳୟ ବଲାଙ୍ଗିରର ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଶ୍ରୀକାନ୍ତ କୁମାର ବାରିକ ଓଡ଼ିଆ ଭାଷାର ଶାସ୍ତ୍ରୀୟ ଉତ୍ସ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଲୋଚନାଚକ୍ରର ଆବାହକ ଅଧ୍ୟାପକ କୁନାଲ କୁମାର ବାଗ ଏହି ସମ୍ମାନ ତଥା କର୍ମଶାଳାର ଆଭିମୁଖ୍ୟ ଓ ଅଭିଲକ୍ଷ୍ୟ ସଂପର୍କରେ ବିସ୍ତୃତ ଭାବରେ ଅବଗତ କରାଇଥିଲେ। ଅଧ୍ୟାପକ ଟିକେଶ୍ୱର ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ଡକ୍ଟର ସୁବାସ ବିଶ୍ୱାଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ଆଦିବାସୀ ଜୀବନ ଓ ସଂସ୍କୃତି ଉପରେ ଆଧାରିତ ଡକ୍ଟର ପରମତାପ ପ୍ରଧାନ ଏବଂ ଡକ୍ଟର ଶ୍ରୀକାନ୍ତ କୁମାର ବାରିକଙ୍କ ଦ୍ୱାରା ସଂପାଦିତ ପୁସ୍ତକ ଲୋକାର୍ପିତ ହୋଇଥିଲା। ପ୍ରଫେସର ଅତୁଲ ପ୍ରଧାନ ପ୍ରାଚୀନ କାଳର ମୂଲ୍ୟବାନ ପ୍ରସ୍ତର ଏବଂ ତା'ର ବ୍ୟାବହାରିକ ଦିଗ ସମ୍ପର୍କରେ ପ୍ରଶିକ୍ଷଣ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ତଥା ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଗବେଷକ ଗବେଷିକା ଉପସ୍ଥିତ ରହି ପୋଷ୍ଟର ଉପସ୍ଥାପନା କରିଥିଲେ।

# ରାଉରକେଲାର ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟି (ଟୋଲିକ୍) ବୈଠକ ଅନୁଷ୍ଠିତ




ରାଉରକେଲା, ୨୧/୩ (ନି.ପ୍ର): ରାଉରକେଲାର ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟି (ଟୋଲିକ୍) ର ଅର୍ଦ୍ଧବାର୍ଷିକ ବୈଠକ ମାର୍ଚ୍ଚ ୨୦ ତାରିଖ ଦିନ ରାଉରକେଲା କ୍ଲବରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏହି ଅଞ୍ଚଳରେ ଅବସ୍ଥିତ କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ/ବିଭାଗ, କାର୍ଯ୍ୟାଳୟ, ସରକାରୀ ଉଦ୍ୟୋଗ, ବ୍ୟାଙ୍କ, ବୀମା କମ୍ପାନୀ, ପ୍ରତିଷ୍ଠାନ ଇତ୍ୟାଦିର ପ୍ରତିନିଧିମାନେ ଯୋଗ ଦେଇଥିଲେ।

ଏହି କାର୍ଯ୍ୟାକ୍ରମରେ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ଖଣି ଉନ୍ନୟନ-ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି. କେ. ଗିରି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ କୋଲକାତା ସ୍ଥିତ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧିନସ୍ଥ ରାଜଭାଷା (କାର୍ଯ୍ୟାନ୍ୱୟନ) ର ଉପନିର୍ଦ୍ଦେଶକ ଡକ୍ଟର ବିଚିତ୍ରସେନ ଗୁପ୍ତା ଏବଂ ଆରଏସପି ଲୋକସମ୍ପର୍କ ବିଭାଗର ଜିଏମ ତଥା ସଂଚାର ମୁଖ୍ୟ ଏବଂ ଟୋଲିକର ସଦସ୍ୟ ସଚିବ ଶ୍ରୀମତୀ ଅର୍ଚ୍ଚନା ସତପଥୀ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ବିଏସଏନଏଲ ର ଜିଏମ ଶ୍ରୀ କେ.ଏନ୍. ରାୟ, ଏନଆଇଟି ରାଉରକେଲାର କୁଳସଚିବ ଶ୍ରୀ ରୋହନ ଧିମାନ, କେନ୍ଦ୍ରୀୟ ଉତ୍ପାଦ ଶୁଳ୍କର ସହକାରୀ ନିର୍ଦ୍ଦେଶକ ଶ୍ରୀ କେ.କେ. ସିଂହ, ସିଆଇଏସଏଫ ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଶ୍ରୀ ଦୟାଲ ରାମ, ମୁଖ୍ୟ ଡାକଘର ଅଧୀକ୍ଷକ ଶ୍ରୀ ଶ୍ୟାମ ସୁନ୍ଦର ମହାରଣା ଏବଂ ବିଭିନ୍ନ କେନ୍ଦ୍ରୀୟ ସରକାରୀ/ପିଏସୟୁ ସଂଗଠନ ଯଥା ରାଉରକେଲା ଇସ୍ପାତ କାରଖାନା, ସିଆଇଏସଏଫ, ବିଏସଏନଏଲ, ଇଏସଆଇସି ହସ୍ପିଟାଲ, କେନ୍ଦ୍ରୀୟ ବିଦ୍ୟାଳୟ, ରାଉରକେଲା, ଜବାହାର ନବୋଦୟ ବିଦ୍ୟାଳୟ, ଦେବଗଡ଼, ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ, କେନ୍ଦ୍ରୀୟ ଜଳ ଆୟୋଗ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଡିଟିଏନବିଡବ୍ଲୁଇଡି, ଏନଆଇଟି, ରାଉରକେଲା, ପାୱାର ଗ୍ରୀଡ୍, ଇପିଏଫଓ, ଏଲଆଇସି, ମୁଖ୍ୟ ଡାକଘର, ଦୂରଦର୍ଶନ, କେନ୍ଦ୍ରୀୟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମେକନ୍, କାନାରା ବ୍ୟାଙ୍କ, ସେଲ୍- ବିଏସଓ ଏବଂ ସେଲ୍-ସିଇଟି ଇତ୍ୟାଦିର ୩୦ ରୁ ଊର୍ଦ୍ଧ୍ୱ ଅଧିକାରୀ ଯୋଗ ଦେଇଥିଲେ।

ଶ୍ରୀ ଗିରି ତାଙ୍କ ବକ୍ତବ୍ୟରେ, "ହିନ୍ଦୀ ହେଉଛି ଏକ ହାରର ମଣି ପରି, ଯାହା ଭାରତର ବିଭିନ୍ନ ଭାଷା ଏବଂ ସଂସ୍କୃତିକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଛି। ହିନ୍ଦୀ ଅନ୍ତର୍ଭୁକ୍ତିର ଏକ ଅସାଧାରଣ ଶକ୍ତି ଅଛି ଏବଂ ଏହା ପ୍ରକୃତରେ ଅନେକ ପରିବର୍ତ୍ତନକୁ ଗ୍ରହଣ କରିଛି" ବୋଲି ଉଲ୍ଲେଖ କରିଥିଲେ।

ଏହି ଅବସରରେ ଡକ୍ଟର ଗୁପ୍ତା ହିନ୍ଦୀକୁ ରାଜଭାଷା ଭାବରେ ବ୍ୟବହାର କରିବା ସହିତ ଜଡିତ ବିଭିନ୍ନ ବୈଧାନିକ ଧାରା ଉପରେ ଆଲୋଚନା କରିଥିଲେ। ସେ ସଦସ୍ୟମାନଙ୍କୁ ହିନ୍ଦୀରେ କାର୍ଯ୍ୟ ପରିମାଣ ବୃଦ୍ଧି କରିବାକୁ ଏବଂ ନିର୍ଦ୍ଦେଶାବଳୀ ଅନୁସାରେ ନୋଟିଂ ଏବଂ ସମୟୋଚିତ ରିପୋର୍ଟିଂ ଢାଞ୍ଚାରେ ଉନ୍ନତି ଆଣିବାକୁ ପରାମର୍ଶ ଦେଇଥିଲେ। ସେ ବିଭିନ୍ନ ସଦସ୍ୟ ସଂଗଠନର ରିପୋର୍ଟ ଗୁଡିକର ସମୀକ୍ଷା ମଧ କରିଥିଲେ।

ଶ୍ରୀମତୀ ଅର୍ଚ୍ଚନା ଶତପଥୀ ତାଙ୍କ ସ୍ୱାଗତ ଭାଷଣରେ ଦୈନନ୍ଦିନ କାର୍ଯ୍ୟରେ ହିନ୍ଦୀର ବ୍ୟବହାର ଏବଂ ପ୍ରାଚୁର୍ଯ୍ୟତାକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସଦସ୍ୟ ସଂଗଠନଗୁଡ଼ିକୁ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ରାଜଭାଷା ନିର୍ଦ୍ଦେଶାଳୟର ମାର୍ଗଦର୍ଶିକା ପାଳନ କରିବାକୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ସଦସ୍ୟ ସଂଗଠନର ପ୍ରତିନିଧିମାନେ ସେମାନଙ୍କର ସଂକ୍ଷିପ୍ତ କାର୍ଯ୍ୟକଳାପ ରିପୋର୍ଟ ମଧ ଉପସ୍ଥାପନ କରିଥିଲେ ଏବଂ ରାଜଭାଷା ପାଇଁ ସେମାନଙ୍କର ମୂଲ୍ୟବାନ ଅଭିଜ୍ଞତା ସହ ପରାମର୍ଶ ବାଣ୍ଟିଥିଲେ। ଆରଏସପି ର ରାଜଭାଷା ଅଧିକାରୀ ସୁଶ୍ରୀ ଲୋଲାଟି ଟପ୍ପୋ ବିଗତ ବର୍ଷର ବିବରଣୀ ଉପରେ ଆଧାରିତ ଅନୁପାଳନ ରିପୋର୍ଟ ଉପସ୍ଥାପନ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

ଶେଷରେ, ଏନଆଇଟି ରାଉରକେଲାର ଶ୍ରୀ ରବି ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମଟି ରାଉରକେଲା ଇସ୍ପାତ କାରଖାନାର ରାଜଭାଷା ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା।

# କାଳ ବୈଶାଖୀ, ଅଂଶୁଘାତ ଓ ଅନ୍ୟାନ୍ୟ ଦୁର୍ବିପାକ ପାଇଁ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୨୧/୩ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ଆଗାମୀ ଗ୍ରୀଷ୍ମତାପ, ଅଂଶୁଘାତ, କାଳ ବୈଶାଖୀ ଓ ଅନ୍ୟାନ୍ୟ ଦୁର୍ବିପାକ ପାଇଁ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭର୍ଚୁଆଲ ମାଧ୍ୟମରେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ଥିବା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଅଂଶୁଘାତ ପାଇଁ ଆଇଏମ୍‌ଡି ତରଫରୁ ବୈଜ୍ଞାନିକ ମନୋରମା ମହାନ୍ତି ସନ୍ଦର୍ଭ ଉପସ୍ଥାପନ କରିଥିଲେ। ପରେ ଏସ୍‌ଆର୍‌ସିଙ୍କ ସନ୍ଦର୍ଭର ପ୍ଲାନ ଉପରେ ଆଲୋଚନା କରାଯାଇଥିଲା। ସକାଳ ୧୧ଟାରୁ ଦିନ ୩ଟା ୩୦ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ସମୟରେ ବସ୍, ଟ୍ରକ୍, ଟ୍ରେକର, ଅଟୋ ଏବଂ ଯାତ୍ରୀବାହୀ ସମସ୍ତ ଗାଡ଼ି ଓ ମାଲଗାଡ଼ିଗୁଡ଼ିକ ଉପରେ କଟକଣା ଜାରି କରାଯାଇଛି। ଯାତ୍ରୀମାନଙ୍କୁ ନେଇ ଯାତାୟତ କରୁଥିବା ସମସ୍ତ ଗାଡ଼ିଗୁଡ଼ିକ ଯାତ୍ରୀଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବେ। ଏଥିସହିତ ଜିଲ୍ଲାର ବିଭିନ୍ନ ଗ୍ରାମାଂଚଳରେ ଥିବା ପାନୀୟ ଜଳ ସମସ୍ୟା ସ୍ଥାନମାନଙ୍କରେ ଟ୍ୟାଙ୍କର ଯେଗେ ପାନୀୟ ଜଳ ଯୋଗାଇବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତ ରୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯାଇଛି। କାଳ ବୈଶାଖୀ ପାଇଁ ବିଦ୍ୟୁତ୍ ବିଭାଗ କ୍ଷତିଗ୍ରସ୍ତ ହୋଇଥିବା ଅଂଚଳରେ ତୁରନ୍ତ ସେବା ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମତାପ ଦେଖି ଜିଲ୍ଲାପାଳଙ୍କୁ ସ୍କୁଲ କଲେଜ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ କରିବା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ଜିଲ୍ଲାପାଳ ଗ୍ରୀଷ୍ମତାପ ଓ ଅଂଶୁଘାତ ଜନିତ ସମସ୍ୟାକୁ ଉପଲବ୍ଧ କରି ନିଜେ ପଦକ୍ଷେପ ନେଇପାରିବେ ବୋଲି ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆୟୋଜିତ ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଏଡିଏମ୍ଓ ସଚ୍ଚିଦାନନ୍ଦ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଳିକ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜରୁରୀକାଳୀନ ଅଧିକାରୀ ନିତ୍ୟାରଞ୍ଜନ ସାମଲ, ଅଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରରେ ମାଲକାନଗିରି ପୋଲିସର ସଫଳତା

ମାଲକାନଗିରି, ୨୧/୩ (ନି.ପ୍ର): ଗଞ୍ଜେଇ ଚାଲାଣ ବିରୁଦ୍ଧରେ ଉଲ୍ଲେଖନୀୟ କାର୍ଯ୍ୟାନୁଷ୍ଠାନ ପାଇଁ ମାଲକାନଗିରି ଜିଲ୍ଲାକୁ ଓଡ଼ିଶାର ତୃତୀୟ ଶ୍ରେଷ୍ଠ ଜିଲ୍ଲା ଭାବରେ ସ୍ଥାନ ମିଳିଛି। ଏକ ସ୍ୱତନ୍ତ୍ର ଉତ୍ସବରେ, ଡିଜିପି, ଜିଲ୍ଲାରେ ସର୍ବୋତମ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ସେମାନଙ୍କର ଅସାଧାରଣ ସାହସିକତା ଏବଂ ରାଜ୍ୟକୁ ନିଶାମୁକ୍ତ କରିବା ପାଇଁ ପ୍ରତିବଦ୍ଧତା ପାଇଁ ପୁରସ୍କୃତ କରିଛନ୍ତି।

# ସ୍ୱାଧୀନତା ସଂଗ୍ରାମୀ ଲାଲମୋହନ ମହାନ୍ତଙ୍କର ଜନ୍ମଦିବସ ପାଳିତ



ବୈଶିଙ୍ଗା , ୨୧/୩ (ନି.ପ୍ର): ସୁନାମ ଧନ୍ୟ ଝୁମର ବିଶାରଦ, ସ୍ୱାଧୀନତା ସଂଗ୍ରାମୀ ଲାଲମୋହନ ମହାନ୍ତଙ୍କର ୮୬ ତମ ଜନ୍ମ ଦିବସ ଉପଲକ୍ଷେ 'ଝୁମର ବିଶାରଦ-ସ୍ୱାଧୀନତା ସଂଗ୍ରାମୀ ଲାଲମୋହନ ମହାନ୍ତ ଜୟନ୍ତୀ ପାଳନ କମିଟି', ବେତନଟୀ, ମୟୂରଭଞ୍ଜ ପକ୍ଷରୁ 'ଲାଲମୋହନ ମହାନ୍ତଙ୍କର ଦେଶ ପ୍ରେମ, ସମାଜ ସେବା ଓ ଝୁମର ଜଗତ ପ୍ରତି ଅବଦାନ'ପ୍ରସଙ୍ଗରେ ଏକ ଆଲୋଚନା ଚକ୍ର ରାଷ୍ଟ୍ରୀୟ ନବ ବର୍ଷ ୧୯. ୦୩. ୨୦୨୬ ଗୁରୁବାର ଦିନ ଅପରାହ୍ନ ୩ଘଟିକା ୩୦ ମିନିଟ ସମୟରେ ରେଣୁଗାଁ ସ୍ଥିତ ଲାଲମୋହନ ମହାନ୍ତଙ୍କର ବାସ ଭବନ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଜୟନ୍ତୀ କମିଟିର ଆବାହକ ଡ଼କ୍ଟର ରମାକାନ୍ତ ମହାନ୍ତଙ୍କର ସଭାପତିତ୍ୱରେଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବରେ ସିଭିଲ ସୋସାଇଟିର ସମ୍ପାଦକ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି କହିଲେ ଲାଲମୋହନ ମହାନ୍ତଙ୍କର ବହୁମୁଖୀ ପ୍ରତିଭାରେ ମୁଗ୍ଧହୋଇ ସିଭିଲ ସୋସାଇଟି ପକ୍ଷରୁ ସମ୍ମାନିତ କରିଥିଲେ । ସମ୍ମାନିତ ଅତିଥି ଭାବରେ ସରସ୍ୱତୀ ଶିଶୁ ମନ୍ଦିର ବେତନଟୀର ପ୍ରଧାନ ଆଚାର୍ଯ୍ୟ ପଣ୍ଡିତ ଲକ୍ଷ୍ମୀଧର ବାରିକ, କୁଡୁମାଲୀ କାଲ ଚୁରାଲ ଏସୋସିଏସନର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, ସ୍ୱତନ୍ତ୍ର ଅତିଥି ଭାବେ ଆନନ୍ଦ ମାର୍ଗ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ପ୍ରଧାନ , ମୁଖ୍ୟ ବକ୍ତା ଭାବରେ ଅଖିଳ ଭାରତୀୟ ବହୁ ଭାଷୀ ସାହିତ୍ୟ ପରିଷଦ କବି ସଙ୍ଗମର ସଭାପତି ଆଶୁ କବି ବାସୁଦେବ ନାପିତ କହିଲେ ଲାଲମୋହ ମହାନ୍ତ ଜଣେ ନିସ୍ୱାର୍ଥପର ସମାଜ ସେବୀ ଏବଂ ଭଲ ସାମାଜିକ ସଂଗଠକ , ସମ୍ମାନିତ ବକ୍ତା ଭାବରେ ବିଶ୍ୱ ଜାଗରଣ ଝୁମର ପ୍ରତିଷ୍ଠାନ ମଗୁସିରିଆର ସମ୍ପାଦକ ଚକ୍ରଧର ମହାନ୍ତ, ଝୁମର ଗୁରୁ କ୍ଷୀରୋଦ ଚନ୍ଦ୍ର ମହାନ୍ତ, ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଅବସର ପ୍ରାପ୍ତ ଫୋରମ୍ୟାନ ଚୁନୁରାମ ମହାନ୍ତ,ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ମଞ୍ଜରୀ ମହାନ୍ତ, ପ୍ରମୁଖ ଯୋଗଦାନ କରି ଲାଲମୋହନ ମହାନ୍ତଙ୍କର ତ୍ୟାଗ ସେବା ଓ ବହୁମୁଖି ପ୍ରତିଭା ବିଷୟରେ ମତବ୍ୟକ୍ତ କରିଥିଲେ । ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଜୟନ୍ତୀ କମିଟିର ସଂଯୋଜକ ପ୍ରଭାତ ରଞ୍ଜନ ମହାନ୍ତ । ପ୍ରାରମ୍ଭରେ ଝୁମର ଗାୟିକା ରିତାରାଣୀ ମହାନ୍ତ ଲାଲମୋହନ ମହାନ୍ତଙ୍କ ରଚିତ ଅନେକ ଝୁମରଗୀତ ପରିବେଷଣ କରିଥିଲେ, ବାଦ୍ୟରେ ସହଯୋଗ କରିଥିଲେ ରଣଜିତ ମହାନ୍ତ ଏବଂ ଖଗେଶ୍ୱର ମହାନ୍ତ । ଅଧକ୍ଷୀୟ ବକ୍ତବ୍ୟ ପ୍ରଦାନ କରି ଡ଼କ୍ଟର ରମାକାନ୍ତ ମହାନ୍ତ କହିଲେ ଯେ ୧୯୭୫ ମସିହାରେ ଜରୁରୀକାଳୀନ ପରିସ୍ଥିତିରେ ତତ୍କାଳୀନ ସରକାର ଯାହାଙ୍କୁ ୨ ବର୍ଷ କାରାଗାରରେ ବନ୍ଦୀ କରି ରଖିଥିଲେ,୫୦ ବର୍ଷ ପରେ ତାଙ୍କୁ ଭାରତ ସରକାର ମାସକୁ କୋଡିଏ ହଜାର ଟଙ୍କା ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପ୍ରଦାନ କରିବା ଏକ ସ୍ମରଣୀୟ ଏବଂ ଉଲ୍ଲେଖନୀୟ ଘଟଣା । ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ସାମ୍ବାଦିକ ଗତିକୃଷ୍ଣ ମହାନ୍ତ । ଝୁମର ନୃତ୍ୟ ଶିକ୍ଷୀ ନିହାରିକା ମହାନ୍ତଙ୍କ ନୃତ୍ୟ ନିର୍ଦ୍ଦେଶନାରେ ସାନ୍ଧ୍ୟ ଝୁମର ନୃତ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଶତାଧିକ ଝୁମର ପ୍ରେମୀ ଯୋଗଦାନ କରି ଲାଲ ମୋହନ ମହାନ୍ତଙ୍କର ଦୀର୍ଘ ନିରାମୟ ସୁଖୀ ଜୀବନ କାମନା କରିଥିଲେ।

# ମୁରବି ଶୂନ୍ୟ ହେଲା ବସ୍ତା ନିର୍ବାଚନ ମଣ୍ଡଳୀ



ବସ୍ତା , ୨୧/୩ (ନି.ପ୍ର): ସାରା ରାଜ୍ୟ ରେ ରାଜ୍ୟସଭା ରେ କ୍ରସ ଭୋଟିଙ୍ଗକୁ ନେଇ ତୁମ୍ଭି ତୋଫାନ ଜାରି ରହିଥିବା ବେଳେ, ଆଜି ଅପରାହ୍ନ ରେ ବିଜୁ ଜନତା ଦଳ ର ସୁପ୍ରିମୋ ନବୀନ ପଟନାୟକ ଦଳର ଛଅ ଜଣ ବିଧାୟକ / ବିଧାୟିକା ଙ୍କୁ ଦଳରୁ ସସ୍ପେଣ୍ଡ କରିଛନ୍ତି। ଏହି ଛଅ ଜଣ ବିଧାୟକ / ବିଧାୟିକାଙ୍କ ମଧ୍ୟରେ ରହିଛନ୍ତି ବସ୍ତା ବିଧାୟିକା ସୁବାସିନୀ ଜେନା। ବସ୍ତା ନିର୍ବାଚନ ମଣ୍ଡଳୀ ମଧ୍ୟରେ ବସ୍ତା ଓ ବାଲିଆପାଳ ବ୍ଲକ ଥିବା ବେଳେ ବସ୍ତା ରେ ଅନିଲ କୁମାର ମହାନ୍ତି ଏବଂ ବାଲିଆପାଳ ରେ ଗୋବିନ୍ଦ ଦାସ ଦଳ ର ମଙ୍ଗ ଧରିଥିଲେ। ତେବେ ଗତ ୧୧ ତାରିଖ ବିଜୁ ଜନତା ଦଳ ର ଜିଲ୍ଲା ମଙ୍ଗୁଆଳ ଥିବା ବସ୍ତା ବିଧାୟିକା ଙ୍କ ସ୍ୱାମୀ ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ବିଜୁ ଜନତା ଦଳ କୁ ବାୟ ବାୟ କରି ଭାରତୀୟ ଜନତା ପାର୍ଟି ରେ ଯୋଗ ଦାନ କରିଥିଲେ। ତାଙ୍କ ସହ ବସ୍ତା ବ୍ଲକ ର ବିଜୁଜନତା ଦଳ ର ଚେୟାରମେନ, କିଛି ସରପଞ୍ଚ, ସଦଶ୍ୟ, ବାଲିଆପାଳ ବ୍ଲକ ର ବ୍ଲକ ସଭାପତି ଗୋବିନ୍ଦ ଦାସ ଙ୍କ ସହ କିଛି ସରପଞ୍ଚ, ସଦସ୍ୟ, ନେତୃତ୍ୱ ମଣ୍ଡଳୀ ବିଜେପି ରେ ଯୋଗ ଦାନ କରିଥିଲେ। ଏସବୁ ଘଟଣା ପରେ ରାଜ୍ୟସଭା ନିର୍ବାଚନ ରେ ବିଧାୟିକା ସୁବାସିନୀ ଜେନା ବିଜେପି ସମର୍ଥିତ ପ୍ରାର୍ଥୀ କୁ ଭୋଟ ଦେଇଥିବା ନେଇ ସାରା ରାଜ୍ୟ ରେ କମ୍ପନ ସୃଷ୍ଟି ହୋଇଥିଲା। ଏପରିକି ବାଲେଶ୍ୱର ରେ ପୂର୍ବତନ ବିଧାୟକ ସ୍ୱରୂପ ଦାସ ଙ୍କ ଦ୍ୱାରା ବସ୍ତା ବିଧାୟିକା ଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏବଂ ଭୁବନେଶ୍ୱର ରେ ବିଧାୟିକା ଙ୍କ ବାସଭବନକୁ ଘେରିଥିଲେ ବିଜୁଜନତା ଦଳ ର କର୍ମୀମାନେ। ହେଲେ ବିଧାୟିକା ଙ୍କ ନିର୍ବାଚନ ମଣ୍ଡଳି ବସ୍ତା ରେ ସେପରି କିଛି ହୋଇନଥିଲା। ଗଣମାଧ୍ୟମ ଠାରୁ ସୋସିଆଲ ମିଡ଼ିଆ ରେ ଅନେକ ଚର୍ଚ୍ଚା ଚାଲିଥିବା ବେଳେ,ଆଜି ବିଜୁଜନତା ଦଳ ର ସୁପ୍ରିମୋ ଦଳ ବିରୋଧୀ କାର୍ଯ୍ୟ ପାଇଁ ଛଅ ଜଣ ବିଧାୟକ / ବିଧାୟିକାଙ୍କୁ ଦଳ ରୁ ନିଲମ୍ବନ କରିଛନ୍ତି। ତେବେ ବିଧାୟିକା ଙ୍କ ନିଲମ୍ବନ କୁ ନେଇ ବସ୍ତା ବ୍ଲକ ର ସଭାପତି ଅନିଲ କୁମାର ମହାନ୍ତି ,ଯୁବ ସାଧାରଣ ସମ୍ପାଦକ ନୃସିଂହ ଚରଣ ଦାସ, ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ରାଜେଶ କୁମାର ଗିରି ନିଜ ନିଜର ପଦବୀ ସହିତ ଦଳର ପ୍ରାଥମିକ ସଦଶ୍ୟ ରୁ ଇସ୍ତଫା ଦେଇଛନ୍ତି ।ଫଳରେ ବିଜୁ ଜନତା ଦଳ ବସ୍ତା ନିର୍ବାଚନ ମଣ୍ଡଳୀ ରେ ୪୦ ବର୍ଷ ର ଶାସନ ପରେ ମୁରବି ଶୂନ୍ୟ ହୋଇ ପଡ଼ିଛି। ତେବେ ବସ୍ତା ଓ ବାଲିଆପାଳ ବ୍ଲକ ର ବିଜୁଜନତା ଦଳ ର କିଏ ହେବ ମଙ୍ଗୁଆଳ ତାହାକୁ ନେଇ ସାଧାରଣ ରେ ଚର୍ଚ୍ଚା ଜୋର ଧରିଛି।

# ଅବକାରୀ ଚଢ଼ଉ : ଦୁଇ ଦିନରେ ୫ ଗିରଫ

ଝାରସୁଗୁଡା, ୨୧/୩ (ନି.ପ୍ର): ଝାରସୁଗଡା ଓ ଏହାର ଆଖପାଖ ଅଂଚଳରେ ଗତ ଦୁଇ ଦିନ ମଧ୍ୟରେ ଜିଲା ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନ ଯଥା- ସୁଲେହି, ନକ୍ସାପାଲି, ବାଙ୍କୀ, ପରମାନପୁର, ରେଙ୍ଗାଲପାଲି, ବଡସରୁଆ (ଗୁଜାପାହାଡ଼) ଆଦି ଅଂଚଳରେ ଚଢ଼ଉ କରି ମୋଟ୍ ୭୬୦୦ କେଜି ମହୁଲ ପୋଚ, ୨୦୯ ଲିଟର ଦେଶୀ ମଦ, ଅବକାରୀ ସାମଗ୍ରୀ ଜବତ କରାଯାଇଛି। ମାମଲାରେ ସମ୍ପୃକ୍ତ ସୁଲେହି ଗ୍ରାମର ମମତା ବେହେରା(ମହିଳା), ନକ୍ସାପାଲି(ମୁଣ୍ଡାପଡା) ଗ୍ରାମର ଶଙ୍କର ମୁଣ୍ଡା, ପରମାନପୁର ଗ୍ରାମର କ୍ଷୀରୋଦ କିସାନ ଓ ରେଙ୍ଗାଲପାଲି ଗ୍ରାମର ସୁରେଶ ବଲୁଆକୁ ଗିରଫ କରି କୋର୍ଟଚାଲାଣ କରାଯାଇଅଛି । ଆହୁରି ମଧ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା, ଝାରସୁଗୁଡା ତରଫରୁ ଝାରସୁଗୁଡା ରେଳଷ୍ଟେସନ ଅଂଚଳରେ ଚଢ଼ଉ କରି ୮ କେଜି ୫୦୦ ଗ୍ରାମ ପରିମାଣର ଗଞ୍ଜେଇ ଜବତ କରାଯାଇଥିବା ବେଳେ ମାମଲାରେ ସମ୍ପୃକ୍ତ ଜୋରାବଗା (ଗୁମାଡେରା) ଅଂଚଳର ଶ୍ରୀରାମ କୁମାରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୨ ମାର୍ଚ୍ଚ ୨୦୨୬
email : rabibarachayan2015@gmail.com

ରବିବାର ଚୟନ
ପୃଷ୍ଠା ୩
......ସୁଚୟନ ସୁଚୟନ ସୁଚୟନ......
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର



# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

## ୨୯ ଭଦ୍ରମହିଳା ପଟାଚ୍ଛରା (କ)

ମାତ୍ର ସେ ମନା କଲେ। ସ୍ୱାମୀ ତାଙ୍କ ପଛେପଛେ ଚାଲିଲେ। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପଟାଚ୍ଛରା ଗର୍ଭଯନ୍ତ୍ରଣା ଅନୁଭବ କଲେ ଏବଂ ପୁତ୍ର ସନ୍ତାନଟିଏ ଜନ୍ମଦେଲେ। ତତ୍ପରେ ସେ ଭାବିଲେ, "ଏବେ ମୋ ବାପାମାଆଙ୍କ ଘରକୁ ଯିବାର କୌଣସି ଅର୍ଥ ନାହିଁ।" ତେଣୁ ସ୍ୱାମୀଙ୍କ ସହିତ ତାଙ୍କ ଘରକୁ ଫେରିଆସିଲେ।

କିଛିଦିନ ପରେ ସେ ପୁନର୍ବାର ଏକ ସନ୍ତାନ ଜନ୍ମଦେବାକୁ ଚାହିଁଲେ। ଠିକ୍ ପୂର୍ବ ପରି ଯେତେବେଳେ ସ୍ୱାମୀ ଘରେ ନଥିଲେ, ସେତେବେଳେ ସେ ତାଙ୍କ ବାପାମା'ଙ୍କ ଘରକୁ ଚାଲିଯାଇଥିଲେ।

ତାଙ୍କ ସ୍ୱାମୀ ତାଙ୍କ ପଛେପଛେ ଯାଇ ତାଙ୍କୁ ଘରକୁ ଫେରିଯିବାକୁ ଅନୁରୋଧ କଲେ। ମାତ୍ର ସେ ଫେରିବାକୁ ମନା କରିବାରୁ ପୂର୍ବପରି ତାଙ୍କ ପଛେପଛେ ଚାଲିଲେ।

ସେମାନେ ଯିବା ସମୟରେ ଏକ ଭୟଙ୍କର ଝଡ଼ ଆସିଲା। ଆକାଶ ବିଜୁଳି ଚମକରେ ଝଲସିଗଲା। ପ୍ରବଳ ପବନ ଓ ପ୍ରବଳ ବର୍ଷା ହେଲା। ତତ୍ପରେ ପଟାଚ୍ଛରା ସ୍ୱାମୀଙ୍କୁ କହିଲେ, "ପ୍ରିୟ, ମୋର ପ୍ରସବ ଯନ୍ତ୍ରଣା ହେଲାଣି। ମୁଁ ଏହାକୁ ସହ୍ୟ କରିପାରୁନାହିଁ। ବର୍ଷାରୁ ରକ୍ଷା ପାଇଁ ମୋ ନିମନ୍ତେ ଏକ ସୁରକ୍ଷିତ ସ୍ଥାନ ଖୋଜ।"

ତାଙ୍କ ସ୍ୱାମୀଙ୍କ ପାଖରେ ଏକ କୁରାଢ଼ି ଥିଲା। ସେ ଏହାକୁ ନେଇ ପ୍ରବଳ ବର୍ଷାରେ ସ୍ତ୍ରୀଙ୍କ ପାଇଁ ଆଶ୍ରୟଟିଏ ତିଆରି କରିବାକୁ କିଛି କାଠ ଓ ପତ୍ର ଖୋଜିଲେ। ଏକ ଉଇହୁଙ୍କା ଉପରେ ବଢ଼ିଥିବା ବୁଦାଟିଏକୁ ଦେଖି ତାକୁ କାଟିବାକୁ ସେଠାକୁ ଗଲେ। ବୁଦାଟିକୁ କାଟିବାକୁ ଦି'ଚାରି ଚୋଟ ଦେଇଚନ୍ତି କି ନାହିଁ ଏକ ବିଷାକ୍ତ ସାପ ହୁଙ୍କାରୁ ବାହାରି ତାଙ୍କୁ କାମୁଡ଼ି ଦେଲା। ସଙ୍ଗେସଙ୍ଗେ ସେ ତଳେ ପଡ଼ି ମୃତ୍ୟୁବରଣ କଲେ।

ପଟାଚ୍ଛରା ତାଙ୍କ ସ୍ୱାମୀଙ୍କୁ ଅପେକ୍ଷା କରି ରହିଲେ। ତାଙ୍କର ଯନ୍ତ୍ରଣା ଆହୁରି ତୀବ୍ର ହେଲା



ଏବଂ ପୁତ୍ରସନ୍ତାନଟିଏକୁ ଜନ୍ମଦେଲେ। ଏବେ ଦୁଇଟି ସନ୍ତାନ, ବର୍ଷା, ପବନ ଓ ଥଣ୍ଡାକୁ ସହ୍ୟ କରି ନପାରି ଖୁବ୍ ଜୋର୍‌ରେ ଚିତ୍କାର କରିବାକୁ ଲାଗିଲେ। ମାଆ ଜଣକ ନିରୂପାୟ ଥିଲେ। ସେ ପିଲାମାନଙ୍କୁ କୋଳରେ ଧରି ତାଙ୍କୁ ହାତ ଓ ଆଣ୍ଠୁରେ ଚାପି ରଖି ସାରାରାତି ଉଜାଗରରେ ବିତାଇଲେ।

ପରଦିନ ଅତି ସକାଳେ ସେ ନବଜାତ ପୁଅଟିକୁ ଧରିଲେ, ଯିଏ ଦେଖାଯାଉଥିଲା ଏକ ମାଂସପିଣ୍ଡୁଳା ପରି; ତାକୁ ନିଜ ଅଣ୍ଟା ଉପରେ ରଖିଲେ; ବଡ଼ପୁଅକୁ ନିଜର ଗୋଟିଏ ଆଙ୍ଗୁଠି ଧରାଇ କହିଲେ, "ଆରେ ଧନ, ତୋର ବାପା ଆମକୁ ଛାଡ଼ି ଚାଲିଯାଇଛନ୍ତି।" ପୂର୍ବ ରାସ୍ତା ଦେଇ ସେ ଆଗକୁ ଚାଲିଲେ। ଯେତେବେଳେ ସେ ଉଇହୁଙ୍କା ନିକଟରେ ପହଞ୍ଚିଲେ ଦେଖିଲେ ତାଙ୍କ ସ୍ୱାମୀ ମୃତ ଅବସ୍ଥାରେ ପଡ଼ିଛନ୍ତି। ତାଙ୍କର ମାଂସ ବାଇଗଣୀ ରଙ୍ଗର ଓ ଶରୀର କଠିନ ହୋଇଯାଇଛି। "ଏସବୁ ମୋ ପାଇଁ ହୋଇଛି। ସ୍ୱାମୀ ପଥ ମଧ୍ୟରେ ଆରପୁରକୁ ଚାଲିଗଲେ।" - ଏପରି କହି ସେ କାନ୍ଦିକାନ୍ଦି ଆଗକୁ ଚାଲିଲେ।

ପରେ ତାଙ୍କୁ ଅଚିରାବତୀ ନାମକ ଏକ ନଦୀକୁ ପାର ହେବାକୁ ପଡ଼ିଲା। ନଦୀରେ ବନ୍ୟା ଆସିଥିଲେ ବି ଅଣ୍ଟାଏରୁ କମ୍ ଗଭୀର ଥିଲା। ଯେତେବେଳେ ସେ ନଦୀକୂଳ ପାଖକୁ ଆସିଲେ, ସେ ଭାବିଲେ, "ଏବେ ମୁଁ ବହୁତ ଦୁର୍ବଳ, କାରଣ ଗତକାଲି ସାରାରାତି ମୁଁ ଓପାସ, ଶୋଇନାହିଁ ଏବଂ ବହୁତ ରକ୍ତକ୍ଷରଣ ବି ଘଟିଛି। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ମନଗହନର କଥା...



କିଏ ଜଣେ ନର ରକ୍ତ ପିପାସୁ ନେତାନ୍ୟାହୁ ଅଛି ଇସ୍ରାଏଲର ଶାସନ ମୁଖ୍ୟ। ଆଉ ଜଣେ ବି ଅଛି ଟ୍ରମ୍ପ, ଆମେରିକାର ରାଷ୍ଟ୍ରପତି। ସେମାନେ ପ୍ରତି କ୍ଷଣରେ ମଣିଷ ରକ୍ତରେ ହୁରି ଖେଳିବାର ଦୁର୍ବାର ସ୍ୱପ୍ନ ଦେଖୁଛନ୍ତି। ପୃଥିବୀର ନିରୀହ ମଣିଷର ରକ୍ତ ସେମାନଙ୍କ ପାଇଁ ହୋଲିର ରଙ୍ଗ ଖେଳ ପରି। ଇରାନରେ ଛୟାଅଶୀ ବର୍ଷ ବୟସର ରାଷ୍ଟ୍ରମୁଖ୍ୟ ସହିତ ତାଙ୍କ ପାରିଷଦ ଓ ପରିବାରର ସଦସ୍ୟମାନଙ୍କୁ ମିସାଇଲ ପକାଇ ମାରି ସାରିଲା ପରେ ସେମାନେ ପୈଶାଚିକ ଅଟ୍ଟହାସ୍ୟ କରିବା ସହିତ ଇରାନ ଦେଶର ସାଧାରଣ ନାଗରିକଙ୍କ ଉପରେ ଶକ୍ତିଶାଳୀ ଅସ୍ତ୍ର ପ୍ରୟୋଗ କରୁଛନ୍ତି। ବିରାଟ ଅଟ୍ଟାଳିକାକୁ ଭାଙ୍ଗି ଚୁରମାର କରି ଦେଉଛନ୍ତି। ସୃଷ୍ଟି ନୁହେଁ ବିନାଶରେ ସେମାନଙ୍କ ଆତ୍ମା ପରିତୃପ୍ତ। ଗୋଟେ ସ୍କୁଲର ଏକାକାଳୀନ ୧୪୮ଜଣ ନିଷ୍ପାପ ନିର୍ଦ୍ଦୋଷ ନିରୀହ ଝିଅ ପିଲାଙ୍କୁ ମିସାଇଲ ପକାଇ ନିହତ କରିଛନ୍ତି ଏଇ ବର୍ବର ଦେଶର ମିସାଇଲ । ସେଇ ସ୍କୁଲର ଭୀତତ୍ରସ୍ତ ପିଲାମାନେ ବାହାରକୁ ଆସିଲା ବେଳେ ସେମାନଙ୍କ ଦେହ ଅସ୍ତ୍ରରେ ଛିନ୍ନଛତ୍ର ହୋଇ ଯାଇଛି ଓ ପଡି ରହିଛି ସେମାନଙ୍କ ରକ୍ତଛିଟାରେ ଜୁଡୁବୁଡୁ ବ୍ୟାଗରେ ଥିବା ବହି ଖାତା କଲମ ସବୁ।

କିଛି ସାହିତ୍ୟିକ ସେଇ ମରି ପଡ଼ିଥିବା ପିଲା ଓ ଜନତାଙ୍କୁ ଲକ୍ଷ୍ୟ କରି କବିତା ଓ ଗପ ଲେଖୁଛନ୍ତି। ସାହିତ୍ୟିକମାନଙ୍କ ସମ୍ବେଦନ ବି ସେଇ ଦୁଃଖ ଓ କ୍ଷତି ପାଖରେ ବିବଶ ହେଇ ଯାଉଛି। ଏଇ କଥାରେ ବା କବିତାରେ କଣ ସେଇ ମଣିଷ ମାନଂକର ଦୁଃଖ ଲିଭି ଯାଏ? ନା ସେଇ ଭିଆଣ କରୁଥିବା ଅନ୍ୟାୟ ଓ ମୃତ୍ୟୁର ବୀଭତ୍ସତା ପାଖରେ କଣ ସେମାନଙ୍କ ଅଟ୍ଟହାସ୍ୟ ଓ କିଳିକିଳା ବନ୍ଦ ହେଇ ଯାଏ?

**- ଉଦୟ ନାରାୟଣ ଦାସ**

ଚୁନଭାଟୀ କଲୋନୀ, ବାଲେଶ୍ୱର
(ମୋ) ୭୭୩୫୯୫୧୩୮୪

## ପାଉଁଜିର ପାଣ୍ଡୁଲିପି-୧୧

**ବିପିନ ମହାନ୍ତି**



### ଚଗଲା ଚଇତି

ତୁମେ ମୋ' ସୁନ୍ଦର ସବୁଜ ସ୍ୱପ୍ନର ସାକାର ସମ୍ବୋଧନ
ତୁମେ ମୋ' ଅନ୍ଧାର ଅନ୍ଧଗଳିର ଅପାସୋରା ସମ୍ମୋହନ
ତୁମେ ମୋ' ନିଦାଘ ନିରବ ନିଶ୍ୱାସେ ନିରୋଳା କାହାଣୀ ପ୍ରିୟେ
ତୁମେ ମୋ' ଚଗଲା ଚଇତି ଚୁମାର ଚୋରା ଚାହାଣିଟିଏ।

ତୁମେ ଫୁଲ ସଞ୍ଜେ ଫୁସୁଲାଫୁସୁଲି ଫାଜିଲ ଫଗୁଣ ରାତି
ତୁମେ ଦିକ୍‌ଦିକ୍ ଦୀପ ଆଲୁଅରେ ଅବୁଝା ଝିଅର ପ୍ରୀତି
ତମେ ଯାମିନୀର ଯୁବତୀ ଯମୁନା ଜୁଆରର ଅଭିମାନ
ତୁମେ ମୋ' କୁଆଁରୀ କଦମ୍ବ କାନନେ କମ୍ପିତ କାମିନୀ ମନ।

ତୁମେ ବିରହର ବାଉଳା ବସନ୍ତ ବାଡୁଅର ଅଭିଳାଷ
ତୁମେ ଗୋ' ଅୟସୀ ଅସ୍ତରାଗର ଅନ୍ଧାରର ଅବସୋସ
ତୁମେ ମୋର ପ୍ରିୟା ରୂପସୀ ରାତିର ରତିଏ ରତିର ଲାଜ
ତୁମେ ମୋ' ମାନସୀ ମୌନ ମନ ତୁମ ମମତାର ଫୁଲଶେଯ।

ତୁମରି ସୁନ୍ଥାରେ ସିନ୍ଦୂର ସଜାଇ ସଂଖୋଳି ନେବି ମୁଁ ସଖୀ
ତୁମ ପ୍ରେମ ପାଇଁ ପାଗଳ ଏ ପ୍ରେମୀ ସମୟ ଅଳପ ବାକି।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

# କବିତା

## ॥ କୃଷ୍ଣଚୂଡାର ଗାଁ ॥

**ଶ୍ରୀଦେବ**



ଚିକ୍ ଚିକ୍ ଖରା ଖେଳେ
ଲାଲ୍‌ଶାଲ୍‌ଟେ ଘୋଡି ସାରାଟା ଗାଁରେ ଆମ
ସେ ଖରାରେ ଜଳୁଛି ଆକାଶ
ଜଳେ ବି ତମାମ୍ ଜୀବନ। ଖରାର ପ୍ରଖର ନିଶ୍ୱାସ
ମେଲିଯାଏ ଲଙ୍ଗଳା ବିଲବାଡି ରାସ୍ତାଘାଟ, ତା ସାଂଗକୁ
ଦଳଦଳ ବୁଲୁଚନ୍ତି ସ୍ୱର ତୋଳି
ମଣିଷଙ୍କ ପେଟତଳ ଭୋକ।

ଏଠି ବଜେଟ୍‌ବଢା ପ୍ରାକ୍‌ବସନ୍ତ ଚିତ୍ର ଏବେକାର।
ପଥହୁଡା ପ୍ରେମିକକୁ ପିଠି କରି
ଉଡି ଆସେ ଫୁଙ୍ଗୁଳା ଫଗୁଣ
ଫିଟାଏ ବି ସଞ୍ଜ ହେଲେ ଆସ୍ତେ
ରାତି ବେଶି ବଢିଗଲେ ପରସ୍ତ ପରସ୍ତ ସର୍ପବେଣୀ
ମୋ ଗାଆଁର କେଶ।

ଲୋହିତ ନଂପୁସକ ଯେ' ଋତୁ କିନ୍ତୁ।
ଛାତି ଖୋଜେ ଛାଇ ଖୋଜେ ପ୍ରତି ଘଣ୍ଟାକରେ
ଗମ୍ ଗମ୍ ଝାଳରେ ବି ବାରମ୍ବାର ଗାଧୋଇ ତଥାପି
ଚତୁର୍ଦ୍ଦିଗ କସ୍ତୁରୀ ମହକେ।

ସାରା ଦିହ ଫୁଟି ଉଠେ
ଫୁଲ ଓ ଗୀତଗୁନ୍ଥା ପୋହଳାର ରଙ୍ଗେ
ଫଗୁଣର ଲାଲ୍‌ଶାଲ୍ ଘୋଡି ମୋ ଗାଆଁ
ଦିଶୁଥାଏ ଚିରଦିନ ପ୍ରିୟା ଓଠ ପରି
ପୋଖରୀ ପାଣି ପ୍ରତିବିମ୍ବେ।

ସେଇଠି ମୋ ଗାଆଁ
ନଇତୁଠ, ପୋଖରୀଘାଟରେ ଯେଉଁଠି
ଲେଖାଅଛି ତା' ନାଆଁ।

♥ ସମ୍ପାଦକ:ଚନ୍ଦ୍ରଭାଗା, ମୋତିଗଞ୍ଜ, ବାଲେଶ୍ୱର-୭୫୬୦୦୩,
(ମୋ) : ୯୪୩୭୧୨୩୮୨୩



## ॥ ନିଆଁ ପାଣି କଥା ॥

**ଅମରେଶ ପଟ୍ଟନାୟକ**

॥୧॥

ଉପାସରେ ଅଭ୍ୟସ୍ତକୁ
ନିଆଁ କ'ଣ ପାଣି କ'ଣ...।

କେବେ କେବେ ଜଳେ
ଘନ ଜଙ୍ଗଲରେ
ଶ୍ମଶାନ ଘାଟରେ
ମନ୍ଦିର ବେଢାରେ
କୃଷ୍ଣଚୂଡା ଗଭୀର ଚେରରେ...
ଫିକା ଫିକା ଜହ୍ନ ଆଲୁଅରେ...।

ପାଣି ଟୋପାଏ
ମାଇଲ୍ ମାଇଲ୍
ଚଲାଏ କେଉଁଠି ତ
ବର୍ଷ ପରେ ବର୍ଷ
ପ୍ରତୀକ୍ଷା କରାଏ...।

॥୨॥

ଏଇତ ଯେପରି:
ତମେ ଉଦ୍‌ଜୀବିତ! ମୋରି ପାଇଁ ତ!
ଅଥଚ, ଅନ୍ୟ ପାଇଁ ସମର୍ପିତ
ତମେ, ଅନ୍ୟର ହୋଇ ବି ତ
ଅନ୍ୟର ଅନୁଗତ...!
ହଁ, ଏପରିକି
ପର କରି ଦେବାକୁ ଯେ ପଢେ
ପରମ ଇପ୍‌ସିତକୁ...
ମୁଠାଏ ଆହାର
ଯୋଗାଡ କରିବାକୁ!
ଇଚ୍ଛା ଅନିଚ୍ଛା ଊର୍ଦ୍ଧ୍ୱରେ
ବାଧ କରେ-
ନିଆଁରେ ଚାଲିବାକୁ...
ପାଣିରେ ବୁଡିବାକୁ...
ଅଥଚ ନିଧାର୍ଯ୍ୟ...
ଆହାର ହେବାକୁ!

॥ ୩ ॥

ହାଃ!
ପଇଁଚାଳିଶ ଡିଗ୍ରୀ ଖରାରେ
ନଣ୍ଡା ପାହାଡ ଉପରେ
ଦଣ୍ଡା ବାଲୁଙ୍ଗା...
କେବଳ...
ପ୍ରମତ୍ତ ଏକାତ୍ମ ଜଗତ ସ୍ୱପ୍ନ ଦେଖିପାରେ
ନିଶାରେ! ଉପାସରେ...!
ଦଣ୍ଡ ନା ଚଡକ ଯାତ୍ରାରେ!

♥ ଅନନ୍ତ ଆଲୋକ, ଶଙ୍କରପୁର, କଟକ-୭୫୩୦୧୨,
(ମୋ) :୯୪୩୭୦୪୬୧୯୫

## ॥ କ୍ଷାନ୍ତ ହୁଅ ॥

**ଦେବାଶିଷ ଚକ୍ରବର୍ତ୍ତୀ**



ଢେଏର୍ ହେଲାଣି ତୁମ ପାରିବାପଣ
ଏଥର ଅନ୍ତତଃ କ୍ଷାନ୍ତ ହୁଅ
ପ୍ରଶାନ୍ତ ଆକାଶର ନୀଳିମା ଚିକୁରରେ
ଯୁଦ୍ଧର କଳାଧୂଆଁ ଲେସିବା ପରେ ବି
ଅରିମାନ ମେଣ୍ଟିଲା ନାହିଁ ଯେ
ମଣିପୁର ହେଉକି ମୁର୍ଶିଦାବାଦ୍
ନିର୍ବିଚାରରେ ବିଛେଇ ଚାଲିଛ
ଅସହିଷ୍ଣୁତା, ଘୃଣା
ସେଇଥିପାଇଁ ତ ଭାଇଚାରାର ସୁଗନ୍ଧି ବି
ହେଉଛି ବାଟବଣା।

ତୁମ ଦୂରଭିସନ୍ଧିର ଝଡରେ
ଭୂମିସାତ୍ ହେଉଛି
ଜୀବନ ତରୁରୁ ଆଶାର ଡ଼ାଳ
ଫୁଲହୋଇ ଫୁଟିବା ଆଗରୁ
ଝରି ଯାଉଛି ସ୍ୱପ୍ନର କଢ଼
ଇଏ କୋଉ ନୂଆ କଥା କି
ତୁମପାଇଁ ସିନା ସଜିଲ୍ ହୋଇରହିଛି
ସମ୍ଭୋଗର ହସ୍ତିନାପୁର
ହେଲେ ଆମପାଇଁ ତ ଅନିଭୋଗ ଚିରକାଳ।

ଏଣ୍ଣୁଅକୁ ସିନା ମାତ୍ ଦେଇ ସାରିଲଣି
ରଙ୍ଗବଦଳରେ
ହେଲେ ସେଥିରେ କାଣିଚାଏ ବି
ଉପଶମ ହେବକି ପୀଡିତ ମଣିଷପଣର?
ରଂଗ ନୁହେଁ, ପାରୁଚ ତ ଢଙ୍ଗ ବଦଳକର

ଦେଖିବ ଶୂନ୍ୟଡାହିକୁ ଲେଉଟିବ
ନୂଆପତ୍ରର ଶ୍ୟାମଳ ସମ୍ଭାର
ବିଷଦଗ୍ଧ ଧରଣୀ ବି ହେବ ଆଗ ଭଳି
ଶାନ୍ତ ଓ ଶୀତଳ।

♥ ମଣ୍ଡୁଆ, କେନ୍ଦୁଝର ଗଡ
ମୋ -୯୪୩୭୭୫୨୩୯୫

## ॥ ଦେବୀ ॥

**ଦିନେଶ ମେହେର**



ତୁ ଚୈତ୍ରର ଡ଼ହ ଡ଼ହ ତାତିରେ
ଝରେଇ ଦେଇପାରୁ ଆକାଶ ସେପାରିରୁ
ମେଘର ଝରଣା,
ତୁ ଖଦ୍ୟୋତ ଆଲୁଅରେ ବି
ଟାଳି ଦେଇପାରୁ ଅମା ଅନ୍ଧକାରକୁ...!

ତୁ ଅଛୁ ବୋଲି ତ
ଆଦରି ନେଇ ବସିଛି
ତୋର ଦେଲା ଯେତେକ ଭାଗ୍ୟକୁ,
ଫୁଲ ଫୁଟିବାର ଅପେକ୍ଷାରେ
ଚାହିଁ ରହିଛି ତତେ,
ମୁଁ ତତେ ମାନେ, ପୂଜା କରେ
ହୃଦୟ କ୍ୟାନଭାସ୍ ଭିତରେ
ବାରମ୍ବାର ଆଙ୍କୁଥାଏ
ତୋର ପ୍ରତିଛବି,
ପ୍ରତିଥର ଭୁଲିଯାଏ ତୋର ଆକାର, ଆକୃତି;
ତୁ ତ ଅପରୂପା ସୌନ୍ଦର୍ଯ୍ୟର ସ୍ରୋତଟିଏ
ଯା' ଧାରରେ ବହିଯାଏ
ଜୀବନର ତମାମ ଜଞ୍ଜାଳ....!

ତୁ ଜାଣୁ-
ଯେବେ ମୋର ଅନିଦ୍ରା ଆଖି ଯୋଡ଼ିକ
ଖୋଜି ବୁଲୁଥାଏ ମଖମଲି ଶେଜ,
ସେତେବେଳେ ତୁ ପଣତ ଫେଲେଇ
ଶୁଏଇ ଦେଇଯାଉ ମତେ,
ଆଉଁସି ଦେଇଯାଉ ମୋର ହତଭାଗ୍ୟ କପାଳକୁ
ଯା ସ୍ପର୍ଶରେ ଟଳି ଯାଏ ସବୁତକ ବିପଦ
ଛିଣ୍ଡିଯାଏ ମହାକାଳର ମରଣ ଦଉଡ଼ି,

ଜାଣିଛୁ ମାଁ, ତୁ ଅଛୁ ବୋଲି ତ
ବଞ୍ଚିବାକୁ ଭାରି ଇଛା ହୁଏ
ତୋର ସନ୍ତାନଟିଏ ହେଇ,
ବାରମ୍ବାର ଇଛା ହୁଏ ମଥାନକୁ
ତୋ ପାଦପଦ୍ମରେ ନୁଏଁଇ ଦେଇ
ତୋ ଚରଣ ତଳେ କିଙ୍କରଟିଏ ହେଇ
ବିତେଇ ଦେବାକୁ ବାକିତକ ଜୀବନ.......!

♥ ଏମ୍ ଏ, ଇତିହାସ ବିଭାଗ
ଜୁନାଗଡ଼, କଳାହାଣ୍ଡି
ମୋ - ୮୦୧୮୮୨୮୪୫୬

## ॥ କଥା ଥିଲା ॥

**ନିହାରିକା ରାୟ ବରାଳ**



କଥା ଥିଲା ଆମେ ଦୁହେଁ
ଏକା ସାଥେ ମାରିବା ଜିଇଁବା
କଥା ଥିଲା ଆମେ ଦୁହେଁ
ସ୍ମୃତିରେ ସ୍ମୃତିରେ ପରା
ନଈ ପହଁରିବା ।

କଥା ଥିଲା ଗୁମସୁମ ପାବନରେ
ଅଭିମାନ, ଅଭିଯୋଗ ସବୁ ଧୋଇଦେବା
ବସନ୍ତର ଅଗଣାରେ
ଆମ୍ବ ବଉଳ ବାସ୍ନାରେ
ସମ୍ମୋହିତ ହେବା ।

କଥା ଥିଲା ତମେ ଦିନେ
ଲେଖିଦେବ
ସ୍ୱାର୍ଣ୍ଣାକ୍ଷରେ ସ୍ୱୀକୃତିର ପତ୍ର
ଫଗୁଣର ଫଗୁନେଇ
ବିଂଚ଼ି ଦେବ
ମନରେ ମୋ ମିଳନ ଚିତ୍ର ।

କଥା ଥିଲା ଆମେ ଦୁହେଁ
ବିଜୟର ପାହାଡ଼ ଚଢିବା
ସମ୍ପର୍କର ଅତୁଆସୂତାକୁ ଯୋଡି
କଣ୍ଟକିତ ସୀମାହୀନ ପଥରେ ଚାଲିବା ।

ଏମିତି ତ କଥା କାହିଁ
ହଜିଗଲା
ସମୟର ନୀଳ ସମୁଦ୍ରରେ
ଉଜାଣି ବହିଲା ବାଆ
ହୃଦୟର ଦିଆନିଆ
ଲୁଚିଗଲା ସାତତାଳ ପାଣିର ସୁଅରେ ।

କଥା ଥିଲା ମାଟିହାଣ୍ଡି ମହୁ ଆଉ ଗାଲର
ଭଉଁରୀ ନେଇ
ତାରାଫୁଲେ ଚୁମିଯିବା
ରାତିର କପାଳ
କଥାଥିଲା ତମେ ପରା ଠିଆ ହେବ
ଦକ୍ଷିଣ କବାଟ ହୋଇ
ପ୍ରତି ରାତି ପ୍ରତିଟି ସକାଳ ।

କେମିତି ହଜିଲା କଥା
କେମିତି ଲୁଚିଲା ବ୍ୟଥା
କାହିଁ କେତେ ଦୂରେ ଦେଖ
ଜହ୍ନ ଆଉ କଇଁର ମେଳ
କଥା ଯଦି ନରହିଲା
କାହିଁ ତେବେ ଅସମୟେ ବହିଗଲା
ସଳନ୍ଦୀର ଅବାରିତ ଜଳ !

♥ ଅନୁରାଗ
ବି /୧୦,ପ୍ରତିଭା ଏନକ୍ଲେଭ
ବିଜେବି ନଗର, ଭୁବନେଶ୍ୱର

## କହି ହେଇନାହିଁ ଯାହା...



**ସୈରିନ୍ଧ୍ରୀ ସାହୁ**

କେବେ ତୁମେ ଲାଗ ଅଫେରା ଫଗୁଣ
କେବେ ଭିଜାଭିଜା ଜହ୍ନରାତି
କେବେ ତୁମେ ଲାଗ ଲୁହର ମୁକୁତା
କେବେ ଭାବନାର ମଧୁ ଗୀତି।

କେବେ ପ୍ରଜାପତି
କେବେ ମିଠା ସ୍ମୃତି
କେବେ ବିରହର ତାନ
ଶତ କଦମ୍ବର ରୋମାଂଚ କେବେ ତ
କେବେ, ସ୍ୱପ୍ନର ଉପବନ।

# ନିଜର ପରିଚୟ ସୃଷ୍ଟି ପାଇଁ ଲେଖିବାକୁ ଚାହିଁଲେ ତାହା କେବେ ବି ଉନ୍ନତମାନର ରଚନା ପ୍ରତିପାଦିତ ହୋଇପାରିବ ନାହିଁ : ଅନୁରୂପା ସିଂ



**ଅନୁରୂପା ସିଂ**
ସାଂପ୍ରତିକ ଓଡିଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ସେ ଜଣେ ସଫଳ ଗାଳ୍ପିକା ଓ ଅନୁବାଦିକା । ବିଳମ୍ବରେ ସାହିତ୍ୟ କ୍ଷେତ୍ରରେ ପାଦ ରଖିଥିଲେ ବି ତାଙ୍କର ଅନେକ ଅନୁଦିତ ସୃଷ୍ଟି ପାଠକୀୟ ଆଦୃତି ଲାଭ କରିବା ସହ ସେ ସାଉଁଟିଛନ୍ତି ଅନେକ ଶ୍ରଦ୍ଧା ଓ ସମ୍ମାନ । କେବଳ ଅନୁବାଦ କର୍ମ ନୁହେଁ ବରଂ ମୌଳିକ ଗଳ୍ପ ରଚନା କ୍ଷେତ୍ରରେ ମଧ ସେ ଜଣେ ସଫଳ ବିନ୍ଧାଣୀ । "ପ୍ରତ୍ୟେକ ଭାଷାର ଲେଖକମାନେ ଯଦି ନିଜ-ନିଜର ରଚନାକୁ ମାତୃଭାଷା ସହିତ ହିନ୍ଦୀ ଓ ଇଂରାଜୀରେ ଅନୁବାଦ କରି ପାଠକଙ୍କୁ ଭେଟି ଦେବେ, ତା' ହେଲେ ହୁଏତ ତାହା ବିଭିନ୍ନ ଭାଷାରେ ରୂପାନ୍ତରିତ ହୋଇ ପାରିବ ଏବଂ ଉଚ୍ଚକୋଟୀର ଭାଷା-ସାହିତ୍ୟ ସଂପୂର୍ଣ୍ଣ ଭାରତରେ ବିସ୍ତାରିତ ହୋଇଯିବ" ବୋଲି କହୁଥିବା ଲେଖିକାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ ଅଳ୍ପରେ ଅନୁରୂପା ସିଂ



ନାମ - ଅନୁରୂପା ସିଂ
ପିତା- ସ୍ୱର୍ଗତ ପୀତବାସ ସାମନ୍ତ ସିଂହାର
ସ୍ୱାମୀ : ସ୍ୱର୍ଗତ ଅଶୋକ ସିଂ
ଜନ୍ମସ୍ଥାନ: ଡମପଡ଼ା ଗଡ଼, ବାଙ୍କୀ
ସ୍ଥାୟୀ ଠିକଣା : ୨୨୮/ଏ, ସହୀଦନଗର, ଭୁବନେଶ୍ୱର
ବର୍ତ୍ତମାନର ଠିକଣା:
ସରଜାପୁର ରୋଡ଼, ବେଙ୍ଗାଲୁରୁ

ଅନୁଦିତ ପୁସ୍ତକ :
୧. ଅମୃତା ପ୍ରୀତମଙ୍କର ସ୍ମରଣୀୟ କାହାଣୀ (ଗଳ୍ପ ସଙ୍କଳନ)
୨. ୨୦ ଅଦ୍ୱିତୀୟ ଅନୁଭବ (ଗଳ୍ପ ସଂକଳନ)
୩. ଆକାଶଦୀପ- ଜୟଶଙ୍କର ପ୍ରସାଦ (ଗଳ୍ପ ସଂକଳନ)
୪. ଆପଣଙ୍କର ବଣ୍ଟି- ମନ୍ନୁ ଭଣ୍ଡାରୀ (ଉପନ୍ୟାସ)
୫. କାଲିଡୋସ୍କୋପ- (ଏକୋଇଶ ଜଣ ଲେଖିକାଙ୍କର ଗଳ୍ପ)
୬. ଦୁଇଦଶନ୍ଧିର ପଚିଶଟି ଶ୍ରେଷ୍ଠ ଗଳ୍ପ (ଗଳ୍ପ ସଂକଳନ)
୭. ନୀଳାଚଳ ଚନ୍ଦ୍ର- ଡକ୍ଟର ସୁଜାତା ଚୌଧୁରୀ (ଉପନ୍ୟାସ)

ଅନୁଦିତ ପୁସ୍ତକ :
୧. ସୂର୍ଯ୍ୟୋଦୟର ସ୍ୱପ୍ନ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ପିଲାଦିନରୁ ଓଡ଼ିଆ ଉପନ୍ୟାସ, ଗଳ୍ପ, ଭ୍ରମଣ କାହାଣୀ ସହିତ ଅନୁବାଦ ପୁସ୍ତକ ପଢ଼ିବା ପାଇଁ ଆଗ୍ରହ ଥିଲା । ମୋର ବାପା ବିଭିନ୍ନ ସ୍କୁଲର ସହ ପ୍ରତିଷ୍ଠାତା ଏବଂ ସଂପାଦକ ଥିବା ଯୋଗୁଁ ସ୍କୁଲ ଲାଇବ୍ରେରୀମାନଙ୍କରୁ ଆମ ଘରକୁ ବିଭିନ୍ନ ପୁସ୍ତକ ଓ ସଂବାଦପତ୍ର ସବୁ ଆସୁଥିଲା ଏବଂ ମୋତେ ପଢ଼ିବାକୁ ସୁଯୋଗ ମିଳୁଥିଲା। ସେତେବେଳେ ଗଳ୍ପ ଲେଖିବା ପାଇଁ ଆଗ୍ରହ ଥିଲା ସତ; କିନ୍ତୁ ଅନ୍ୟଭାଷାରୁ ଅନୁବାଦ କରିବା କଥା କେବେବି ଚିନ୍ତା କରିନଥିଲି । ମୋର ପ୍ରଥମ ମୌଳିକ ଗଳ୍ପ ମୋ ହାଇସ୍କୁଲର ମାଗାଜିନରେ ପ୍ରକାଶିତ ହୋଇଥିବା ଦେଖି ମୁଁ ଖୁସି ହୋଇଯାଇଥିଲି । କିନ୍ତୁ ବିଭିନ୍ନ ପତ୍ର ପତ୍ରିକାକୁ ଲେଖାଟିଏ ପଠେଇବା ପାଇଁ ମୋ ପରି ଗୋଟିଏ ଗାଁ ଝିଅକୁ ସୁବିଧା ଓ ସ୍ୱାଧୀନତା ନଥିଲା ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ବିବାହ ବନ୍ଧନରେ ବାନ୍ଧି ହୋଇ ଭୁବନେଶ୍ୱର ଆସିବା ପରେ କବି, ସାହିତ୍ୟିକ ସାମ୍ବାଦିକ ସ୍ୱାମୀ ଅଶୋକ ସିଂଙ୍କର ସହଯୋଗ ଯୋଗୁଁ ମୁଁ ପ୍ରତିଷ୍ଠିତ ସାହିତ୍ୟିକମାନଙ୍କର ସାନିଧ୍ୟରେ ଆସିଥିଲି ଏବଂ ସେମାନଙ୍କ ଦ୍ୱାରା ରଚିତ ଗଳ୍ପ, ଉପନ୍ୟାସ ଓ ଅନୁବାଦ ପୁସ୍ତକଗୁଡ଼ିକୁ ପଢ଼ିବା ପାଇଁ ସୁଯୋଗ ପାଉଥିଲି। ସମୟ କ୍ରମେ ଅନୁବାଦ ପୁସ୍ତକ ପ୍ରତି ମୋର ଆଗ୍ରହ ଦେଖି ସେ ମତେ ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ଯୁଗଳ କିଶୋର ଦତ୍ତ, ଡକ୍ଟର ଶକୁନ୍ତଳା ବଳିଆରସିଂହ ଏବଂ ଜୟକୃଷ୍ଣ ସାମଲଙ୍କ ସହିତ ପରିଚୟ କରାଇ ଦେଇଥିଲେ । ଅନୁବାଦ କ୍ଷେତ୍ରରେ ପାଦ ରଖିବା ପାଇଁ ଏମାନେ ସମସ୍ତେ ମୋର ପ୍ରେରଣାର ଉତ୍ସ କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରଥମ ଅନୁଦିତ ଗଳ୍ପ ଅମୃତା ପ୍ରୀତମଙ୍କ ଦ୍ୱାରା ରଚିତ 'ଏକ କନ୍ୟା- ଏକ ପିଆଲା' ମତେ ଓଡ଼ିଶାର ପାଠକ ମହଲରେ ଜଣେ ସଫଳ ଅନୁବାଦିକା ଭାବରେ ପରିଚୟ ଦେଇଥିଲା । ସେଥିପାଇଁ ସମସ୍ତେ ମୋର ସ୍ମରଣୀୟ ଏବଂ ଚିର ନମସ୍ୟ ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ବର୍ତ୍ତମାନର ସାମାଜିକ ବ୍ୟବସ୍ଥା, ରାଜନୈତିକ ପରିବର୍ତ୍ତନ ଦ୍ୱାରା ଉତ୍ପନ୍ନ ହେଉଥିବା ଅନିଶ୍ଚିତତା, ଆର୍ଥିକ ବୈଷମ୍ୟତା ଫଳରେ ଘଟି ଚାଲିଥିବା ହିଂସା ଦ୍ୱନ୍ଦ୍ୱ ଇତ୍ୟାଦିର ପଟ୍ଟଭୂମିକୁ ଯଦି ଗୀତା- ଭାଗବତ, ରାମାୟଣ- ମହାଭାରତର ନୈତିକ ବାଣୀ ଏବଂ ଶ୍ରେଷ୍ଠ ସାହିତ୍ୟିକମାନଙ୍କର କଥାବସ୍ତୁରେ ଭରି ରହିଥିବା ମହାନ ସନ୍ଦେଶ ଗୁଡ଼ିକ ସହିତ ତୁଳନାତ୍ମକ ରଚନା କରାଯାଇ ପାରିବ, ତା'ହେଲେ ହୁଏତ ସମାଜ ଉପରେ ତା'ର କିଛିଟା ପ୍ରଭାବ ପଡ଼ିବ ଏବଂ ତା' ସହିତ ଉତ୍ତମ ପାଠକ ସଂଖ୍ୟା ବି ବୃଦ୍ଧି ହେବ । ଜଣେ ଲେଖକ କେବଳ ଲେଖିବାକୁ ଆଖି ଆଗରେ ରଖି ଯଦି ସାହିତ୍ୟ ଜଗତରେ ନିଜର ପରିଚୟ ସୃଷ୍ଟି କରିବା ପାଇଁ ଚାହୁଁଥିବେ, ତା'ହେଲେ ଏହା କେବେ ବି ଉନ୍ନତମାନର ରଚନା ପ୍ରତିପାଦିତ ହୋଇ ପାରିବ ନାହିଁ । ଠିକ୍ ସେମିତି ହିଁ ଜଣେ ପାଠକ ବହି ଖଣ୍ଡେ ମିଳିଛି ଭାବି କେବଳ ତା' ଉପରେ ଆଖି ବୁଲେଇ ଆଣିଲେ ସେ ଲେଖକର ରଚନା ଶୈଳୀ, କଥାବସ୍ତୁ, ଭାଷା-ଭାବକୁ କେବେ ବି ହୃଦୟଙ୍ଗମ କରି ପାରିବ ନାହିଁ । ସେଥିପାଇଁ ଲେଖକ ଓ ପାଠକ ସର୍ବଦା ପରିପୂରକ ହୋଇଥାନ୍ତି। ସାହିତ୍ୟ ମାଧ୍ୟମରେ ସେତେବେଳେ ସମାଜରେ ପରିବର୍ତ୍ତନ ଆଣି ହେବ, ଯେତେବେଳେ ତାକୁ ସମସ୍ତେ ଆଗ୍ରହରେ ପଢ଼ିବେ, ବୁଝିବେ ଏବଂ ସେଥିରେ ଥିବା ମୌଳିକ ନୈତିକତାକୁ ଗ୍ରହଣ କରି କାର୍ଯ୍ୟରେ ପରିଣତ କରିବେ । କିନ୍ତୁ ଆଜିର ଯୁବପିଢି ପୁସ୍ତକ ପଢ଼ିବା ପାଖରୁ ଧୀରେ ଧୀରେ ଦୂରେଇ ଯାଉଛନ୍ତି । ଇଂରାଜୀ ମିଡିୟମରେ ଶିକ୍ଷା ଗ୍ରହଣ କରିବା ଦ୍ୱାରା ଓଡ଼ିଆ ଭାଷା ପ୍ରତି ବିମୁଖ ଅଛନ୍ତି । ଟିଭି, ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ଇଣ୍ଟରନେଟ୍ ଇତ୍ୟାଦି ମନୋରଞ୍ଜନ ସାଧନଗୁଡ଼ିକ ଦ୍ୱାରା ପାଠକ ସଂଖ୍ୟା କମି କମି ଆସୁଛି । ଜଣେ ଲେଖକ ଉତ୍କୃଷ୍ଟ ବିଷୟବସ୍ତୁକୁ ନେଇ ନିଜର ବହୁମୂଲ୍ୟ ସମୟ ଓ ପରିଶ୍ରମ ଦ୍ୱାରା ଗୋଟିଏ ପୁସ୍ତକ ରଚନା କରିଥାନ୍ତି । କିନ୍ତୁ ତାକୁ ପଢ଼ି ସୁଚିନ୍ତିତ ମତାମତ ଦେବା ଅଥବା ସଂଶୋଧନ କରାଇବାର ପାଠକ ସଂଖ୍ୟା ବର୍ତ୍ତମାନ ଅତି କମ୍ ଅଛି । ଲେଖକକୁ ବି ବାରମ୍ବାର ପାଠକକୁ ମନେ ପକେଇଦେବାକୁ ପଡୁଛି ଯେ ସେ ପଢ଼ିସାରିଛନ୍ତି ନା ନାହିଁ ।

■ ସାହିତ୍ୟର ଏତେ ବିଭାଗ ଥାଉ ଥାଉ ଅନୁବାଦ ସାହିତ୍ୟ ପ୍ରତି ଆଗ୍ରହୀ ହେବାର କାରଣ କଣ ? କୋଉ ଭାଷାର ସାହିତ୍ୟ ଆପଣଙ୍କୁ ଅଧିକ ସମୃଦ୍ଧ ଲାଗିଛି ?

■■ ସାହିତ୍ୟର ବିଭିନ୍ନ ବିଭାଗ ରହିଛି । କିନ୍ତୁ ଅନୁବାଦ ରଚନା ଦ୍ୱାରା ବିଭିନ୍ନ ପ୍ରାନ୍ତର ପ୍ରାଦେଶିକ ଭାଷା ସାହିତ୍ୟ ଜଣେ ପାଠକ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇ ପାରିବ । ଅନୁବାଦ ଦ୍ୱାରା ନିଜର ମାତୃଭାଷାରେ ଅନ୍ୟ ଭାଷାର ପୁସ୍ତକକୁ ପଢ଼ିବାର ସୁଯୋଗ ମିଳିବ ଏବଂ ତାହା ଅଧିକ ବୋଧଗମ୍ୟ ହେବ। ଅନେକ ଶ୍ରେଷ୍ଠ ପ୍ରାଦେଶିକ ସାହିତ୍ୟିକଙ୍କର କେତୋଟି ପୁସ୍ତକ ନପଢ଼ି ପାରିବା ଦ୍ୱାରା ମୁଁ ଏମିତି ଅନୁଭବ କରିଥିଲି । କେତେଜଣ ବିଶିଷ୍ଟ ହିନ୍ଦୀ ସାହିତ୍ୟିକଙ୍କ ଗଳ୍ପ ଓ ଉପନ୍ୟାସକୁ ଓଡ଼ିଆରେ ରୂପାନ୍ତରିତ କରିଛି, କାରଣ ସେହି ଭାଷାର ପୁସ୍ତକ ମତେ ଅଧିକ ସମୃଦ୍ଧ ଲାଗିଛି ଏବଂ ମୁଁ ତାକୁ ଭଲ ଭାବରେ ହୃଦୟଙ୍ଗମ କରି ପାରିଛି । ଏହା ବି ଆମର ଜାତୀୟ ଭାଷା ଅଟେ ।

■ ଅନୁବାଦ ବିଭାଗରେ କାମ କଲାବେଳେ ଲାଗିଛି ଆପଣ ଯେମିତି ଅନ୍ୟ ଭାଷାରୁ ଓଡ଼ିଆକୁ ଅନୁବାଦ କରୁଛନ୍ତି ସେମିତି ଓଡ଼ିଆର ଶକ୍ତିଶାଳୀ କୃତିମାନଙ୍କୁ ବି ଅନୁବାଦ କରିବାର ଆବଶ୍ୟକତା ରହିଛି ? କି ପଦକ୍ଷେପ ନେଇଛନ୍ତି ଏଥିପାଇଁ ?

■■ ଅନୁବାଦ ବିଭାଗରେ କାର୍ଯ୍ୟ କରିବା ସମୟରେ ମତେ ଲାଗିଛି, ଆମ ଓଡ଼ିଆ ଭାଷାର ଶ୍ରେଷ୍ଠ ସାହିତ୍ୟିକମାନଙ୍କର ସୃଷ୍ଟି ସମ୍ଭାର ଅନ୍ୟ ଭାଷାକୁ ବି ଅନୁଦିତ ହେଉ । କିନ୍ତୁ ଏହା ବି ମୁଁ ଅନୁଭବ କରିଛି ଯେ କେବଳ ଶବ୍ଦ କିମ୍ବା ଧାଡ଼ି- ଧାଡ଼ି ବାକ୍ୟର ଆକ୍ଷରିକ ଅନୁବାଦ ଲେଖିଦେବା ପରେ ତାହା କେବେ ବି ଉତ୍ତମ ଅନୁବାଦ ପୁସ୍ତକର ମର୍ଯ୍ୟାଦା ଅଥବା ଆଦୃତି ଲାଭ କରିବ ନାହିଁ । ସେଥିପାଇଁ ଜଣେ ଅନୁବାଦକଙ୍କର ଉଭୟ ଭାଷାରେ ଦକ୍ଷତା ଥିବା ଦରକାର । ଅଧିକାଂଶ ଓଡ଼ିଆ ପୁସ୍ତକ ଇଂରାଜୀ, ହିନ୍ଦୀ ଓ ବଙ୍ଗଳାରେ ଅନୁଦିତ ହୋଇଛି । କିନ୍ତୁ ଅନ୍ୟ ପ୍ରାଦେଶିକ ଭାଷାରେ ଅନୁଦିତ ହୋଇଥିବା ସଂଖ୍ୟା ବହୁତ କମ୍ । ଏହାର ପ୍ରମୁଖ କାରଣ ହେଉଛି ସେହି ସବୁ ଭାଷା ସହିତ ଅନୁବାଦକମାନେ ଭଲ ଭାବରେ ପରିଚିତ ନୁହଁନ୍ତି । ମୋ ମତରେ ପ୍ରତ୍ୟେକ ଭାଷାର ଲେଖକମାନେ ଯଦି ନିଜ- ନିଜର ରଚନାକୁ ମାତୃଭାଷା ସହିତ ହିନ୍ଦୀ ଓ ଇଂରାଜୀରେ ଅନୁବାଦ କରି ପାଠକଙ୍କୁ ଭେଟି ଦେବେ, ତା' ହେଲେ ହୁଏତ ତାହା ବିଭିନ୍ନ ଭାଷାରେ ରୂପାନ୍ତରିତ ହୋଇ ପାରିବ ଏବଂ ଏହା ଉଚ୍ଚକୋଟୀର ଭାଷା- ସାହିତ୍ୟ ସଂପୂର୍ଣ୍ଣ ଭାରତରେ ବିସ୍ତାରିତ ହୋଇଯିବ ।



ଓଡିଶା ଲେଖିକା ସଂସଦ ବାର୍ଷିକ ସମାରୋହରେ ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ...

■ ଆମେ ପ୍ରତିବେଶୀ ସାହିତ୍ୟକୁ ଯେତିକି ଗୁରୁତ୍ୱ ଦେଉଛୁ, ଅର୍ଥାତ୍ ଯେଉଁ ପରିମାଣରେ ପ୍ରତିବେଶୀ ସାହିତ୍ୟ ଅନୁଦିତ ହେଉଛି, ଆମ ଓଡ଼ିଆ ସାହିତ୍ୟକୁ ସେତିକି ଗୁରୁତ୍ୱ ଦିଆଯାଇ ଅନ୍ୟ ଭାଷାରେ ଅନୁବାଦ କରାଯାଉ ନଥିବାର ଅଭିଯୋଗ ହୁଏ । ଏ ବାବଦରେ କଣ କହିବେ ? କଣ କଲେ ଓଡିଆ ସାହିତ୍ୟ ଜାତୀୟ ସ୍ତରରେ ସାମିଲ ହୋଇପାରିବ ?

■■ ଏହା ସତ ଯେ ଆମେମାନେ ପ୍ରତିବେଶୀ ସାହିତ୍ୟକୁ ଯେତିକି ଗୁରୁତ୍ୱ ଦେଉଛୁ, ସେତିକି ଆମ ନିଜର ସାହିତ୍ୟ ଓ ସାହିତ୍ୟିକଙ୍କୁ ପ୍ରାଧାନ୍ୟ ଦେଉନଥାଉ । ଅନ୍ୟ ଭାଷାରେ ଯାହା ଏବଂ ଯେମିତି ଲେଖା ଯାଇଥାଉ ନା କାହିଁକି, ଆମେ ତାକୁ ଉତ୍ତମ କଥାବସ୍ତୁ ଓ ଉନ୍ନତ ଭାଷା ଶୈଳୀ ଭାବରେ ଗ୍ରହଣ କରି ନେଉଛୁ । ଏହା କିନ୍ତୁ ଉଚିତ ନୁହେଁ, ଆମର ଦିଗ୍‌ଗଜ ସାହିତ୍ୟିକମାନଙ୍କର କୃତିଗୁଡ଼ିକ ଅତି ଉଚ୍ଚକୋଟୀର । ଏହା ବିଭିନ୍ନ ଭାଷାରେ ଅନୁଦିତ ହୋଇ ପାରିଲେ ଭାରତୀୟ ପାଠକ ମହଲରେ ନିଶ୍ଚୟ ଆଦୃତି ଲାଭ କରିବ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା ଏବେ ସଙ୍କଟରେ, ଏହା ସଂପୂର୍ଣ୍ଣ ସତ୍ୟ ନୁହେଁ । ଅନେକ ବୁଦ୍ଧିଜୀବିଙ୍କ ମତରେ ଆମର ସାହିତ୍ୟ ଅନ୍ଧକାର ଦିଗକୁ ଗତି କରୁଛି । କିନ୍ତୁ କେଉଁଠି ? ପୂର୍ବାପେକ୍ଷା ସାହିତ୍ୟ ରଚନା, ସାହିତ୍ୟିକ ଓ ପୁସ୍ତକ ସଂଖ୍ୟା ବଢ଼ିଛି । ଯେତେ ସବୁ ମନୋରଞ୍ଜନର ମାଧ୍ୟମ ରହିଥିଲେ ବି ପୁସ୍ତକ ପ୍ରତି ପାଠକଙ୍କର ରୁଚି ଅଛି । କିନ୍ତୁ ଜଣେ ଲେଖକ ଗୋଟିଏ ପୁସ୍ତକ ରଚନା କରିବା ପାଇଁ ଯେତିକି କଷ୍ଟ, ପରିଶ୍ରମ, ଅଥବା ଅସୁବିଧାର ସମ୍ମୁଖୀନ ହେଉ ନାହାନ୍ତି, ତା'ଠାରୁ ଅଧିକ ପୀଡ଼ା ପାଉଛନ୍ତି ପୁସ୍ତକକୁ ପ୍ରକାଶ କରିବା ପାଇଁ । ନିଜର ପରିଶ୍ରମ, ସମୟ ଏବଂ ଅର୍ଥ ବ୍ୟୟ କରିବା ସତ୍ତ୍ୱେ ବି ପୁସ୍ତକ ପ୍ରକାଶନ ପାଇଁ ମାନସିକ ସ୍ତରରେ ଦୁଃଖ ରହୁଛି ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ହଁ, ପୁରସ୍କାର ପ୍ରାପ୍ତିର ଗୁରୁତ୍ୱ ସର୍ବଦା ରହି ଆସିଛି ଏବଂ ଆଗକୁ ରହିଥିବ ବି । ଏହା ଏକ ସାମାଜିକ ସ୍ୱୀକୃତି କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ପୁରସ୍କାରକୁ ଆଖି ଆଗରେ ରଖି ଯଦି ପୁସ୍ତକଟି ରଚନା କରାଯିବ ଏବଂ ରଚନା କରି ସାରିବା ପରେ ଚୟନ କର୍ତ୍ତାମାନଙ୍କ ପାଖରେ ଏଥିପାଇଁ ଖୋସାମତ କରାଯିବ, ତା' ହେଲେ ଏହା କେବେ ବି ଗ୍ରହଣୀୟ ହେବ ନାହିଁ । ନିଜ ନିଜର କୃତିକୁ ପାଠକମାନଙ୍କର ପାଠକୀୟ ସ୍ୱୀକୃତି ଉପରେ ଛାଡ଼ିଦେବା ଉଚିତ ।

♥♥



ଅମଳିନ ସ୍ମୃତି : ପତି ସ୍ୱର୍ଗତ ଅଶୋକ ସିଂ ଓ ଝିଅ, ଜ୍ୱାଇଁ, ନାତୁଣୀଙ୍କ ସହ ଲେଖିକା ଅନୁରୂପା ସିଂ...



ଦୁଇ ପ୍ରିୟ ମଣିଷ : ନାତୁଣୀ ଓ ସ୍ୱର୍ଗତ ସ୍ୱାମୀଙ୍କ ସହ ଲେଖିକା...

**ଧାରାବାହିକ ଉପନ୍ୟାସ**

# ଭିନ୍ନ ଏକ ବିଦେଶିନୀ

**ଡ.ରତିକାନ୍ତ ବେହେରା**



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରକୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଗ୍ରରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୧୬**

ସେଦିନ ସନ୍ଧ୍ୟା ଆଳତିରେ ମଣ୍ଡପରେ ଭରପୂର ଜନତା। ଆଳତି ପରେ ଅମୃତବଚନ କହୁଥିଲେ ବୋଧାତ୍ମାନନ୍ଦଜୀ। କିନ୍ତୁ ଜେନି ସଂପୂର୍ଣ୍ଣ ଅନ୍ୟମନସ୍କ ଥିଲା ଆଳତିର ପୋଡ଼ା ସଳିତା ଗନ୍ଧରେ । କେହି କେହି ଭକ୍ତଙ୍କର କୌଣସି ଜଟିଳ ପ୍ରଶ୍ନର ସରଳ ଉତ୍ତର ରଖୁଥାନ୍ତି ସ୍ୱାମୀ ବୋଧାତ୍ମାନନ୍ଦଜୀ । ହଠାତ୍ ଜେନି ପ୍ରଶ୍ନ କଲା, "କହିପାରିବେ ସ୍ୱାମୀଜୀ ! ମୃତ୍ୟୁ ପୂର୍ବରୁ ଅର୍ଥାତ୍ ଜୀବାତ୍ମା ଶରୀରରୁ ଅଲଗା ହେବା ପୂର୍ବରୁ ମଣିଷ କେଉଁପରି ମାନସିକ ସ୍ଥିତିରେ ଥାଏ ?"

ଜେନିର ଏମିତି ଏକ ଜଟିଳ ପ୍ରଶ୍ନରେ କ୍ଷଣକେ ସ୍ତବ୍ଧ ହୋଇଗଲେ ସ୍ୱାମିଜୀ। ଏଇ ବିଦେଶିନୀ ନାରୀଟିର ମଠରେ ରହଣିକାଳ ମଧ୍ୟରେ ସେ ଲକ୍ଷ୍ୟ କରି ଆସିଛନ୍ତି ତାକୁ। ସର୍ବଦା ବିଚଳିତ ଓ ଅନ୍ୟମନସ୍କ ଭାବ ତାକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିଛି। କେବଳ ରାଧିକାମାତାଙ୍କୁ ଛାଡ଼ିଦେଲେ ଆଉ କାହାରି ସାମନା ହୋଇ ପାରନ୍ତି ନାହିଁ ସେ। ଏଥିରୁ ତାଙ୍କର ଅନୁମାନ, ମୃତ୍ୟୁ ତାଙ୍କୁ ପ୍ରତି ମୁହୂର୍ତ୍ତରେ ଡରଉଛି। 'କାଳ କାଳୟତା ମସ୍ମି।' ବଞ୍ଚିବାର ମୋହ ରଖି ସର୍ବଦା ମୃତ୍ୟୁ ଭୟରେ ଜଡ଼ସଡ଼ ହୋଇ ରହିବା ଦ୍ୱାରା ପ୍ରକାରାନ୍ତରେ ମୃତ୍ୟୁକୁ ଆବାହନ କରିବା । ଏଇଟା ଅଳ୍ପ ପରିଚୟ ଥିବା କୌଣସି ବନ୍ଧୁଙ୍କୁ ଅନିଚ୍ଛା ସତ୍ତ୍ୱେ ଫୋନ୍‌କରି ନିଜପୁଅ ଝିଅ ବାହାଘରକୁ ନିମନ୍ତ୍ରଣ କରିବା ପରି କଥା। ସ୍ୱାମୀଜୀ ଏ ସବୁ ଉପଲବ୍ଧି ପ୍ରକଟ ନ କରି ଶାସ୍ତ୍ରଜ୍ଞାନରେ ତାଙ୍କୁ ଉତ୍ତର ରଖିଲେ।

"ମୃତ୍ୟୁ ପୂର୍ବରୁ ଅର୍ଥାତ୍ ଶରୀରଠାରୁ ପ୍ରାଣ (ଆତ୍ମା) ଅଲଗା ହେବାର ତତ୍‌ପୂର୍ବବର୍ତ୍ତୀ ଅବସ୍ଥାରେ ଜଣେ ସଂସାରୀ କ୍ଲେଶ ଭୋଗୁଥାଏ ଏବଂ ଅତ୍ୟନ୍ତ ନିରାନନ୍ଦ ଅବସ୍ଥାରେ ଥାଏ। ସେ ଆତ୍ମା, ଇନ୍ଦ୍ରିୟ, ମନ, ବୁଦ୍ଧି ଓ ଅହଂକାରଯୁକ୍ତ ଥିବାରୁ ଏଗୁଡ଼ିକ ଏକାଦିକ୍ରମେ ଗୋଟେ ଭୟଙ୍କର ଆତଙ୍କରେ ଆତଙ୍କିତ ଥାଆନ୍ତି। ଏଣୁ ଚେତନା ବା ଚିତ୍‌ଶକ୍ତିର ସଂପୂର୍ଣ୍ଣ ବିଲୋପ ହୋଇ ସାରିଥାଏ । ମୃତ୍ୟୁପରେ ଏହି ଇନ୍ଦ୍ରିୟ ଜଡ଼ିତ ମନ, ବୁଦ୍ଧି ଓ ଅହଂକାର ସେ ଆତ୍ମାକୁ ଅନୁସରଣ କରେ। କିନ୍ତୁ ଜଣେ ପ୍ରକୃତ ଜ୍ଞାନୀ ଏବଂ ଯୋଗୀ କିମ୍ବା ଭକ୍ତ, ମୃତ୍ୟୁ ସମୟରେ ଚେତନା ରହିତ ହୁଅନ୍ତି ନାହିଁ। ତାଙ୍କ ଚେତନାରେ କେବଳ ଉଦ୍‌ଭାସିତ ହେଉଥାଏ ପରମାତ୍ମା ବା ପରଂବ୍ରହ୍ମଙ୍କ ସ୍ୱରୂପ। ମୃତ୍ୟୁକଷଣ ଲାଗେନାହିଁ ତାଙ୍କୁ। ସେଇମାନଙ୍କ ଆତ୍ମା ସହିତ କୌଣସି ପରାପ୍ରକୃତି ସଂଯୋଜିତ ହୋଇଯାଇ ନଥାଏ । ଏମାନେ ବୈକୁଣ୍ଠ ପ୍ରାପ୍ତ ହୋଇଥାନ୍ତି କିମ୍ବା ହିରଣ୍ୟଗର୍ଭ । ଯଥାର୍ଥତଃ ଏଇମାନେ ହିଁ ମୃତ୍ୟୁଞ୍ଜୟୀ । କାଳ ତାଙ୍କୁ ବାନ୍ଧି ପାରେନାହିଁ।"

ସ୍ୱାମୀଜୀଙ୍କ ତାତ୍ତ୍ୱିକ ବ୍ୟାଖ୍ୟାରେ ଆଉ କିଛି ପ୍ରଶ୍ନ ପଚାରି ପାରି ନଥିଲା ଜେନି। ମନ ଭିତରେ ବଞ୍ଚିବାର ଇଚ୍ଛା ସଂପୂର୍ଣ୍ଣ ଗୌଣ ହୋଇ ଯାଇଥିଲା। ଫେରି ଆସିଥିଲା ଆପଣା କକ୍ଷକୁ।

× × ×

ପୂର୍ବ ଅଭ୍ୟାସବତ୍ ପରଦିନ ପ୍ରାକ୍-ଗୋଧୂଳି ବେଳାରେ ଜେନି ଯାଇ ପହଞ୍ଚିଲା ସିଂହଦ୍ୱାରରେ। ସିଂହଦ୍ୱାରରେ ଉଭା ହୋଇଛନ୍ତି ତିନିରଥ। ରଂଗ ବେରଙ୍ଗର କନାରେ ଆଚ୍ଛାଦିତ ହୋଇ କେଡ଼େ ସୁନ୍ଦର ଦିଶୁଛନ୍ତି ! ଅବାକ୍ ହୋଇଗଲା ଜେନି। ରଥଯାତ୍ରା ପ୍ରସ୍ତୁତିରେ ଉଠୁଛି ପଡୁଛି ବଡ଼ଦାଣ୍ଡ। ତା'ର ପ୍ରତିଟି କୋଣ ଅନୁକୋଣରେ ଗୋଟେ ଉତ୍‌ଫୁଲ୍ଲିତ ଭାବ ସଂଚରିତ ହେଉଛି। ଉପରେ ହାଲୁକା ପାଉଁଶିଆ ମେଘର ପତଳା ଚଦରଟେ ଢାଙ୍କି ହୋଇଛି ଆକାଶ । ରଂଗବେରଙ୍ଗର ରଥଗୁଡ଼ିକୁ ଈର୍ଷାକାତର ଆଖିରେ ଚାହିଁ ରହିଛନ୍ତି ମେଘମାଳା। ସେମାନେ ବି ଅପେକ୍ଷା କରିଛନ୍ତି ରଥଯାତ୍ରାକୁ। ମଉକା ଦେଖି ଅସରାଏ ଦୁଇ ଅସରା ବର୍ଷି ଦେଇଯିବେ। ଭିଜେଇ ଦେବେ ରଥକୁ, ଭିଜେଇ ଦେବେ ବଡ଼ଦାଣ୍ଡକୁ । ଏଣେ ବଡ଼ଦାଣ୍ଡରୁ ଭାସି ଆସୁଛି ଭଜନର ଅପୂର୍ବ ଲଳିତ ସ୍ୱର। ଯଦିଓ ଜେନି କିଛି ବୁଝିପାରେ ନାହିଁ ସେ ସୁଲଳିତ ଭଜନର ଅର୍ଥ, ତଥାପି ଗୋଟେ ଆଧ୍ୟାତ୍ମିକ ଭାବ ସଂଚରିଯାଏ ତା' ହୃଦୟରେ, ସମଗ୍ର ଦେହ ସତ୍ତାରେ।

ରଥଗୁଡ଼ିକୁ ଆଉଥରେ ଭଲ କରି ନିରେଖିଲା ଜେନି। ତିନୋଟିଯାକ ରଥ ଏକାପରି ଗଢ଼ା ହୋଇଛନ୍ତି। ତେବେ ଏଥିରୁ କେଉଁଟିରେ ବସିବେ କାଳିଆ ଠାକୁର ? କାହାଠାରୁ ବୁଝିବ ଏ କଥା। ଆନନ୍ଦ ଥିଲେ ହୁଏତ ବୁଝେଇ ଦେଇଥାନ୍ତା ! ସେଇଦିନଠୁଁ ମଠରେ ଛାଡ଼ିଦେଇ ଯାଇଛନ୍ତି ଯେ, ଆଉ ଦେଖାନାହିଁ ଏ ଯାଏଁ। ଯେଉଁ ସେବକ କିମ୍ବା ସେବାୟତମାନେ ରଥ ଉପରେ ଏବଂ ତଳେ ଲଣ୍ଡଭଣ୍ଡ ହେଉଛନ୍ତି, ସେମାନେ ହୁଏତ କିଛି କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି। ଏଣୁ ଜେନି ସାହସ କରି ସେମାନଙ୍କୁ ପଚାରି ତାଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିବାକୁ ଉଚିତ ମଣିଲା ନାହିଁ। ଏଣୁ ପାଖରେ ଛିଡ଼ା ହୋଇଥିବା ଜଣେ ବୟସ୍କ ଲୋକକୁ ପଚାରି ବୁଝିଗଲା ସବୁକଥା। ଲୋକଟି କେଡ଼େ ଖୁସି ଏବଂ ଆବେଗରେ ବୁଝେଇ ଦେଲା ଜେନିକୁ।

"ତିନିଠାକୁରଙ୍କ ପାଇଁ ତିନୋଟି ରଥ। ନନ୍ଦିଘୋଷ, ଦେବଦଳନ ଓ ତାଳଧ୍ୱଜ। ଟିକେ ଦୂରରେ ରହିଛି ନନ୍ଦିଘୋଷ, ମଝିରେ ଦେବଦଳନ ଏବଂ ସିଂହଦ୍ୱାର ପାଖାପାଖି ଯେଉଁ ରଥଟି ରହିଛି, ତାହା ତାଳଧ୍ୱଜ। କାଳିଆ ସାଆନ୍ତ ବସିବେ ନନ୍ଦିଘୋଷରେ, ବଡ଼ ସାଆନ୍ତ ବସିବେ ତାଳଧ୍ୱଜରେ ଆଉ ଭଉଣୀ ସୁଭଦ୍ରା ବସିବେ ଦେବଦଳନ ରଥରେ। ଯିବେ ମାଉସୀଘର।"

ଜେନି ଜାଣିଲା ପ୍ରଭୁଙ୍କୁ ସାଆନ୍ତ ବୋଲି କହନ୍ତି ଏଠିକା ଲୋକ। ଭାରି ବଢ଼ିଆ ଶୁଭୁଛି କାନକୁ। ପଚାରିଲା- "ଠାକୁରମାନେ କେମିତି ଆସନ୍ତି ରଥକୁ ?"

ଜଣେ ବିଦେଶିନୀ ମହିଳା ରଥ, ରଥଯାତ୍ରା ଓ ଠାକୁରମାନଙ୍କ ସଂପର୍କିତ ପ୍ରଶ୍ନ ଗୁଡ଼ିଏ ଆଗ୍ରହରେ ପଚାରୁଛି ଜାଣି, ଆହୁରି ଦୁଇଗୁଣ ଉତ୍ସାହରେ ସେ ଟିକିନିଖି ବୁଝେଇ ଦେଲେ ଜେନିକୁ। ସେବକ ଓ ପଣ୍ଡାମାନେ ରତ୍ନସିଂହାସନରୁ ଆଣିବେ ପ୍ରଭୁମାନଙ୍କୁ ଜଣକ ପରେ ଜଣେ, ଧାଡ଼ି ପହଣ୍ଡିରେ। କେତେ ରଂଗ ଭଙ୍ଗୀରେ ସେ ଆସିବେ ଢଳି ଢଳି, ଦୋହଲୁଥିବ ଟାହିଆ,ବାଜୁଥିବ କାହାଳୀ ଓ ମହୁରୀ। ଗହଗହ ନାଦରେ କଂପୁଥିବ ସିଂହଦ୍ୱାର ଓ ବଡ଼ଦାଣ୍ଡ। ଦେଖିଲେ ଭେଟଣା ହୋଇଯିବ ଆଖି। ସମଗ୍ର ଦେହରେ ରୋମାଞ୍ଚ ଖେଳିଯିବ ଭକ୍ତମାନଙ୍କର।"

ମନେପଡ଼ିଲା ଥରେ କାଳିଆଠାକୁରଙ୍କୁ ଦର୍ଶନକରି ଗୁମଟ ଭିତରେ ରୋମାଞ୍ଚିତ ହୋଇଥିଲା ଜେନି। ଭକ୍ତର ରୋମାଞ୍ଚ ହିଁ ତା'ର କୈବଲ୍ୟ।

ଲୋକଟିର କଥା ଶୁଣି ଜେନି ବୁଝି ପାରିଛି ଏଇ ରୋମାଞ୍ଚ ଟିକକ ପାଇଁ ସେ ମରୁ ମରୁ ବଞ୍ଚି ରହିଛି ଆଜିଯାଏଁ ।

ସ୍ତମ୍ଭୀଭୂତ ହୋଇ ଛିଡ଼ା ହୋଇଛି ଜେନି ରଥ ଆଗରେ। ଲୋକଟି କେତେବେଳୁ ଚାଲି ଗଲାଣି। ଆଉ ଦୃଶ୍ୟ ହେଉନାହିଁ ଗହଳି ଭିତରେ। ଆଉକିଛି କଥା ବୁଝିବାର ଇଚ୍ଛାଥିଲେ ବି ସେ ବୁଝିପାରିଲା ନାହିଁ ଲୋକଟି ପାଖରୁ।

ଏତେବେଳେ ଆନନ୍ଦ ଦେଖା ହୋଇଥିଲେ ହୁଏତ ଭଲ ହୋଇଥାନ୍ତା ! ଚତୁଃପାର୍ଶ୍ୱରୁ ଦୃଷ୍ଟି ଫେରେଇ ଆଣି ଜେନି ପଶିଲା ଗୋଟେ ଲୁଗା ଦୋକାନରେ। କାଲି ପାଇଁ ପୋଷାକ ଦରକାର, ଠିକ୍ ରାଧିକାମାତାଙ୍କ ପରି । ଶାଢ଼ି ପିନ୍ଧି, ରଂଗ ଅଳତା ପାଉଁଜିରେ ସଜେଇ ହୋଇ ସେ ଆସିବ ବଡ଼ଦାଣ୍ଡ । ଲଣ୍ଡନରୁ କିଣା ହୋଇଥିବା କୌଣସି ପୋଷାକ ଏଠି ଶୋଭା ଦିଶିବ ନାହିଁ କାହାକୁବି, କାଳିଆସାଆନ୍ତଙ୍କୁ କିମ୍ବା ବଡ଼ଦାଣ୍ଡକୁ।

ମଠକୁ ଫେରି ସେଦିନ ରାତିରେ ବିଛଣାରେ ପଡ଼ି ପଡ଼ି ନିଦ ହେଉନଥିଲା ଜେନିକୁ। ଛାତିତଳେ, ସାମାନ୍ୟ ଛନଛନ ଭାବ ଲାଗି ରହିଥିଲେ ବି ରଥଯାତ୍ରାର ଦୃଶ୍ୟ କଳନା କରିବାକୁ ଲାଗିଲା ସେ । ଠାକୁରମାନେ ବାହାରିବେ ମନ୍ଦିରରୁ । ଜଣକ ପରେ ଜଣେ ଯାଇ ବସିବେ ରଥଉପରେ । ଜନସମୁଦ୍ର ମଝିରେ ଟଣାହେବ ରଥ । ସେହି ଜନସମୁଦ୍ର ଭିତରେ ନିଜକୁ ମିଶେଇ ଦେବ ସେ । ଦେଖିବ ପ୍ରଭୁଙ୍କୁ । ନେତ୍ର ପବିତ୍ର କରିବ, ଜୀବନ ସାର୍ଥକ କରିବ ସେ ଦୃଶ୍ୟ ଦର୍ଶନରେ।

ଆଷାଢ଼ ଆକାଶରେ ଗତିଶୀଳ ମେଘପରି ତା' ମନ ଆକାଶକୁ ଏମିତି ସବୁ କଳ୍ପନା ଆବୋରି ବସିଥିଲାବେଳେ ତାକୁ କେତେବେଳେ ନିଦ ହୋଇଯାଇଥିଲା, ଆଉ ନିଦ ଭାଙ୍ଗିଥିଲା ପାହାନ୍ତି ପହରେ ଏକ ଭୟାନକ ସ୍ୱପ୍ନ ଦର୍ଶନରେ । ସ୍ୱପ୍ନଟା ସଂପୂର୍ଣ୍ଣ ପ୍ରାସଙ୍ଗିକ ନ ଥିଲା କି ଅପ୍ରାସଙ୍ଗିକ ବି । ଟେମସ୍ ନଦୀର ଗଭୀର ଜଳରାଶି ଉପରେ ଏକ ବିରାଟ ନୌକାକୁ ସଂପୂର୍ଣ୍ଣ ଆଚ୍ଛାଦିତ କରି ନିର୍ମିତ ହୋଇଛି ସିଂହଦ୍ୱାରରେ ପ୍ରତୀକ୍ଷାରତ ରଥମାନଙ୍କ ପରି ରଥଟିଏ। ତା' ଭିତରେ ବିରାଜିତ ଅଛନ୍ତି ପ୍ରଭୁ ଜଗନ୍ନାଥ, ପତିତପାବନ ବେଶରେ। ତାଙ୍କ ଅଦୃଶ୍ୟ ପାଦ ପାଖରେ ତଳ ସୋପାନରେ ବସିଛି ସେ ନିଜେ। ନଦୀର ସ୍ରୋତରେ ଭାସି ଭାସି ନୌକା ସଜ୍ଜିତ ରଥଟି ଚାଲିଛି ଦ୍ରୁତ ବେଗରେ ଆଗକୁ ଆଗକୁ। ଦୁଇକୂଳରେ ଲକ୍ଷଲକ୍ଷ ଜନତା ଦେଖୁଛନ୍ତି ଏ ମହାର୍ଘ ଦୃଶ୍ୟକୁ । କିନ୍ତୁ ଏ କ'ଣ ? ବେଗବାନ ରଥଟି ହଠାତ୍ ଯାଇ ଧକ୍କା ଦେଲା ଲଣ୍ଡନ୍ ବ୍ରିଜ୍‌କୁ ଏବଂ ତତକ୍ଷଣାତ୍ ଏକ ବିକଟାଳ ଶବ୍ଦ ସହିତ ଏତେବଡ଼ ବ୍ରିଜଟା ଭାଙ୍ଗି ଚୂରମାର ହୋଇଗଲା ଆଖିର ଗୋଟେ ପଲକରେ।

ବାସ୍, ଏଇଟି ନିଦଭାଙ୍ଗି ଯାଇଥିଲା ଜେନିର । ଆଉ ସାରାରାତି ଶୋଇପାରି ନଥିଲା ସେ। ଆଖିରୁ ନିଦ ସଂପୂର୍ଣ୍ଣ ହଜି ଯାଇଥିଲା କେଉଁଆଡ଼େ । ଖୁବ୍ ଅର୍ଥପୂର୍ଣ୍ଣ ମନେହେଲା ତାକୁ ଏ ସ୍ୱପ୍ନଟି । ଜଗନ୍ନାଥ ତାକୁ ଡାକୁଛନ୍ତି, ତାକୁ ଆହ୍ୱାନ କରୁଛନ୍ତି ବଡ଼ଦାଣ୍ଡକୁ- ଏମିତି ଲାଗିଲା ତାକୁ ସେଇ ମୁହୂର୍ତ୍ତରେ। ଆଉ ବ୍ରାହ୍ମ ମୁହୂର୍ତ୍ତରୁ ତରତରରେ ନିତ୍ୟକର୍ମ ସାରି ସେ ଯାଇ ପହଞ୍ଚି ଯାଇଥିଲା ବଡ଼ଦାଣ୍ଡରେ।

ଜେନି ପହଞ୍ଚିଲା ବେଳକୁ ଲୋକାରଣ୍ୟ ହୋଇ ଆସୁଥିଲା ବଡ଼ଦାଣ୍ଡ। ବିହ୍ୱଳିତ ହୋଇ ପଡ଼ିଲା ଜେନି ସେ ଦୃଶ୍ୟରେ । ତା' ଆଶା ପୂର୍ଣ୍ଣ ହେବ। ନୟନ ଯୁଗଳ କୃତାର୍ଥ ହେବେ ରଥଯାତ୍ରାର ଜୀବନ୍ତ ସ୍ୱରୂପ ଦର୍ଶନ କରି। ଦେଖିବ ସେ ରଥାରୂଢ଼ ଅବସ୍ଥାରେ ପ୍ରଭୁଙ୍କୁ। ଏ ଯାଏଁ ତ ଧକେଇ ଧକେଇ ବଞ୍ଚି ଆସିଛି ସେ ଏତକ ଦେଖିବ ବୋଲି। ୟା'ପରେ ମରିଗଲେ ମରିଯିବ, ନ ଦେଖିପାରିବାର ଅବସୋସ ଆଉ ରହିବ ନାହିଁ।

ଟେମସ୍ ନଦୀରେ ପ୍ରବଳ ଜଳସ୍ରୋତ ବୋହି ଆସିଲା ପରି ବଡ଼ଦାଣ୍ଡକୁ ବୋହି ଆସୁଚି ମଣିଷର ସୁଅ। କେହି କାହାକୁ ପଚାରି ବୁଝିବାର ଆବଶ୍ୟକ ନାହିଁ। ଲକ୍ଷ ଲକ୍ଷ ଭକ୍ତ, ଶ୍ରଦ୍ଧାଳୁ, ସେବକ, ଗୃହୀଜନ, ସଂସାରୀ, ପୀଡ଼ିତ, ପଙ୍ଗୁ, ମୂକ, ଅଥର୍ବ, କର୍ମହୀନ, କର୍ମଯୋଗୀ, ସାଧୁ, ସନ୍ଥ, ସନ୍ନ୍ୟାସୀ, ନାରୀ, ପୁରୁଷ, ପିଲାଛୁଆ, ଧନୀ ଦରିଦ୍ର ଆଦି ସବୁ ବର୍ଗର ମଣିଷ ଆଜି ଗୋଟିଏ ଲକ୍ଷ୍ୟ ନେଇ ଧାବିତ, ତାହା ରଥଯାତ୍ରା ! ଆପଣାର ଦୁଃଖ ଭୁଲି ଧାଇଁ ଆସିଛନ୍ତି ସଭିଏଁ । ଭୁଲି ଯାଇଛନ୍ତି ଘରଦ୍ୱାର, ସଂସାର ଓ ସମସ୍ୟା । ସଭିଙ୍କ ମନ ପୁଲକିତ ହେଉଛି ପ୍ରଭୁଙ୍କ ପାଇଁ । ବିହ୍ୱଳିତ ହେଉଛି ବଡ଼ଦାଣ୍ଡର ରେଣୁ ସ୍ପର୍ଶ ପାଇ । ରଥ, ବଡ଼ଦାଣ୍ଡ ଓ ଜନତା ସମସ୍ତେ ସମସ୍ତଙ୍କୁ ପାଇ ବିଭୋର।

ଜେନି ଏକଥା ବି ଲକ୍ଷ୍ୟ କରି ଦେଖିଲା ଯେ, ଏଠି କେହି ନିରାନନ୍ଦ ନୁହେଁ, ବୀଷର୍ଣ୍ଣ ନୁହେଁ କି କେହି ଦୁଃଖୀ ନୁହଁନ୍ତି। ଆପଣାର ଦୁଃଖ ଭୁଲି ଧାଇଁଆସିଛନ୍ତି ସମସ୍ତେ। ମିଶେଇ ଦେଇଛନ୍ତି ନିଜକୁ ଏ ମହାସ୍ରୋତରେ, ଆନନ୍ଦ ପାରାବାରରେ। ଏ ଏକ ମହାମିଳନ, ପ୍ରଭୁ ଆଉ ଭକ୍ତଙ୍କର।

ଏହା କିପରି ସମ୍ଭବ ହେଉଛି ? ସଭିଙ୍କ ଜୀବନ ସମସ୍ୟା ବିଜଡ଼ିତ। ଦୁଃଖ ତ ଛାଇ ହୋଇ ଗୋଡ଼ଉଥିବ ସମସ୍ତଙ୍କୁ। କିନ୍ତୁ ଏଠାରେ ସଭିଙ୍କ ହୃଦୟରେ ଗୋଟିଏ ପ୍ରକାର ଭାବ ସଂଚାରିତ ହେଉଛି, ତାହା ଭକ୍ତି, ଶ୍ରଦ୍ଧା ଓ ଆଗ୍ରହ। ଅଦୃଶ୍ୟ ଯାଦୁକର ଏ ବ୍ରହ୍ମାଣ୍ଡ ଠାକୁର। ଯାଦୁର ମାୟାରେ ସଭିଏଁ ଯେମିତି ଘୋଷାଡ଼ି ହୋଇ ଚାଲି ଆସୁଛନ୍ତି ବଡ଼ଦାଣ୍ଡକୁ। ନହେଲେ ଏଡ଼େ ବେଗି ବେଗି ପାହୁଣ୍ଡ ପକେଇ କାହିଁକି ମାଡ଼ି ଆସନ୍ତେ ?

ଏ ସବୁ ଦୃଶ୍ୟ ଦେଖିଦେଖି ଜେନି ଭିତରେ ଥିବା ସମ୍ମୋହନ ଏବେ ରୂପାନ୍ତରିତ ହୋଇ ଯାଇଛି ପୁଳକରେ। ଆଚ୍ଛନ୍ନ କରିଦେଉଛି ତା'ର ସମଗ୍ର ସତ୍ତାକୁ।

କେତେ କ୍ଷଣ ଧରି, ଜେନିର ହେଜନାହିଁ, ଗୋଟି ଗୋଟି ଆଗ ପଛ ହୋଇ ପହଣ୍ଡିରେ ବିଜେ କଲେ ଠାକୁରମାନେ। ଝୁଲି ଝୁଲି, ଝୁଙ୍କି ଝୁଙ୍କି ସେମାନେ ଆସୁଛନ୍ତି ସେବକମାନଙ୍କ କାନ୍ଧରେ ଭରାଦେଇ ରଥ ସମୀପକୁ। ଅଧା ଦୃଶ୍ୟ ହେଉଛନ୍ତି, ପୁଣି ଲୁଚି ଯାଉଛନ୍ତି ଦର୍ଶକଙ୍କ ଆଗ୍ରହକୁ ବହୁଗୁଣିତ କରି। ଅପଲକ ନୟନ, ଅନ୍ତହୀନ ଜିଜ୍ଞାସା ଓ ଆବେଗର ତାଡ଼ନାରେ ଏ ବିରଳ ଦୃଶ୍ୟକୁ ଉପଭୋଗ କରୁଛି ଜେନି। ଟିକେ ଦୃଷ୍ଟିଆଢୁଆଳ ହେଲେ ଜେନିର ଆବେଗ ଅଭିଯୋଗରେ ରୂପାନ୍ତରିତ ହୋଇଯାଉଛି।

(କ୍ରମଶଃ)

❤ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
ମୋ : ୯୪୩୯୪୪୨୯୪୨

# ଘୋଡ଼ାବେପାର ଏକ ଭଲ ବ୍ୟବସାୟ

**ଡ଼. କାଳିକିଙ୍କର୍**



ଘୋଡ଼ା ଏକ ଶକ୍ତିଶାଳୀ ଓ ସାହସୀ ପଶୁ । ସେ ମଧ୍ୟ ପ୍ରଭୁ ଭକ୍ତ । ଆପଣାର ମାଲିକ ପାଇଁ ସେ ବାଜି ଲଗେଇ ଦିଏ ଜୀବନ । ଖାଏ ଘାସ ଓ ଦାନା କିନ୍ତୁ ଦୌଡ଼ିବାରେ ସେ ସବୁବେଳେ ଆଗରେ । ଅନ୍ୟ କେହି ପଶୁ ଏମିତି ଲମ୍ବ ଦୌଡ଼ ଲଗାଇ ପାରନ୍ତି ନାହିଁ । ତେଣୁ ଏ ସବୁକୁ ଦୃଷ୍ଟିରେ ରଖିଲେ କହିହେବ ଯେ ଘୋଡ଼ା ବେପାର ଏକ ଲାଭଜନକ ବ୍ୟବସାୟ ବା ଭଲ ବ୍ୟବସାୟ ।

ଘୋଡାକୁ ତେବେ ମଣିଷ ସହ କଣ ତୁଳନା କରାଯାଇ ପାରେ ? ଏ କଥା ଭାବି ମୁଁ ଅତ୍ୟନ୍ତ ବ୍ୟସ୍ତ ବିବ୍ରତ । ମଣିଷ କଣ ସତରେ ଘୋଡା ଭଳି ବିଶ୍ୱସ୍ତ ବା ଅନୁଗତ ? ସେ କଣ ଘୋଡ଼ାଭଳି ଦୌଡିପାରେ ମାଲିକର ସୁରକ୍ଷା ଓ ସ୍ୱାର୍ଥପାଇଁ ? ମଣିଷ କଣ ସତରେ ଘୋଡ଼ାଭଳି ନିସ୍ୱାର୍ଥପର ?

ଘୋଡ଼ା ବେପାର ପ୍ରସଙ୍ଗଟି ଭାରତର ରାଜନୀତି କ୍ଷେତ୍ରରେ ଅଧିକ ଦେଖାଯାଉଛି ଓ ଶୁଣାଯାଉଛି । ଅର୍ଥାତ ଯେମିତି ଘୋଡାକୁ ଅଧିକ ମୂଲ୍ୟ ଦେଇ ଜଣେ କିଣି ନେଇପାରେ ଓ ନିଜର ଆନୁଗତ୍ୟରେ ରଖେ ସେମିତି ହେଉଛି ରାଜନୀତିରେ । ଏଠାରେ ନୀତି, ଆଦର୍ଶ ବା ଆନୁଗତ୍ୟର ପ୍ରଶ୍ନ ନ ଥାଏ । ଯିଏ ଯେତେ ଟଙ୍କା ବା ପଦପଦବୀର ଲୋଭ ଦେଖାଇ ପାରିଲା ସେ ସେତୋଟି ଘୋଡ଼ା ଅର୍ଥାତ ମଣିଷଙ୍କୁ କିଣି ପାରିଲା ।

ନିର୍ବାଚନରେ ଯେଉଁ ଦଳର ଟିକଟ ନେଇ ଜୟଲାଭ କରୁଛ ଓ ଯଦି ସମୟକ୍ରମେ ସେ ଦଳ ସହ ବିଶ୍ୱାସଘାତ କରି ଆଉ କାହାର ଦାସତ୍ୱ ଆପଣା ସ୍ୱାର୍ଥରେ ସ୍ୱୀକାର କରୁଛ ସେଥିରେ କେହି ପଛ ଘୁଞ୍ଚା ଦେଉ ନାହାନ୍ତି । ନିକଟରେ ଓଡ଼ିଶାର ଚାରୋଟି ରାଜ୍ୟସଭା ସଦସ୍ୟ ନିର୍ବାଚନ ପାଇଁ ଭୋଟ ହେଲା ତାହା ତାର ଏକ ଜ୍ୱଳନ୍ତ ପ୍ରମାଣ । ସଂଖ୍ୟା ଆଧାରରେ ଭାରତୀୟ ଜନତା ପାର୍ଟି ଦୁଇଟି ଓ ବିଜୁ ଜନତା ଦଳର ଗୋଟିଏ ପ୍ରାର୍ଥୀ



ସହଜରେ ଜିତିବାର ଥିଲା । ଚତୁର୍ଥ ପ୍ରାର୍ଥୀ ଜୟଯୁକ୍ତ ହେବାପାଇଁ ତିରିଶଟି ଭୋଟ ଆବଶ୍ୟକ ଥିଲା ଯାହା କୌଣସି ଦଳ ପାଖରେ ନ ଥିଲା। ଭାରତୀୟ ଜନତା ପାର୍ଟି ପାଖରେ ବାଇଶି ଭୋଟ ବଳକା ଥିଲାବେଳେ ବିଜୁ ଜନତା ଦଳ ପାଖରେ କୋଡିଏ ବଳକା ଭୋଟ ଥିଲା । କଂଗ୍ରେସ ପାଖରେ ଚଉଦ ଭୋଟ ଥିଲାବେଳେ ସିପିଆଇଏମ ପାଖରେ ଗୋଟିଏ ଭୋଟ ଥିଲା ଓ ଏମାନେ ମିଶିକରି ବିଶିଷ୍ଟ ଚିକିତ୍ସକ ଡ଼ା ଦତ୍ତେଶ୍ୱର ହୋତାଙ୍କୁ ମଇଦାନରେ ଓହ୍ଲେଇ ଦେଲେ । ଆଶା ଥିଲା ଯେ ଏହି ଦୁଇ ଦଳର ସହଯୋଗରେ ଡ଼ା ହୋତା ସହଜରେ ବିଜୟ ଲାଭ କରିପାରିବେ ।

ସେତିକିବେଳେ ଜଣେ ଭଲ ବେପାରୀ ବା ବିଜିନେସମେନ ଖୋଜା ଚାଲିଲା ଯିଏ ଘୋଡା ବେପାରରେ ବେଶ ପାରଙ୍ଗମ ହୋଇଥିବେ ରାଜନୀତିରେ । ତାଙ୍କର ଅତୀତ ଅଭିଜ୍ଞତା ମଧ୍ୟ ଏ ବେପାରରେ ଭଲ ଥିବ । ସେମିତି ଜଣେ ବ୍ୟକ୍ତି ମିଳିଗଲେ ଭାରତୀୟ ଜନତା ପାର୍ଟିକୁ ଯାହାଙ୍କର ଏ କାମରେ ବିଶେଷ ଭଲ ରେକର୍ଡ ଥିଲା ଓ ପ୍ରଚୁର ଅର୍ଥର ସେ ଅଧିକାରୀ । ଯେତେ ଟଙ୍କା ଲାଗିଲେ ବି ମଣିଷଙ୍କୁ ଘୋଡା ଭଳି କିଣିବାରେ ସେ ମହାରଥ ହାସଲ କରିଛନ୍ତି । ତାଙ୍କୁ ଭାରତୀୟ ଜନତା ପାର୍ଟି ସ୍ୱାଧୀନ ପ୍ରାର୍ଥୀ ଭାବରେ ଛିଡା କରେଇଲା ଓ ସେ ବ୍ୟକ୍ତି ହେଲେ ଦିଲ୍ଲୀପ ରାୟ ।

ପରିଣାମ ତେଣୁ ସେହି ପ୍ରକାର ହେଲା ଓ ଭଲ ବେପାର କରି ପୋଖତ ବେପାରୀ ବା ବିଜିନେସମେନ ଦିଲ୍ଲୀପ ରାୟ ବିଜୟ ହାସଲ କଲେ । କଂଗ୍ରେସରୁ ତିନି ଓ ବିଜେଡ଼ିରୁ ଏଗାର ଘୋଡା ସେ କିଣି ନେଲେ । ଶୁଣାଯାଏ,ଗୋଟିଏ ଘୋଡ଼ା କିଣିବାରେ ହାରାହାରି ପନ୍ଦର କୋଟି ସେ ବାଣ୍ଟି ଦେଲେ ।

ଯେଉଁ ବିଧାୟକମାନେ ଘୋଡାଭଳି ବିକ୍ରି ହେଲେ ବୋଲି ଅନୁମାନ କରାଯାଏ ସେମାନେ ଭୋଟ୍ ଦେବାପୂର୍ବରୁ ଯେମିତି ଆଗରୁ ପ୍ରସ୍ତୁତ ଥିଲେ ଓ ଦରଦାମ ଛିଡ଼ାଇ ସାରିଥିଲେ ଯାହା ତାଙ୍କ ଗ୍ରୁପର ବରିଷ୍ଠ ନେତା ବିଜୟ ମହାପାତ୍ର ସ୍ୱୀକାର କରିଛନ୍ତି ଯେ ତିନିମାସ ପୂର୍ବରୁ ଏହା ସ୍ଥିର ହୋଇ ସାରିଥିଲା । ମାନ୍ୟବର ଦିଲ୍ଲୀପ ରାୟ ମଧ୍ୟ ସ୍ୱୀକାର କରିଛନ୍ତି ଅଠର ଜଣ ବିଜୁ ଜନତା ଦଳ ଏମଏଲଏଙ୍କୁ ଆଣିବାର ଯୋଜନା ହୋଇଥିଲା ତେବେ ଏଗାର ଜଣହିଁ ଏ ବଜାରରେ ସାମିଲ ହେଲେ । କଂଗ୍ରେସର ତିନି ଥିଲେ ଓ ତିନି ଆସିଲେ । ଅର୍ଥାତ ଭଲ ବ୍ୟବସାୟ ହେଲା ବା କହିହେବ ଯେ ଘୋଡା ବେପାର ଏକ ଲାଭଜନକ ବ୍ୟବସାୟ ।

❤ ସୌଭାଗିନୀ ନିବାସ, ରଟିଲୋ,
ରେଞ୍ଚ, ପୁରୀ-୭୫୨୧୧୪,
ମୋ-୮୨୪୯୨୧୬୦୬୭

**ପଢ଼ିବା ପରେ...**

# କାଗଜଫୁଲର ସଞ୍ଜ



ପ୍ରେମର ପୃଥିବୀରେ ଦୁଇଜଣ ସକ୍ରିୟ ସଜୀବ ଥାଆନ୍ତି ସତ ହେଲେ ଜଳିବା ଜଣଙ୍କ ଭାଗ୍ୟରେ ଲେଖାଥାଏ। ଜଣଙ୍କ ଅବର୍ତ୍ତମାନରେ ଆଖି ପିନ୍ଧୁଥାଏ ଲୁହ, ଓଠ ପିନ୍ଧୁଥାଏ ମଉଳା ଫୁଲ, ହୃଦୟ ଜାକି ଧରିଥାଏ କୋହ, ଉଦାସ ଦିଶୁଥାଏ ମୁହଁ।

ନିରୁପମା ବେହେରାଙ୍କ ଉପନ୍ୟାସ 'କାଗଜଫୁଲର ସଞ୍ଜ' ପ୍ରିୟ ପୁରୁଷକୁ ହରେଇ ହଳେ ଦିଗହଜା ପାଦ ଅଣ୍ଟିଏ ସ୍ମୃତିନିଆଁର ଦହନକୁ ସହ୍ୟକରି ଜଳୁଥିବା ପ୍ରେମିକାର ଆତ୍ମଲିପି। କୋହ ଜରଜର ଲୁହ ସରସର ଅଧାଲେଖା ପ୍ରେମ ଗପ।





ସଦାବେଳେ ଜଣେ କହିବ ଜଣେ ହୁଁ ମାରିବ ଏମିତି କିଛି ସର୍ତ୍ତ ନଥାଏ ପ୍ରେମରେ। ଏଇ ଯେମିତି ଚିନୁ କହୁଥାଏ ଆଉ ଶୁଣୁଥାଏ ତା'ର ନିଃସଙ୍ଗତା। ପାଖରେ ନଥାଏ ମନର ମଣିଷ ମହ୍ଲାର। ସେଥିପାଇଁ ତ ସେ ସଦାବେଳେ ରିଆଜ୍ କରୁଥାଏ ଏକ୍ଲାପଣର ଦାରୁଣ ସଙ୍ଗୀତ। ସେ ପାଖରେ ନଥାଏ ସତ ହେଲେ ତା' ହୃଦୟ ଭିତରେ ଚିପକି ରହିଥାଏ ନିଜ ସହ ବିତିଥିବା ଅନେକ ଗୋଲାପି ସଞ୍ଜର ସଜଳ ସ୍ମୃତି। ମନ ହଜୁଥାଏ ଜହ୍ନରାତିର ନିରୋଳା ସଞ୍ଜରେ ନଇବନ୍ଧରେ ଆଉ ଅନୁଭବୁ ଥାଏ ନିଜ ଅନ୍ୟମନସ୍କତାରେ ହଳେ ଓଠଙ୍କର ତତଲା ନିଃଶ୍ୱାସର ଶିହରଣ ! ପ୍ରେମିକାର କଥା ଚକୋଲେଟଠୁଁ ଆହୁରି ମିଠା ଲାଗେ । ସେ ନୀଳ ଶାଢ଼ି ପିନ୍ଧି ଆସିଲା ବେଳେ ବଖରା ପାଲଟୁଥାଏ ଆକାଶ। ଏମିତି ଗାଢ଼ ପ୍ରେମକୁ ପଛକରି ପ୍ରିୟ ପୁରୁଷ ଦିନେ ହଜିଯାଏ ତା ଜୀବନ ପରିଧିରୁ !

ଜୀବନରେ ସବୁ କିଛି ମିଳେ ସେ ମିଳେନି ଯାହାକୁ ହୃଦୟ ଚାହୁଁଥାଏ। ଏମିତି କାହିଁକି ହୁଏ ?

ନିଃସଙ୍ଗତାର ଦରଜ, ଏକ୍ଲାପଣର ପୀଡ଼ା, ପ୍ରହରମାନଙ୍କର ଆଘାତ ସହି କାହା ପ୍ରେମକୁ ସାରା ଜୀବନ ଝୁରିହେବା ଏତେ ସହଜ ନୁହେଁ। ସେଥିପାଇଁ ତ ସଞ୍ଜହେଲେ ସଞ୍ଜବତୀ ପରି ଜଳୁଥାଏ ଚିନୁ ଆଉ ହୃଦୟ ଚିତ୍କାର କରି କହୁଥାଏ ' ମହ୍ଲାର, ସାରାଦିନ ବିତିପାରେ ତୁମବିନା ମାତ୍ର ସଞ୍ଜ ପହର ନୁହେଁ। '

ପ୍ରତିଟି ରାତିରେ ସେ ଅଭିସାରିକା ସାଜେ। ସବୁଜ ତୋରାଣରେ ସଜାଏ ମନ ଅଗଣା। ସେ କିନ୍ତୁ ଫେରୁ ନଥାଏ। ମାତ୍ର ପାଗଳୀ ପ୍ରେମିକା ଏ ନଗ୍ନ ସତ୍ୟକୁ ସ୍ୱୀକାର କରିବାକୁ ନାରାଜ। ସେ ଦିନେ ଫେରିବ ଏଇ ବିଶ୍ୱାସରେ ସେ ବଞ୍ଚୁଥାଏ। ସେଥିପାଇଁ ତ ଅଭିମାନିନୀ ପ୍ରେମିକା କହୁଥାଏ 'ତୁମେ ଏବେ ଫେରିଲେ ବି ମୋର ନୁହେଁ!' କି ଅଭିମାନ...

ସିଭିଲ ଇଞ୍ଜିନିଅର ମହ୍ଲାର ଛ' ମାସ ଭିତରେ ଫେରି ଆସିବାର ପ୍ରତିଶ୍ରୁତି ଦେଇ ସୁଦୂର ପଂଚଗାନୀ ଚାଲିଯାଏ। ଫେରିବାର ଅନ୍ତିମ ଦିନ ପ୍ରେମିକାର ପ୍ରିୟ କାଗଜଫୁଲ ସଂଗ୍ରହ ନିମିତ୍ତ ପର୍ବତ ଶିଖରକୁ ଯାଇ ଆଉ ଫେରେ ନାହିଁ। ପର୍ବତ ପାଦଦେଶରୁ ମିଳେ କ୍ଷତବିକ୍ଷତ ବିବର୍ଣ୍ଣ ଦେହ ଆଉ ସାର୍ଟ ପକେଟରୁ ମିଳେ କିଛି ମ୍ଲାନପଡ଼ି ଆସିଥିବା କାଗଜଫୁଲର ପାଖୁଡ଼ା।

ଏକା ନିଃଶ୍ୱାସକେ ପଢ଼ିହେଇଯିବା ପରି ଏକ କ୍ଲାସିକ୍ ଉପନ୍ୟାସ 'କାଗଜଫୁଲର ସଞ୍ଜ'। କବିତା ପରି ଏଥିରେ ରୂପକଳ୍ପର ପ୍ରୟୋଗ ଲେଖିକାଙ୍କ ସୃଜନଶୀଳତାର ଭିନ୍ନ ଦିଗ। ଦୁଇଟି ମୁଖ୍ୟଚରିତ୍ର ଚିନୁ, ମହ୍ଲାର ବ୍ୟତୀତ ତାଙ୍କ ପ୍ରେମରେ ଡାକ୍ୱାଲା ଭୂମିକା ନିର୍ବାହ କରିଥିବା ମାଳ ଅନ୍ୟ ଏକ ଗୌଣ ଚରିତ୍ର। ଉପନ୍ୟାସଟି ପଚିଶଟି କ୍ଷୁଦ୍ରଭାଗରେ ବିଭକ୍ତ ଆଉ ପ୍ରତ୍ୟକ ଭାଗ ସ୍ୱତନ୍ତ୍ର ଶୀର୍ଷକ ବହନ କରିଛି। ପ୍ରତିଟି ଭାଗ ଏକ ସ୍ୱୟଂସମ୍ପୂର୍ଣ୍ଣ ଗଳ୍ପପରି ଲାଗିବା ହିଁ ଉପନ୍ୟାସର ଆଉ ଏକ ସ୍ୱତନ୍ତ୍ରପଣ।

ଛୟାନବେ ପୃଷ୍ଠାର ଏହି ସୁନ୍ଦର ଉପନ୍ୟାସର ପ୍ରକାଶକ ହେଉଛନ୍ତି ଓଡ଼ିଶାର ଅନ୍ୟତମ ଅଗ୍ରଣୀ ପ୍ରକାଶନ ପଶ୍ଚିମା ପବ୍ଲିକେଶନ୍ସ।

ପ୍ରେମର ମୃତ୍ୟୁ ନଥାଏ କାରଣ ବିରହରେ ବେଶି ବେଶି ଭୋଗିହୁଏ ପ୍ରେମକୁ। ପାଠକେ ପଢ଼ିଲେ ଅନୁଭବ କରିପାରିବେ ଏ ମଧୁର ଯନ୍ତ୍ରଣା ।



**ସମୀକ୍ଷା : ବିପ୍ଲବ**
ମକୁନ୍ଦ ପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬ଣ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୨ ମାର୍ଚ୍ଚ ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

୬ ରବିବାର ଚୟନ ସାପ୍ତାହିକ କ୍ରୋଡ଼ପତ୍ର



# ମଧୁରୋକ୍ତି...( ୨୩)

♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ଗଭୀର ଚିନ୍ତାରେ ଭାଙ୍ଗି ପଡ଼ି ତୁମେ ରାଜ ନଅରକୁ ଫେରି ଆସିଥିଲ। ମାତା ସୀତା ତୁମର ମନୋଭାବ ବୁଝିବାକୁ ଚେଷ୍ଟା କରୁଥିଲେ। କିନ୍ତୁ ତୁମେ ତାଙ୍କୁ ସତ କହିପାରୁ ନଥିଲ। ମାତା ଅନେକ ପ୍ରଶ୍ନ କରିବା ପରେ ତୁମେ ବାଧ ହୋଇଥିଲ ସେ କଟୁସତ୍ୟ କହିବା ପାଇଁ ଯାହା ତୁମ ଜୀବନକୁ ଏକ କଷ୍ଟକର ଯନ୍ତ୍ରଣାଦାୟକ ମୋଡରେ ନେଇ ଯାଉଥିଲା। ଦଣ୍ଡକାରଣ୍ୟରେ ରହଣୀ ସମୟରେ ଥରେ ଇନ୍ଦ୍ର ପୁତ୍ର ଜୟନ୍ତ ମାତାଙ୍କ ରୂପରେ ବିଭୋର ହୋଇ ଏକ କାକ ବେଶରେ ଆସି ତାଙ୍କ ଦେହରେ ଚଞ୍ଚୁ ମାରିବା ପରି ଦୁଃସାହସ କରି ପକେଇଥିଲା। ତାକୁ ସେହି ଅପରାଧ ପାଇଁ ଦଣ୍ଡ ଦେବାକୁ ତୁମେ କୋଦଣ୍ଡ ଉଠେଇ ତୀର ସନ୍ଧାନ କରିଥିଲ ଆଉ ଯେଉଁ ଆଖିରେ ସେ କୁଦୃଷ୍ଟି ପକେଇଥିଲା ସେହି ଆଖିକୁ ଫୁଟେଇ ଦେଇଥିଲ। ନାରୀଙ୍କ ଉପରେ କୁଦୃଷ୍ଟି ପକେଇଲେ ଏହି ପରିଣାମ ଏପରି ଭୟଙ୍କର ହୁଏ ବୋଲି ସନ୍ଦେଶ ଦେଇଥିଲ। କିନ୍ତୁ ଆଜି ତୁମେ ସାଧାରଣ ନର ପରି ବ୍ୟାକୁଳ ହେଉଥିଲ। କାରଣ ଧୃଷ୍ଟତାକୁ ଦଣ୍ଡ ଦିଆ ଯାଇପାରେ କିନ୍ତୁ ଅବିଶ୍ୱାସ ପାଇଁ କୌଣସି ଉପାୟ ନାହିଁ ମନୁଷ୍ୟର ବିଶ୍ୱାସ ସଂପୂର୍ଣ୍ଣ ରୂପେ ନିଜର ବ୍ୟକ୍ତିଗତ ଅନୁଭବ ଓ ଅନୁଶୀଳନ ଉପରେ ପର୍ଯ୍ୟବେସିତ। ଏହି ସମସ୍ୟାର ସମାଧାନ କିପରି କରିବ ସେହି କଥା ଭାବି ତୁମେ ଦୁର୍ବଳ ହୋଇ ପଡୁଥିବା ବେଳେ ମାତା ତୁମକୁ ଧୈର୍ଯ୍ୟ ଦେଇଥିଲେ। ନିଜ ପ୍ରଜାଙ୍କ ବିଶ୍ୱାସ ଜିତିବା ହିଁ ରାଜାର ପ୍ରଥମ କର୍ତ୍ତବ୍ୟ ହୋଇଥାଏ। ଶାସନ ବ୍ୟବସ୍ଥା ସୁଧାରିବାକୁ ହେଲେ ପ୍ରଥମେ ଶାସକ ଉପରେ ଜନତା ବିଶ୍ୱାସ କରିବା ଆବଶ୍ୟକ। ତା ଛଡା ନାରୀମାନେ ଯଦି ଲାଞ୍ଛିତ ଅପମାନିତ ହେବେ ତେବେ ସମାଜରେ ସମତା କିପରି ଆସି ପାରିବ...!! ସୁସ୍ଥ ସମାଜ ଗଢ଼ିବାକୁ ହେଲେ ନାରୀ ପୁରୁଷ ସମାନ ଭାବରେ ଆଗେଇବାକୁ ପଡ଼ିବ। ତେଣୁ ପ୍ରଜାମାନଙ୍କ ମଧ୍ୟରେ ଆକ୍ରୋଶ ଓ ଅସନ୍ତୋଷର ମୂଳୋତ୍ପାଟନ କରିବାକୁ ଏକ ଦୃଢ଼ ପଦକ୍ଷେପ ନେବା ପାଇଁ ତୁମେ ଦୁହେଁ ନିଷ୍ପତ୍ତି ନେଇଥିଲ।

ମାତା ସୀତା ସେହି ଅନ୍ତସତ୍ୱା ଅବସ୍ଥାରେ ହିଁ ରାଜଭବନ ତ୍ୟାଗ କରି ବନଗମନ କରିବାକୁ ଚୁଡାନ୍ତ ସିଦ୍ଧାନ୍ତ ନେଲେ। ଏହି ସମୟରେ ମାନସିକ ଶାନ୍ତି ତଥା ଶାରୀରିକ ଶୁଦ୍ଧତା ପାଇଁ ଋଷି ଆଶ୍ରମର ମନଲୋଭା ପରିବେଶ ହିଁ ଉପଯୁକ୍ତ ଥିଲା। ପ୍ରଜାମାନଙ୍କ ଭିତରେ ବିଶ୍ୱାସ ଆଣିବା ପରେ ଯାଇ ସେ ଫେରି ଆସିବେ ବୋଲି କହି ମାତା ବାହାରି ଯାଇଥିଲେ।ବୀର ଲକ୍ଷ୍ମଣଙ୍କୁ ତୁମେ ଛାତି ଉପରେ ପଥର ରଖି ନିର୍ଦ୍ଦେଶ ଦେଇଥିଲ ମାତାଙ୍କୁ ନେଇ ନଗର ବାହାରେ ଛାଡି ଆସିବା ପାଇଁ। କାଳେ ପରିବାରର କେହି ଜାଣିଲେ ଏହି କାମରେ ବାଧା ସୃଷ୍ଟି ହେବ ସେହି ଆଶଙ୍କାରେ ମଧ୍ୟରାତ୍ରିରେ ଲକ୍ଷ୍ମଣ ମାତାଙ୍କୁ ନେଇ ଅଧା ରାସ୍ତାରେ ଛାଡ଼ି ଆସି ଯାଇଥିଲେ। ସେ କେଉଁଆଡେ ଯାଉଛନ୍ତି ସେକଥା କେହି ଜାଣି ପାରିଲେନି। କେବଳ ମାତା ଜାଣିଥିଲେ ଯେ ସେ ବାଲ୍ମିକୀ ଋଷିଙ୍କ ଆଶ୍ରମକୁ ଯାଉଛନ୍ତି। ମାତା କାହାକୁ ନିଜର ଗନ୍ତବ୍ୟ ବିଷୟରେ ଜଣେଇ ପାରିଲେନି କାରଣ ସେ ଜାଣିଥିଲେ ଯଦି ତାଙ୍କ ରହଣୀ ସ୍ଥାନ ବିଷୟରେ କେହି କିଛି ଜାଣିବେ ତେବେ ସେମାନେ ତାଙ୍କୁ ଫେରେଇ ଆଣିବା ପ୍ରୟାସ ନିଶ୍ଚୟ କରିବେ। କିନ୍ତୁ ସେ ଚାହୁଁଥିଲେ ଯେତେ ସମୟ ଯାଏଁ ଅଯୋଧ୍ୟା ଜନ ସାଧାରଣଙ୍କ ଚିନ୍ତାଶକ୍ତିରେ ଭିନ୍ନତା ଆସୁନି କି ଯୁଗାନ୍ତକାରୀ ପରିବର୍ତ୍ତନ ଆସୁନି ସେତେ ସମୟ ଯାଏଁ ତାଙ୍କରି ପ୍ରତ୍ୟାବର୍ତ୍ତନର କୌଣସି ମୂଲ୍ୟ ନାହିଁ।

ଯିଏ ଯେତେ ପଚାରିଲେ ମଧ ତୁମେ କିଛି ଉତ୍ତର ଦେଇ ପାରୁ ନଥିଲ।କଣ ବା କହିଥାନ୍ତ...!! କେଉଁଆଡେ ଯାଇଛନ୍ତି ଜାନକୀ...!! ମହାରାଜ ଜନକ ଲୋତକଭରା ନୟନରେ କେବଳ ଚାହିଁ ରହି ଯାଇଥିଲେ। କଣ ବା କହିଥାନ୍ତେ ଆଉ...!! ନିଜେ ଲକ୍ଷ୍ମଣ ନିଜକୁ ଅପରାଧୀ ମନେ କରିବା ସହ ଜୀବନରେ ପ୍ରଥମ ଥର ତୁମରି ଆଦେଶ ମାନି ବୋଧେ ଖୁସି ନଥିଲେ। ତୁମ ଆଦେଶ ପାଇଁ ଜୀବନ ଦେଇ ଦେଇଥିଲେ ମଧ ସେ ଖୁସି ହୋଇଯାଇଥାନ୍ତେ...!! କିନ୍ତୁ ଏମିତି ରାତି ଅଧିଆ ନିଜ ଗର୍ଭବତୀ ଭାଉଜଙ୍କୁ ଏପରି ବଣରେ ଛାଡି ଆସିଯାଇ ତାଙ୍କୁ ବହୁତ୍ କଷ୍ଟ ହେଉଥିଲା। ଯେଉଁ ଭାଇ ପାଇଁ ସେ ନିଜ ସୁଖ ସ୍ୱାଛନ୍ଦ୍ୟ, ନିଦ୍ରା, କ୍ଷୁଧା ସବୁ ତ୍ୟାଗ କରି ଆନନ୍ଦରେ ବର୍ଷ ବର୍ଷ କାଟି ପାରୁଥିଲେ ସେହି ଭାଇଙ୍କ ଏହି ପ୍ରକାର ଆଚରଣର କାରଣ ସେ ବୁଝି ପାରୁ ନଥିଲେ। ସତରେ କଣ ନିଜ ପତ୍ନୀଙ୍କ ଚରିତ୍ର ଉପରେ ସନ୍ଦେହ କରି ରାଜାରାମ ମହାରାଣୀ ସୀତାଙ୍କୁ ତ୍ୟାଗ କରି ଦେଇଛନ୍ତି...!! ଏହାର ଉତ୍ତର କାହା ପାଖରେ ନଥିଲା। ଆଉ ତୁମେ ପ୍ରଭୁ...ଗୋଟିଏ ଗୋଟିଏ ମୁହୂର୍ତ୍ତ ସେହି ଆଶାରେ କଟାଉଥିଲ ଯେଉଁ ଆଶା ମାତା ସୀତା ତୁମକୁ ଦେଇଥିଲେ...!!

ତୁମର ଆଗାମୀ ବଂଶଧର ହିଁ ତୁମ ସମ୍ପର୍କର ସେତୁ ହେବ ଆଉ କେବଳ ତା ମାଧ୍ୟମରେ ତୁମର ପୁନର୍ମିଳନ ହେବ...!!

ସମୟ ତା ବାଟରେ ଆଗେଇ ଯାଉଥିଲା। ଦସ୍ୟୁ ରତ୍ନାକର ନିଜ ବାହୁ ବଳରେ ଲୋକଙ୍କୁ ଲୁଟ କରି ଅନୈତିକ ଉପାୟରେ ସେମାନଙ୍କ ଧନ ଜୀବନ ନେଇ ଦିନ କାଟୁଥିଲେ।ଥରେ ଦେବର୍ଷି ନାରଦ ସେହି ରାସ୍ତାରେ ଗଲା ବେଳେ ତାଙ୍କୁ ମଧ ଲୁଣ୍ଠନ କରିବା ଉଦ୍ଦେଶ୍ୟରେ ଅଟକ ରଖିବାରୁ ସେ ନିଜ ପାଖରେ କେବଳ ରାମ ନାମର ମହାଧନ ଥିବା କଥା କହିଥିଲେ।ଆଉ ରତ୍ନାକର ସେହି ଧନ ପ୍ରାପ୍ତି କରିବା ପାଇଁ ଇଚ୍ଛୁକ ହେବାରୁ ଦେବର୍ଷି ତାଙ୍କୁ ଅହରହ ତୁମ ନାମ ନେଲେ ସଫଳତା ମିଳିବ ବୋଲି ପ୍ରାଞ୍ଜଳ ଭାବରେ ବୁଝେଇ ଦେଲେ। ରତ୍ନାକର ରାମ ନାମ ପାଟିରେ ନେଇ ପାରିଲେନି। କିନ୍ତୁ ଓଲଟାଇ ମରା ମରା ଜପ କଲେ। ସେହି ଓଲଟା ଶବ୍ଦ ପରସ୍ପର ଯୁକ୍ତ ହୋଇ ପବିତ୍ର ରାମ ନାମରେ ପରିଣତ ହେଲା। ସମୟ ଠାରୁ ଉର୍ଦ୍ଧ୍ୱରେ ଯାଇ ଦସ୍ୟୁ ରତ୍ନାକରଙ୍କ ଉପରେ ଉଈ ହୁଙ୍କା ତିଆରି ହୋଇଯାଇଥିଲା। ଆଉ ସେ ସେଠାରୁ ବାହାରିବା ବେଳେ ପବିତ୍ର ରାମ ନାମର ଅଦ୍ଭୁତ ଶକ୍ତିରେ ଝଟକୁ ଥିଲେ। ସେହିଦିନଠାରୁ ବାଲ୍ମିକୀ ନାମରେ ନାମିତ ହୋଇ ମହର୍ଷି ତୁମରି ଅପାର କରୁଣାରୁ ତୁମରି ଜୀବନ ଚରିତ୍ର ଲେଖା ଆରମ୍ଭ କରିଥିଲେ।ଆଉ ସେହି ମହାନ୍ ଗ୍ରନ୍ଥର ନାମ ହୋଇଥିଲା...'ରାମାୟଣ'...!!

ଭାରତ ଇତିହାସର ପ୍ରଥମ ମହାକାବ୍ୟ ରାମାୟଣ ତୁମ ଅବତାର ଧାରଣର ଯଥେଷ୍ଟ ପୂର୍ବରୁ ଲେଖା ସରିଥିଲା। ପ୍ରଥମେ କାବ୍ୟ ଲେଖା ଯାଉଥିଲା ଆଉ ତା ପରେ ତୁମେ ସେହି ଲୀଳା କରୁଥିଲ। ହେ ଭକ୍ତ ବତ୍ସଳ ଦୀନବନ୍ଧୁ...!! ଏଇୟା ହିଁ ତ ତୁମର ମହାନତା...!! ନହେଲେ ଭକ୍ତ ଲେଖୁ ଚାଲିଛି ବୋଲି କିଏ ସେ ପ୍ରଭୁ ଥାଇ ପାରନ୍ତି ତୁମ ବ୍ୟତିରେକ ଯେ କି ସେହି ଜୀବନ ବଂଚି ଚାଲିଥାନ୍ତି...!! ବାଲ୍ମିକୀ ରାମାୟଣ ତୁମର ତ୍ୟାଗ, ନ୍ୟାୟ, ସୁଶାସନ ବିଷୟ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରି ଚାଲିଥିଲା। ତା ସହିତ ସେହି ସବୁ କଥା ମଧ ଲେଖା ହୋଇଥିଲା ଯାହା ସଂପୂର୍ଣ୍ଣ ପାରିବାରିକ ପଦକ୍ଷେପର ପରିଚାୟକ ଥିଲା।

ମାତା ସୀତା ବାଲ୍ମିକୀ ଆଶ୍ରମରେ ନିଜ ରହଣୀ ସମୟରେ ନିଜକୁ ଧର୍ମ ଚର୍ଚ୍ଚା, ବଗିଚା ଯତ୍ନ ସହିତ ଧର୍ମ ଚର୍ଚ୍ଚା କରିବା ଇତ୍ୟାଦି ନିୟମିତ କାମରେ ମନ ଲଗେଇ ଆସନ୍ତା ଆଗନ୍ତୁକ ବଂଶଧର ମାନଂକ ବୌଦ୍ଧିକ ବିକାଶ କରିବା ପାଇଁ ନିଜ ଚେଷ୍ଟା ଚଳେଇଥିଲେ। ଆଉ ତୁମେ ମଧ ଏକ ଯୋଗୀ ପରି ତୃଣ ଶଯ୍ୟାରେ ତଳେ ଶୋଇ ନିଜର ଜୀବନ କଟାଇଥିଲ ପ୍ରଭୁ। ମାତାଙ୍କ କଷ୍ଟ ଦେଖା ଯାଉଥିଲା ହେଲେ ପରମେଶ୍ୱରଙ୍କର କଷ୍ଟ ଦେଖିବା ପାଇଁ କିଏ ବା ସମର୍ଥ ହେଇଥାନ୍ତା...!! ସେଥିପାଇଁ ବୋଧେ ତୁମ କଷ୍ଟ କାହାରି ଆଖିକୁ ଦେଖା ଗଲାନି। ଗଗନ ପବନ ସବୁ ତୁମ ସହିତ ସ୍ଥମ୍ଭିଭୂତ ହୋଇ ସୀତାରାମ ମିଳନର ଅପେକ୍ଷା କରି ରହିଥିଲେ। କିନ୍ତୁ ସେହି ସମୟ କେବେ ଆସିବ ତାହାର ଉତ୍ତର କେବଳ ସମୟ ପାଖରେ ହିଁ ସାଇତା ହୋଇ ରହିଥିଲା।

ଯଥା ସମୟରେ ମାତା ସୀତା ଲବକୁଶ ନାମ୍ନୀ ଦୁଇଟି ଯମଜ ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ଆଶ୍ରମର ପରିବେଶ ସେମାନଙ୍କୁ ବିନମ୍ର, ଭଦ୍ର ଏବଂ ଧାର୍ମିକ ହେବା ଶିଖାଉଥିଲା। ମାତା ନିଜେ ରାଜ ନନ୍ଦିନୀ ହୋଇ ଥିବାରୁ ଶସ୍ତ୍ର ବିଦ୍ୟାରେ ପାରଙ୍ଗମ ଥିଲେ। ନିଜ ସନ୍ତାନ ମାନଙ୍କୁ ଭବିଷ୍ୟତର ଶାସନ ଭାର ସମ୍ଭାଳିବା ପାଇଁ ପ୍ରସ୍ତୁତ କରିବା ଲକ୍ଷ୍ୟରେ ସେ ସେମାନଙ୍କୁ ଶସ୍ତ୍ର ଚାଳନାର ଉତ୍ତମ ଶିକ୍ଷା ମଧ ଦେଉଥିଲେ। ଦୁଇ ଭାଇ ସବୁ କ୍ଷେତ୍ରରେ ନିଜ ଉତ୍କର୍ଷତା ପ୍ରତିପାଦନ କରି ଆଗକୁ ବଢ଼ି ଚାଲିଥିଲେ। ଏପଟେ ରାଜ ମହଲରେ ମଧ ଅନ୍ୟ ରାଜକୁମାର ମାନେ ପିତା ହେବା ସୌଭାଗ୍ୟ ଲାଭ କରି ସାରିଥିଲେ। କିନ୍ତୁ ତୁମର ଯନ୍ତ୍ରଣା କିଛି ମଧ ଲାଘବ ହୋଇ ପାରୁ ନଥିଲା। ଏତେ ତ୍ୟାଗ କରିବା ପରେ ମଧ ଲୋକଙ୍କ ମନୋଭାବରେ ସଂପୂର୍ଣ୍ଣ ପରିବର୍ତ୍ତନ ଲକ୍ଷ୍ୟ କରି ନପାରି ତୁମେ ମନ ଭିତରେ ଛଟପଟ ହେଉଥିଲ। ଆଉ ଦିନ ଗଣି ରହିଥିଲ ଯେ ତୁମ ସନ୍ତକ ନିଶ୍ଚୟ ଧରାପୃଷ୍ଠକୁ ଆସି ସାରି ତୁମ କୀର୍ତ୍ତିର ବାନା ଉଡେଇବା ପାଇଁ ପ୍ରସ୍ତୁତ ହେଉଥିବା ସ୍ୱପ୍ନକୁ ଦେଖି ଦେଖି...!!



(କ୍ରମଶଃ)

♥ ଭୁବନେଶ୍ୱର,
ମୋ: ୯୪୩୮୪୭୦୮୦୭

# ଘର ବୁଡ଼ି ପାଣି ଆଣ୍ଠୁଏ ହେଲାଣି....

ବିଷ୍ଣୁ ପ୍ରସାଦ ଦାସ



ସଂପ୍ରତି ବିଶ୍ୱ ଏକ ଭୟଙ୍କର ପରିସ୍ଥିତିର ମୁକାବିଲା କରିବାକୁ ପ୍ରସ୍ତୁତ ହେଉଛି । ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ମାନବ ସମାଜ ଅକଥନୀୟ କଷ୍ଟର ସମ୍ମୁଖୀନ ହେଉଥିବା ସମୟରେ ମାନବକୃତ ବିପର୍ଯ୍ୟୟ ପୃଥିବୀର ନକ୍ସା ବଦଳାଇ ଦେଉଛି । ୨୪ ଫେବୃଆରୀ ୨୦୨୨ ମସିହାରୁ ଅଦ୍ୟାବଧି ଦୀର୍ଘ ୪ ବର୍ଷରୁ ଅଧିକ ସମୟ ଧରି ୟୁକ୍ରେନ ଋଷିଆ ଯୁଦ୍ଧ, ୧୨ ବର୍ଷ ଧରି ଇସ୍ରାଏଲ୍ ପାଲେଷ୍ଟାଇନ୍ ଯୁଦ୍ଧ, ଶେଷରେ ଇସ୍ରାଏଲ୍ ଇରାନ୍ ଯୁଦ୍ଧରେ ଯୁକ୍ତରାଷ୍ଟ୍ର ଆମେରିକାର ଭୂମିକା ଏକ ପ୍ରକାର ଧ୍ୱଂସାଭିମୁଖୀ ରୂପ ଧାରଣ କରିଛି । ଅହଂକାର ତଥା ନିଜ ଜିଦ୍ ପାଇଁ ନିଜ ଗୋଡ଼ରେ କୁରାଢ଼ୀ ମାରିବା ଅବସ୍ଥାକୁ ଆମେରିକା ଆସି ଯାଇଛି । ଭେନେଜୁଏଲା ଦେଶକୁ ନିଜ ଅକ୍ତିଆର କୁ ନେଇ ତା'ର ତୈଳ ସମ୍ପଦ ଉପରେ ଅଧିକାର ସାବ୍ୟସ୍ତ କରିବା, ଗ୍ରୀନ ଲ୍ୟାଣ୍ଡ ଉପରେ ନଜର ତଥା ବର୍ତ୍ତମାନ କ୍ୟୁବା ଉପରେ ଆଧିପତ୍ୟ ଜାହିର କରିବାକୁ ପଛାଉ ନାହିଁ । ଇରାନ୍‌ର ଆଣବିକ ପରୀକ୍ଷଣ ଉପରେ ରୋକ୍ ଲଗାଇବା ଯଦିଓ ଟ୍ରମ୍ପ ପ୍ରଶାସନର ଏକ ଯୁକ୍ତି କିନ୍ତୁ ଏହା ପଛରେ ଆହୁରି ଅନେକ ଲୁକ୍କାୟିତ କାରଣ ରହିଛି ।

ପରିସ୍ଥିତି ଏପରି ହୋଇଛି ଯେ, ତୃତୀୟ ବିଶ୍ୱ ଯୁଦ୍ଧ ଆରମ୍ଭ ହେବାର ପ୍ରାକ୍ ସୂଚନା ମଧ ମିଳି ଯାଉଛି । ତେବେ କିଛି ନିରପେକ୍ଷ ଦେଶ ମାନଙ୍କର ସଂଯମତା ଅବଲମ୍ବନ ଦ୍ୱାରା ଏହା ଏତେଟା ସକ୍ରିୟ ହୋଇ ପାରୁ ନାହିଁ । ନାଟୋ ଦେଶ ମାନଙ୍କୁ ଟ୍ରମ୍ପଙ୍କ କାଗଜ ବାଘ ଆଖ୍ୟା ଖୁବ୍ ଲଜ୍ଜାଜନକ । ଟ୍ରମ୍ପ ଶାସନ ନିଜ ସ୍ୱାର୍ଥ ସିଦ୍ଧି ପାଇଁ ଏକାଧିକ ଦେଶ ପାଇଁ ବିପଦ ବୋଲି ସାବ୍ୟସ୍ତ ହୋଇ ସାରିଲେଣି । ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଯୁଦ୍ଧର ପରିଣତି ବିଷୟରେ ସମ୍ପୂର୍ଣ୍ଣ ଅବଗତ ହେବା ଉଚିତ୍ ଥିଲା । ଅସମ୍ଭବ ଭାବେ ଜିଦ୍ ଖୋର ମନୋଭାବ ପୋଷଣ କରି ପରସ୍ପର ସହ ଯୁଦ୍ଧ ଆରମ୍ଭ କରି ଶେଷରେ ପ୍ରକୃତିର ଦାନ ତୈଳ, ପ୍ରାକୃତିକ ଗ୍ୟାସ୍ ତଥା ଅନ୍ୟାନ୍ୟ ଖଣିଜ ପଦାର୍ଥକୁ ବୋମା ମାଡ଼ କରି ଉଡ଼ାଇ ଦେବା ଏକ ପ୍ରକାର ମୂର୍ଖାମୀ ଛଡ଼ା କିଛି ନୁହେଁ । ବିରାଟ ବିରାଟ ତୈଳ ବିଶୋଧନାଗାର , ଶିଳ୍ପାନୁଷ୍ଠାନ ଗୁଡିକୁ ଧ୍ୱଂସ କରିବା, ଲକ୍ଷ ଲକ୍ଷ କୋଟିର ସମ୍ପତ୍ତି ନଷ୍ଟ ଭ୍ରଷ୍ଟ କରିବା, ନୀରିହ ଜନତାଙ୍କ ରକ୍ତରେ ହୋଲି ଖେଳିବା, ରାଷ୍ଟ୍ର ମୁଖ୍ୟଙ୍କୁ ପରିବାର ସହିତ ନିପାତ କରିବା କେତେଦୂର ଯୁକ୍ତିଯୁକ୍ତ ? ମିଳିତ ଜାତିସଂଘ ବର୍ତ୍ତମାନ ନିରବ ଦ୍ରଷ୍ଟା ସାଜିଛି ବୋଲି ହୃଦ୍‌ବୋଧ ହୁଏ, ନିଜର ଦାୟିତ୍ୱ ଠିକ୍ ଭାବେ ତୁଲାଇ ପାରୁନଥିବା ଜାତିସଙ୍ଘ ଏକ ସ୍ଥାଣୁ ସଂସ୍ଥା ପାଲଟି ଗଲାଣି ।

ବର୍ତ୍ତମାନ ପୃଥିବୀରେ ତୈଳ ସଙ୍କଟ ଆରମ୍ଭ ହୋଇ ଯାଇ ଉଗ୍ର ରୂପ ଧାରଣ କଲାଣି । ଇରାନ୍ ପ୍ରତିଶୋଧ ପରାୟଣ ହୋଇ ତୈଳ ଉତ୍ପାଦନକାରୀ ଦେଶ ମାନଙ୍କ ତୈଳ କୂପ ଉପରେ ବୋମା ବର୍ଷଣ କରୁଛି । ଯେଉଁ ଦେଶ ମାନେ ଯୁକ୍ତରାଷ୍ଟ୍ର ଆମେରିକାକୁ ନିଜ ଦେଶର ବିମାନ ବନ୍ଦର, ନୌ ବନ୍ଦର ବ୍ୟବହାର କରିବାକୁ ଦେଇଛନ୍ତି ସେହିମାନେ ଇରାନ୍ ନିଶାଣରେ ଅଛନ୍ତି । ହାର୍ମସ ପ୍ରଣାଳୀ ଦେଇ ସେହି ଦେଶ ଗୁଡିକରୁ ବିଦେଶ ଯାଉଥିବା ଜଳ ଜାହଜ ଗୁଡିକୁ ଇରାନ୍ ଅଟକାଇ ରଖିଛି । ତୈଳ ପରିବହନ ନିମନ୍ତେ ବିକଳ୍ପ ବ୍ୟବସ୍ଥା ନଥିବା ଯୋଗୁ ଏକ ପ୍ରକାର ଅଚଳ ଅବସ୍ଥା ହେବାକୁ ଯାଉଛି । ଫଳରେ ପୃଥିବୀର ଅଧିକାଂଶ ଦେଶରେ ତୈଳ ସଙ୍କଟ ଘନେଇବାକୁ ଆରମ୍ଭ କରି ଦେଲାଣି । ଭରତ ମଧ୍ୟ ଏଥିରୁ ବାଦ୍ ପଡ଼ି ନାହିଁ । ନିକଟ ଅତୀତରେ ଭାରତ ଇରାନ୍ ସହିତ କୂଟନୈତିକ ସ୍ତରରେ କଥା ହୋଇ ଦୁଇଟି ତୈଳବାହୀ ଜାହଜ ହର୍ମସ ପ୍ରଣାଳୀ ଦେଇ ଭାରତ ଆଣି ପାରିଛି । କିନ୍ତୁ ଏହା କ'ଣ ଭରତର ଚାହିଦାକୁ ଦେଖି ଯଥେଷ୍ଟ କି ? ଇରାନ୍ ଦେଶର ଚାରବାହାର ବନ୍ଦରର ଉନ୍ନତି ପାଇଁ ଭାରତ ଅନେକ ପୁଞ୍ଜି ନିବେଶ କରିଛି କାରଣ ସେଣ୍ଟ ପିଟର୍ସ ବର୍ଗ (ଋଷିଆ)ରୁ ମଲ୍ଟି ମୋଡ୍ ଟ୍ରାନ୍ସପୋର୍ଟ ଦ୍ୱାରା କୋଇଲା ଭାରତକୁ ଆସି ପରିବ । ସୁଏଜ୍ କେନାଲକୁ ବାଦ୍ ଦେଇ ଏହି ପରିବହନ ପରୀକ୍ଷା ମୂଳକ ଭାବେ ହୋଇ ସାରିଛି। ଏଥିରେ ଇରାନ୍ ମଧ ଲାଭବାନ ହୋଇ ପାରିବ । ହୁଏତ ଏହାକୁ ଦୃଷ୍ଟିରେ ରଖି ଇରାନ୍ ଭରତୀୟ ତୈଳ ବାହୀ ଜାହାଜକୁ କିଛି ମାତ୍ରାରେ ସୁବିଧା ସୁଯୋଗ ଦେଇଛି । ଗ୍ୟାସ୍ ତୈଳ ସଙ୍କଟ ଭରତ ପାଇଁ ବଡ ଜଟିଳ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି । କେନ୍ଦ୍ର ସରକାରଙ୍କ ଦୂରଦୃଷ୍ଟି ହୁଏତ ଏହି ସଙ୍କଟର ମୁକାବିଲା କରିବା ପାଇଁ ଯଥେଷ୍ଟ ନୁହେଁ ବୋଲି ଅନୁମେୟ ।

ଦେଶରେ ପ୍ରତିଦିନ ଖର୍ଚ୍ଚ ହେଉଥିବା ପେଟ୍ରୋଲ, ଡିଜେଲ ଉପରେ ଯଦି ଅଙ୍କୁଶ ଲଗାଇବା ଜରୁରୀ ବୋଲି ପ୍ରସାଶନ ଅନୁଭବ କରିବ ତେବେ ହୁଏତ କିଛି ମାତ୍ରାରେ ଏହା ଆମକୁ ସୁଫଳ ଦେବ । ସରକାର୍ କେବଳ ଯୁଦ୍ଧର ଦ୍ୱାହି ଦେଇ ତୈଳ, ଗ୍ୟାସ୍‌ର ଆକାଶଛୁଆଁ ଦରବୃଦ୍ଧି କରିଦେଲେ ସମାଧାନ ହେବ ନାହିଁ । ତୈଳ ଏବଂ ଗ୍ୟାସ୍ ସମ୍ପଦର ଅପଚୟ ରୋକିବା, ମିତବ୍ୟୟୀ ହେବାକୁ ଜନତାଙ୍କୁ ଶିଖାଇବାକୁ ପଡିବ । ସରକାରୀ ପ୍ରୋଟୋକଲ ନିଶ୍ଚିତ ଭାବେ କମାଇବାକୁ ସ୍ୱୟଂ ସରକାର ନିଷ୍ପତ୍ତି ନେବାକୁ ଚେଷ୍ଟା କରନ୍ତୁ । ଜନ ସଚେତନତା ମାଧ୍ୟମରେ ତୈଳ ଅପଚୟ ରୋକିବା ସହିତ ତୈଳ ଆମଦାନୀକୁ କମାଇ ଦେଇ ହେବ । ଯେତେଦିନ ପର୍ଯ୍ୟନ୍ତ ତୈଳ ତଥା ପ୍ରାକୃତିକ ଗ୍ୟାସ୍ ଉତ୍ପାଦନ କରିବାରେ ଭାରତ ସ୍ୱାବଲମ୍ବୀ ନହୋଇ ପାରିଛି ସେତେଦିନ ଏହିପରି ଅବ୍ୟବସ୍ଥା ଲାଗି ରହିଥିବ। କଥାରେ ଅଛି 'ଘର ବୁଡ଼ି ପାଣି ଆଣ୍ଠୁଏ ହେଲାଣି କଣା କହୁଛି ମେଘ ଦୁଲୁକୁଚି' ଠିକ୍ ସେହି ଅବସ୍ଥା ସମସ୍ତେ ନାହିରେ ତେଲ ପକେଇ ସୋଇଛନ୍ତି , କହାରି ଚିନ୍ତା ନାହିଁ।

ବର୍ତ୍ତମାନ୍ କଥା ହେଉଛି ପ୍ରତିଦିନ ବଢୁଥିବା ତୈଳ ତୈଳଜାତ ପଦାର୍ଥର ଚାହିଦା ମେଣ୍ଟାଇବା ପାଇଁ ଆମକୁ ତୈଳ ଉତ୍ପାଦନକାରୀ ଦେଶ ଗୁଡିକ ଉପରେ ନିର୍ଭର କରିବାକୁ ପଡୁଛି । ଏହାର କିଛି ବିକଳ୍ପ ବାହାର କରିବାକୁ ଆମେ କେତେ ସକ୍ଷମ ? ବିକଳ୍ପ କହିଲେ ନିଜ ଦେଶରେ ତୈଳ ଖଣିର ସନ୍ଧାନ ନେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପଡିବ । ଉନ୍ନତ ମାନର ବୈଦ୍ୟୁତିକ ଯାନ ବାହାନ ନିର୍ମାଣ କରିବା, ତୈଳ ଖର୍ଚ୍ଚ କମାଇବା, ସାର୍ବଜନିକ /ସରକାରୀ ପରିବହନ ବ୍ୟବସ୍ଥାକୁ ଆପଣେଇ ନେବା ଉଚିତ୍ ପଦକ୍ଷେପ ହେବ । ଅନ୍ୟଥା ମିଥ୍ୟା ଅହଂକାର ବା ଧନୀ ବ୍ୟକ୍ତି ବୋଲି ଏକାଧିକ ଗାଡି ମୋଟର ବ୍ୟବହାର କରି ଦେଶର କ୍ଷତି କରି ଚାଲିଥିବା ବ୍ୟକ୍ତିଙ୍କ ଇନ୍ଧନ ଖର୍ଚ୍ଚ ଉପରେ ଲଗାମ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାର ସମୟ ଉପନୀତ । ରାଜନୀତିର ଘୋଡ଼ା ଦୌଡ ଚାଲିଛି, ଘୋଡ଼ା କିଣା ବିକା ମଧ୍ୟ ହେଉଛି, ଆଗକୁ କିଛି ରାଜ୍ୟରେ ନିର୍ବାଚନ ହେବ, ଅନେକ ପ୍ରଚାର ଗାଡ଼ି ବୁଲିବ ତୈଳ ଖର୍ଚ୍ଚ ବଢ଼ିବ, ନେତା ମାନେ ଉଡ଼ାଜାହାଜରେ କୋଟି କୋଟି ଟଙ୍କାର ଜାଳେଣୀ ଖର୍ଚ୍ଚ କରିବେ। ଭିଆଇପି ମାନଙ୍କ ଆଗ ପଛ ମାଳ ମାଳ ଗାଡ଼ି ବିଦେଶରୁ ଆମଦାନୀ ତୈଳ ପୋଡ଼ି ସୁରକ୍ଷା ନାମରେ ପତିଆରା ଦେଖାଇବେ । ଶାସକ ଯଦି ଅଯୋଗ୍ୟ, ଦୂରଦୃଷ୍ଟି ବିହୀନ ହେବେ ତେବେ ଜନତା ଆଉ କଣ ବା କରି ପାରିବେ ? ମହଙ୍ଗା ମାଡ଼ରେ ଜର୍ଜରିତ ହୋଇ ନିଜ କପାଳକୁ ଆଦରି ରହିବେ ବା ବିକ୍ଷୋଭ କରିବେ । ଗ୍ୟାସ୍ ତୈଳ ସଙ୍କଟ ଉପରେ ସରକାର୍ ନୀରବ କାହିଁକି ରହିଛନ୍ତି ? ହଠାତ୍ ଦରବୃଦ୍ଧି ଯୋଗୁଁ ଜନତାଙ୍କ ପ୍ରତିକ୍ରିୟା କ'ଣ ହୋଇଛି ଟିକେ ତୃଣମୂଳ ସ୍ତରରୁ ଅନୁଧ୍ୟାନ କରିଛନ୍ତି କି ? ଗ୍ୟାସ୍ / ତୈଳର ଏପରି ଅଭାବ ଲାଗି ରହିଲେ ଏହାର ବିକଳ୍ପ କ'ଣ ସରକାର୍ ଦୟାକରି ଘୋଷଣା କରନ୍ତୁ । ଏହିପରି ଯୁଦ୍ଧ ପରିସ୍ଥିତି ଲାଗି ରହିଲେ ବିଶ୍ୱଗୁରୁ ମହୋଦୟ ୧୪୦ କୋଟି ଜନତାଙ୍କୁ କ'ଣ ଆଶ୍ୱାସନା ଦେବେ ? ତୈଳ ସଂକଟକୁ ନଜରରେ ରଖି ସରକାରୀ କାର୍ଯ୍ୟକ୍ରମ/ ସ୍ୱତନ୍ତ୍ର ଉଡ଼ାଜାହାଜ ବ୍ୟବହାର କାରୀଙ୍କ ଉପରେ ରୋକ୍ ଲଗାଇବା ଜରୁରୀ । ଯାହା ପାଖରେ ଟଙ୍କା ପୁଳା ପୁଳା ଅଛି/ସରକାରୀ କଳରେ ଅଛନ୍ତି ସେମାନେ ଜୀବନକୁ ହୁଏତ ଉପଭୋଗ କରିପାରିବେ କିନ୍ତୁ ସଧାରଣ ଜନତା କ'ଣ କରିବେ ? ଏହି ପରିସ୍ଥିତି ବେଶିଦିନ ଲାଗି ରହିଲେ ହୁଏତ ଦେଶର ଜନତା ବିଶୃଙ୍ଖଳିତ ହୋଇ ଯିବାର ଆଶଙ୍କା ରହିଛି, ତେଣୁ ବେଳହୁଁ ସାବଧାନ ।

♥ ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା,
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ବୋଧ ସମୀକ୍ଷା : ଅଦ୍ୱିତୀୟ ଜୀବନ ବିଜ୍ଞାନୀ ଓ ପ୍ରେମୀ

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଈଶ୍ୱର ଏକ ଓ ଅଦ୍ୱିତୀୟ। ତାଙ୍କର ସମଗ୍ର ସୃଷ୍ଟି ରଚନାର ଯାହା କିଛି ଦୃଷ୍ଟି ଓ ଅଦୃଷ୍ଟ ସେହି ସବୁର ଅନ୍ତରାଳରେ ଏହି ଗୁଣଟି ପ୍ରକଟିତ। ଏହି ରହସ୍ୟକୁ ଯେ ଉପଲବ୍ଧି କରିପାରେ ସେ ମହାନ୍ ଏବଂ ଜୀବନ ତାହାର ସାର୍ଥକ। କେଉଁ ଏକ ଆବହମାନ କାଳରୁ ସ୍ରଷ୍ଟା ତାଙ୍କର ନବ, ନବ ସୃଜନୀଶକ୍ତି ଧରି ବହୁରୂପେ ନିଜେ ଏହି ବିଶାଳ ଜଗତରେ ପ୍ରକାଶିତ ଓ ବିକଶିତ ହୋଇ ଚାଲିଛନ୍ତି। ସେହି ବିଶ୍ୱ ରଚୟିତାଙ୍କ ମହିମା ଅସୀମ ଓ ଅନନ୍ତ। ବହୁଜ୍ଞାନୀ, ଗୁଣୀ ମଧ ତାଙ୍କର ହାଦିସ ପାଇବାକୁ ଅସମର୍ଥ। ଶାସ୍ତ୍ରରେ ଉଲ୍ଲେଖ ଅଛି - 'ପୁରୁଷୋତ୍ତମେର କୃତୀ ଆଚରଣ / ତିନି ନାବୁଝାଲେ ବୋଝେ କୋନ ଜନ।' ପ୍ରତ୍ୟେକ ଯୁଗର ଯୁଗାବତାରଗଣ ମହାଜୀବନ - ବିଜ୍ଞାନୀ ଓ ପ୍ରେମୀ ରୂପେ ଖ୍ୟାତ। ସେହି କ୍ରମକୁ ଧରି ଧରାବକ୍ଷକୁ ଆସିଲେ ପରମ କାରୁଣିକ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଉନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ଘୋର ତମିସ୍ରାକୁ ଭେଦ କରି, ସବୁକ୍ଷେତ୍ରରେ ଆଲୋକବର୍ତ୍ତିକା ହୋଇ। ଧରଣୀରାଣୀ ତାଙ୍କୁ କୋଳରେ ପାଇ ଅପୂର୍ବ ଉଲ୍ଲାସରେ ହସି ଉଠିଲା, ଦୁଃଖର ରାତ୍ରି ଅପସରିଗଲା। ଆସିଲା ନୂତନ ପ୍ରଭାତ, ସୃଷ୍ଟି ହେଲା ନୂତନ ଶିହରଣ ଏବଂ ଛତ୍ରେ ଛତ୍ରେ ଦେଖାଦେଲା ନବ ଉନ୍ମାଦନା।

ସମାଜରେ ବାସ କରୁଥିବା କୋଟି କୋଟି ମଣିଷର କର୍ମ ଓ ସେମାନଙ୍କର ଜୀବନ ଶୈଳୀକୁ ବିଚାର କଲେ ଆମ୍ଭେ ପ୍ରାୟତଃ ଚାରିଶ୍ରେଣୀର ମଣିଷକୁ ଦେଖିବାକୁ ପାଇବା। ନିମ୍ନରୁ ଦେଖିବାକୁ ଗଲେ, ପ୍ରଥମେ ପାଇବା ସ୍ୱଚ୍ଛ ଚେତନପ୍ରାଣ ମଣିଷ ଯେଉଁମାନଙ୍କର ସଂଖ୍ୟା ବହୁତ ବେଶୀ, ଦ୍ୱିତୀୟରେ ପାଇବା ଅର୍ଦ୍ଧ ଚେତନ ପ୍ରାଣ ବୁଦ୍ଧିଯୁକ୍ତ ବିଦ୍ୱାନ ମଣିଷ, ତତ୍ପରେ ପାଇବା ଈଶ୍ୱର ଚେତନପ୍ରାଣ ସାଧୁ ମହାତ୍ମାପୁରୁଷ, ସର୍ବଶେଷରେ ପ୍ରାପ୍ତ ହେବା ମହାଚେତନ ପ୍ରାଣ ସର୍ବଜ୍ଞ ଈଶ୍ୱର ପୁରୁଷ। ସେ ହିଁ ପୁରୁଷୋତ୍ତମ, ଏକ, ଅଦ୍ୱିତୀୟ, ଜୀବନବିଜ୍ଞାନୀ, ମହାପ୍ରେମୀ ପୁରୁଷ। ସେହିଁ ସେହି ଯୁଗର ମହାବିବର୍ତ୍ତିତ most evolved ଏବଂ highest developed (ଚରମ ଉନ୍ନତଶୀଳ) ଅହଂମୁକ୍ତ ଦରଦୀ ମଣିଷ। ତାଙ୍କର ଆଗମନ ବିଶ୍ୱର କଲ୍ୟାଣ ପାଇଁ ଏବଂ ବିଶ୍ୱର ଦୀର୍ଘ ଦିନର ଜମା ହୋଇ ରହିଥିବା କୁସଂସ୍କାର, ଅସତ୍, ଅନ୍ୟାୟ ଓ ବ୍ୟଭିଚାରର ସ୍ଥାୟୀ ନିରାକରଣ ପାଇଁ। ସେହି ନିତ୍ୟପ୍ରେମୀ ପୁରୁଷଙ୍କ ଗୁଣଗାନ କରିବାକୁ ଯାଇ ଶାସ୍ତ୍ରବିଦ୍‌ଗଣ ତଥା ତାଙ୍କରି ଏକନିଷ୍ଠ ଭକ୍ତ ସ୍ତୁତି କରି କହେ ଯଥା - 'ଗତିର୍ଭର୍ତା, ପ୍ରଭୁଃ ସାକ୍ଷୀ ନିବାସ ଶରଣଂ ସୁହୃତ। ପ୍ରଭବଃ ପ୍ରଳୟଃ ସ୍ଥାନଂ ନିଧାନଂ ବିଜମବ୍ୟୟମ୍।'' ଅର୍ଥାତ୍ ତୁମ୍ଭେ ହିଁ ଗତି, ଭର୍ତ୍ତା, ତୁମ୍ଭେ ହିଁ ପ୍ରଭୁ, ଶୁଭା ଶୁଭ ଦ୍ରଷ୍ଟା, ତୁମ୍ଭେ ହିଁ ସ୍ଥିତିବାନ, ରକ୍ଷକ, ସୁହୃଦ ସ୍ରଷ୍ଟା ଏବଂ ଅବିନାଶୀ ବୀଜସ୍ୱରୂପ। ଅନ୍ୟ ଏକ ଦିନେ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଈଶ୍ୱରଙ୍କ ବିରାଟତ୍ୱ ସୂଚାଇବାକୁ ଯାଇ କହିଥିଲେ - 'ସ୍ରଷ୍ଟା ଏକ, ଅଦ୍ୱିତୀୟ। ଅନନ୍ତ ସୃଜନ ଦେବ ଦେବୀ ତାଁର ପ୍ରକଟବୀର୍ଯ୍ୟ, ତାରି ବିଲକ୍ଷଣ।' ଏହିପରି ଭାବରେ ଇଷ୍ଟଗୁରୁ ପୁରୁଷୋତ୍ତମଙ୍କ ମହିମା, କୀର୍ତ୍ତିରାଜିକୁ ଉପଲବ୍ଧି କରିବାକୁ ଗଲେ ଆବଶ୍ୟକ ଏକାନ୍ତ ମନ ଓ ପ୍ରତୁଳଶ୍ରଦ୍ଧାର ଜୁଆର। ଶ୍ରୀ ଭଗବାନଙ୍କର ଅନନ୍ତଲୀଳା ସହ ଜଡ଼ିତ ଥାଏ ପ୍ରକୃତ ଜ୍ଞାନ ଓ ବୋଧର ସନ୍ଦେଶ। ପୁଣି ଏହି ବୋଧଭୂମି ଯେତେବେଳେ ଗଭୀର ଅବସ୍ଥାକୁ ପ୍ରାପ୍ତ ହୁଏ ସେତେବେଳେ ଏକ ପରମଜ୍ଞାନ ଉଦ୍ରେକ ହୁଏ ତାହା ହେଲା - ସେ ବିଶେଷ, ବିଶେଷ ହୋଇ ମଧ ନିର୍ବିଶେଷରେ ବିଦ୍ୟମାନ ଏବଂ ନରଦେହୀ ହୋଇ ମଧ ସେ ଜ୍ଞାନ ଓ ପ୍ରେମରେ ଅଶେଷ ଯାହା ସୀମାହୀନ।

ମାନବ ସମାଜ ଅନେକ ଦେଶ ଓ ଜାତିର ଲୋକଙ୍କୁ ନେଇ ଗଠିତ। ଏହାରି ମଧ୍ୟରେ ଅନେକ ଗୁଣା, ବିଦ୍ୱାନ, ପ୍ରତିଭାବାନ ବ୍ୟକ୍ତି ବିଶେଷ ରହିଛନ୍ତି। କେତେକ ଅଛନ୍ତି ଉଦ୍ଭିଦବିଦ୍, ପଦାର୍ଥବିଦ୍, ପ୍ରାଣୀବିଦ୍, ରସାୟନ ବିଦ୍ ଆଉ କେତେକ ଅଛନ୍ତି ବଡ଼, ବଡ଼ ଦାର୍ଶନିକ, ବୈଜ୍ଞାନିକ, ଐତିହାସିକ, ଭୌଗୋଳିକ ତଥା ଚିକିତ୍ସକ। ପୁଣି କେତେକ ସାହିତ୍ୟିକ, ସମାଜସେବୀ, ଧୀ, ଧୂରନ୍ଧର ବ୍ୟକ୍ତି ବିଶେଷ। ମାନବ ସଭ୍ୟତା ଓ ପରିବେଶକୁ ଶ୍ରୀମଣ୍ଡିତ, ଦକ୍ଷ ଓ ସୁଦୂରପ୍ରସାରୀ କରିବାରେ ଏହି ମାନଙ୍କର ଅବଦାନ ନିଶ୍ଚିତ ମହାନ। ତେବେ ଏହା ଏକ ଅପ୍ରିୟ ସତ୍ୟ ଯେ, ଅନେକ ଚିନ୍ତା ଚେତନା, ତାଙ୍କ ପ୍ରଦତ୍ତ ବସ୍ତୁ ଓ ବିଷୟରେ ଯୁଗାଦର୍ଶ ପୁରୁଷୋତ୍ତମ ହେଉଛନ୍ତି ନିତ୍ୟ ସତ୍ୟ, ଜନ୍ମସିଦ୍ଧ, ସବୁର ମଙ୍ଗଳ ଓ ଜୀବନବୃଦ୍ଧିର ମଣିକେନ୍ଦ୍ର। ତାଙ୍କୁ ସର୍ବ କ୍ଷେତ୍ରରେ ପ୍ରାଧାନ୍ୟ ଓ ପ୍ରିୟତମ ନକରିପାରିଲେ ଆରମ୍ଭ ହୁଏ ପ୍ରବୃତ୍ତିର ଦୌରାତ୍ମ୍ୟ ଯାହାକି ଆତ୍ମସ୍ୱାର୍ଥ, ଆତ୍ମପ୍ରତିଷ୍ଠା ଓ ଯଶ ଲିପ୍ସାର ହୀନ ବୁଦ୍ଧି। ଫଳରେ ମଙ୍ଗଳ ଓ ଉଲ୍ଲାସ ସୃଷ୍ଟି ନ ହୋଇ ଆସେ ଦୁଃଖ, ବ୍ୟାଧି, ଧ୍ୱଂସ ଓ ମୃତ୍ୟୁ ଶୋକ। ଏହି ପରିପ୍ରେକ୍ଷୀରେ ଚିରମଙ୍ଗଳକାମୀ ଯୁଗ ମାନବଙ୍କ ସାବଧାନ ବାଣୀ କହେ - 'ପୁରୁଷୋତ୍ତମେର ଶିଷ୍ଟ ନିଦେଶ / ନା ପାରିଲେ ହୟ ଦୁଃଖ ଅଶେଷ।' ଆଜକୁ ଦୁଇ ହଜାର ବର୍ଷ ତଳେ ପ୍ରଭୁ ଯୀଶୁଙ୍କର ଆବିର୍ଭାବ ଘଟିଥିଲା ଏହି ଧରଣୀରେ। ସେ ଏକଦା ଶିଷ୍ୟମାନଙ୍କ ଗହଣରେ ଥାଇ ନିଜର ସ୍ୱରୂପ ସମ୍ବନ୍ଧରେ ଦିବ୍ୟ ଆଭାସ ଦେଇଥିଲେ - 'I am the Life, I am the Truth and I am the way' ଅର୍ଥାତ୍ ମୁଁ ହିଁ ଜୀବନ, ମୁଁ ହିଁ ସତ୍ୟ, ମୁଁ ହିଁ ସମସ୍ତଙ୍କର ପଥ। ମୋତେ ବାଦ ଦେଇ କେହି ସ୍ୱର୍ଗରାଜ୍ୟକୁ ଯାଇପାରେ ନାହିଁ। ସ୍ୱର୍ଗରାଜ୍ୟ ବୋଇଲେ - 'ଶାନ୍ତି, ସ୍ୱସ୍ତି, ଆନନ୍ଦର ରାଜ୍ୟ; ପ୍ରେମର ରାଜ୍ୟ।' ପୁନଃ ଏହି ଯୁଗର ଅଜ୍ଞାନ ମଣିଷଙ୍କର ଦୁଃଖ, ବ୍ୟଥା ଓ ବିନାଶର ପଥକୁ ରୁଦ୍ଧ କରିବା ପାଇଁ ପ୍ରେମ ପାଗଳ ପୁରୁଷ ଭଗବାନ ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ଅବତୀର୍ଣ୍ଣ ହେଲେ ପୂର୍ବବଙ୍ଗର ପାବନାଭୂମିରେ ୧୮୮୮ ମସିହାରେ ଏକ ପୁଣ୍ୟ ଲଗ୍ନରେ। ଏହି ବିଶ୍ୱାତ୍ମା ପୁରୁଷଙ୍କର ୮୧ ବର୍ଷ ମାନବୀୟ ଦିବ୍ୟଲୀଳା ଯଦିଚ ଶେଷ ହୋଇଛି, ତାଙ୍କର ଐଶ୍ୱୀଲୀଳା, ବ୍ରହ୍ମାଣ୍ଡଲୀଳା, ମହାଚେତନ ରାଜ୍ୟର ଖେଳା, ତାହା ଏବେ ବି ପ୍ରକଟିତ ହୋଇ ଚାଲିଛି ଓ ଚାଲୁଥିବ; କାରଣ ପୁରୁଷୋତ୍ତମଙ୍କ ନିତ୍ୟଲୀଳା / ଅନନ୍ତ, ସୂକ୍ଷ୍ମ ଓ ରସଘନ, ଶୁଦ୍ଧମନରେ ଏହି କଲ୍‌କ୍ଲୀ ପୁରୁଷଙ୍କର ଲୀଳାମହତ୍ତ୍ୱକୁ ଟିକିଏ ତନଖି ଦେଖିଲେ ପ୍ରତୀୟମାନ ହୁଏ ତାହା ଅତି ଅଦ୍ଭୁତ ଓ ଗଭୀର ମହାଦରଦୀ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବିଭିନ୍ନ ସ୍ତରର ମଣିଷକୁ ଭଲ ପାଇ ସେମାନଙ୍କ ଜୀବନକୁ ଉର୍ଦ୍ଧ୍ୱତର କରାଇବା ସଙ୍ଗେ ସଙ୍ଗେ ପ୍ରତି ପ୍ରତ୍ୟେକଙ୍କ ଜୀବନକୁ ସମ୍ମାନ ଦେଇ ଆଲିଙ୍ଗନ କରିଛନ୍ତି। ଦେଖାଯାଏ ଏହି ଦୁନିଆଁରେ ରହିଥିବା ଗୁଳ୍ମ, ଲତା, ବୃକ୍ଷ, କ୍ଷୁଦ୍ର କ୍ଷୁଦ୍ର କୀଟ, ଯାବତୀୟ ପଶୁ, ପକ୍ଷୀ ଏପରିକି ବିଲେଇ, କୁକୁର, ମାଙ୍କଡ଼, ସରୀସୃପ, ମତ୍ସାଦି ପ୍ରାଣୀ ଏବଂ ସର୍ବଶେଷରେ ଏକ କ୍ଷୁଦ୍ର ପିପିଲିକାର ବ୍ୟଥା ନିରାକରଣରେ ସେ ଥିଲେ ଅତ୍ୟନ୍ତ ଯତ୍ନବାନ। ଧନ୍ୟ ଏହି ପୁରୁଷଙ୍କ ଜୀବନଗାଥା, ଯିଏକି ସମସ୍ତଙ୍କୁ ସେବା ଦେବାରେ ଥିଲେ ଆତ୍ମହରା ମାତ୍ର ସେବା ନେବାରେ ଥିଲେ ଉଦାସୀନ।

ମାନବ ସମାଜ ଅନେକ ଦେଶ ଓ ଜାତିର ଲୋକଙ୍କୁ ନେଇ ଗଠିତ। ଏହାରି ମଧ୍ୟରେ ଅନେକ ଗୁଣା, ବିଦ୍ୱାନ, ପ୍ରତିଭାବାନ ବ୍ୟକ୍ତି ବିଶେଷ ରହିଛନ୍ତି। କେତେକ ଅଛନ୍ତି ଉଦ୍ଭିଦବିଦ୍, ପଦାର୍ଥବିଦ୍, ପ୍ରାଣୀବିଦ୍, ରସାୟନ ବିଦ୍ ଆଉ କେତେକ ଅଛନ୍ତି ବଡ଼, ବଡ଼ ଦାର୍ଶନିକ, ବୈଜ୍ଞାନିକ, ଐତିହାସିକ, ଭୌଗୋଳିକ ତଥା ଚିକିତ୍ସକ। ପୁଣି କେତେକ ସାହିତ୍ୟିକ, ସମାଜସେବୀ, ଧୀ, ଧୂରନ୍ଧର ବ୍ୟକ୍ତି ବିଶେଷ। ମାନବ ସଭ୍ୟତା ଓ ପରିବେଶକୁ ଶ୍ରୀମଣ୍ଡିତ, ଦକ୍ଷ ଓ ସୁଦୂରପ୍ରସାରୀ କରିବାରେ ଏହି ମାନଙ୍କର ଅବଦାନ ନିଶ୍ଚିତ ମହାନ।

ଏକଦା ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଭକ୍ତମାନଙ୍କ ସହ ଆଲୋଚନାରେ ରତ। ଉକ୍ତଦିନ ସେ କହିଲେ - 'ତୁମ୍ଭେ ଭଗବାନଙ୍କୁ ଯେତେ ଟିକେ ଯେପରି ଭାବେ ଯାହାଦେବ - ହୋଇ ଉଠିବାଟା ତୁମ୍ଭର ସେହିଭଳି ହେବ, ଆଉ ଏହି - ହୋଇ ଉଠିବା ହିଁ ତାଙ୍କୁ ପ୍ରାପ୍ତ ହେବା। ତେଣୁ ସେ ମଣିଷର ମନରେ ସତତ ଉତ୍ସାହ ଦେଇ ସାହସ ଭରି ଦିଅନ୍ତି ଏବଂ କହନ୍ତି Do, Be and Get (କର, ହୁଅ, ପାଅ)। ବର୍ତ୍ତମାନ ପ୍ରଶ୍ନ ଜାଗେ - ମଣିଷ ଜୀବନର ପ୍ରାରମ୍ଭରୁ ଅନ୍ତିମ ପର୍ଯ୍ୟନ୍ତ କେଉଁ କର୍ମ କରିବାକୁ ପ୍ରାଧାନ୍ୟ ଦେବ ? ତାହାର ଉତ୍ତରରେ ଦ୍ୱାପର ଯୁଗର ଲୀଳାମୟ ପୁରୁଷ ପ୍ରଭୁ ଶ୍ରୀକୃଷ୍ଣ ଭକ୍ତ ଅର୍ଜ୍ଜୁନଙ୍କୁ କହିଥିଲେ ଯଥା - 'ଈଶ୍ୱରେର ପ୍ରୀତି ଆର ଆରାଧନା ତରେ, ଯେ ସକଳ କର୍ମ ନର ଅନୁଷ୍ଠାନ କରେ। ତାହା ଭିନ୍ନ ଅନ୍ୟ କର୍ମେ ବନ୍ଧନ ନିଶ୍ଚୟ, ଈଶ୍ୱରେ ତରେ କର୍ମକର ଧନଞ୍ଜୟ।' ତଦନୁରୂପ ପରବର୍ତ୍ତୀ ଲୀଳାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପୃଥିବୀ ବାସୀଙ୍କୁ ସୂଚାଇ କହିଲେ - ଯେଉଁ ସାଧନା କରିଲେ ହୃଦୟରେ ପ୍ରେମ ଆସେ, ତାହା ହିଁ କର। ଆଉ ଯେଉଁଥିରେ କ୍ରୂରତା କଠୋରତା ହିଂସା ଆସେ ତାହା ଆପାତତଃ ଲାଭ ଜନକ ହେଲେ ମଧ ତାହା କରିବାକୁ ଯାଅ ନାହିଁ। ସର୍ବଶେଷରେ ଆଜିର ହୀନସ୍ୱାର୍ଥ କେନ୍ଦ୍ରିକ, ବ୍ୟଥା, ବେଦନଭରା ଜୀବନରୁ ତ୍ରାହି ପାଇବାକୁ ଗଲେ ନିମ୍ନ ମହତୀ ବାଣୀର ଆଶ୍ରୟ ଏକାନ୍ତ ଲୋଡ଼ା ଯଥା - 'ତାଙ୍କ ପାଇଁ ବ୍ୟାକୁଳ ହୁଅ - ଅକପଟ ଭାବେ, ଆକୁଳ କରି ତୋଳୁ ତୁମ୍ଭଙ୍କୁ ସେହି ଉତ୍କଣ୍ଠିତ ବ୍ୟାକୁଳତା ହିଁ, ତୁମ୍ଭର ସମଗ୍ର ଦୁଷ୍ଟ ପ୍ରବୃତ୍ତିକୁ ପୋଡ଼ି ଛାରଖାର କରିଦେବ।' ଜୟଗୁରୁ । ପୁରୁଷୋତ୍ତମମ୍।

♥ ପ୍ରତିରତ୍ୱିକ ଓ ପୂର୍ବତନ ବିଭାଗୀୟ ମୁଖ୍ୟ, ଲିଭର ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

# ଜିଲ୍ଲାସ୍ତରୀୟ ପଖାଳ ଦିବସ ପାଳିତ

ଖୋର୍ଦ୍ଧା , ୨୧/୩ (ନି.ପ୍ର): ଓଡ଼ିଶା ସରକାର, ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଆଜି ଦିବା ୧୨ ଘଟିକା ସମୟରେ ଜିଲ୍ଲାପରିଷଦ କାର୍ଯ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ପଖାଳ ଦିବସ ପାଳିତ ହୋଇଯାଇଅଛି । ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ରୁପଶ୍ରୀ ରାଣୀ ଗୁମାନ ସିଂହ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଉପସଭାପତି ଶ୍ରୀ ଗୋପୀନାଥ ମହାରଣା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ,ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟ ସଦର ମହକୁମା ପାନ୍ଥ ନିବାସରୁ ଅଭାସିରେ ଯୋଡ଼ି ହୋଇ ଖୋର୍ଦ୍ଧା ଜିଲ୍ଲାର ପଖାଳ ଦିବସ ପାଳନ କୁ ଅନୁଧ୍ୟାନ କରିବା ସହ ରାଜ୍ୟର ସମସ୍ତ ଜିଲ୍ଲା , ଦେଶର ମୁମ୍ବାଇ, ଜାମସେଦପୁର, ଗହ୍ୱାଟି ଆଦି ଚଉଦ ଗୋଟି ନଗରୀ ଓ ବିଶ୍ୱର ଆମେରିକା ଦେଶ ସହ ଛଅ ଗୋଟି ଦେଶ ସହ ଏହି ପଖାଳ ପର୍ବ ଦିବସ ରେ ଆଭାସିରେ ଯୋଡ଼ି ହୋଇ ପଖାଳ ଆମ ଓଡିଆଙ୍କ ଅସ୍ମିତା ର ପରିଚୟ ବହନ କରେ ବୋଲି ଅଭିଭାଷଣ ରଖି ଏହାକୁ ବିଶ୍ୱର ସମଗ୍ର ଦେଶରେ ପରିଚିତ କରାଇ ଜଗନ୍ନାଥ ସଂସ୍କୃତିରେ ମହାପ୍ରଭୁଙ୍କ ନୈବେଦ୍ୟ ପଖାଳ ପର୍ବକୁ ଆମ ଓଡିଶାର ଜନସାଧାରଣ ମାନେ ବିଶ୍ୱର କୋଣ ଅନୁକୋଣରେ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସ୍ତରୀୟ ପଖାଳ ପର୍ବ ଦିବସ କୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁ ପ୍ରତ୍ୟକ୍ଷ ପରିଚାଳନା କରିଥିବା ବେଳେ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୁସ୍ମିତା ପ୍ରଧାନ ସହଯୋଗ ପ୍ରଦାନ କରିଥିଲେ । ଜିଲ୍ଲାର ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ପଂଚାୟତ ସମିତି ଅଧକ୍ଷ ଅଧକ୍ଷା, ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ଅଧକ୍ଷ ଅଧକ୍ଷା, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବି ଡି ଓ ଏବଂ ତହସିଲଦାର, ସମସ୍ତ ଡେପୁଟୀ କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର , ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମସ୍ତ ଅଧିକାରୀ ଏବଂ କର୍ମଚାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସମେତ ବିଭିନ୍ନ ଗଣ ମାଧମର ପ୍ରତିନିଧିମାନେ ଯୋଗ ଦେଇଥିଲେ । ପରିଶେଷରେ ସମସ୍ତେ ଓଡ଼ିଶାର ପାରମ୍ପାରିକ ଖାଦ୍ୟ ପଖାଳ ଓ ତତ୍ ସହ ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ଭୋଜନ କରିଥିଲେ।

## ମତ୍ସ୍ୟଜିବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ

ଭୁବନେଶ୍ୱର, ୨୧/୩ (ନି.ପ୍ର): ପାଗ ଖରାପ ରହିବା ସହିତ ଆଜି ଉତର ଓଡ଼ିଶା ଉପକୂଳ ଏବଂ ବାହାରେ ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କି.ମି. ତଥା ଏହାର ୫ଟକା ୬୦ କି.ମି. ଛୁଇଁପାରେ । ଏହି ସମୟରେ ଉତର ଓଡ଼ିଶା ଉପକୂଳ ଏବଂ ବାହାରେ ସମୁଦ୍ର ଅଶାନ୍ତ ରହିବ । ତେଣୁ ମତ୍ସ୍ୟଜିବୀ ମାନଙ୍କୁ ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯିବାକୁ ବାରଣ କରାଯାଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶନିବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ଭାରତୀୟ ସଂସ୍କୃତି ପ୍ରଚାର ସମିତି ଦ୍ୱାରା ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ




ବାଲେଶ୍ୱର , ୨୧/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଗୋପାଳଗାଁ ଆୟୁଷ୍ମାନ କଲ୍ୟାଣ ମଣ୍ଡପ ରେ ସଭାପତି ଗୋପାଳ ଖଣ୍ଡେଲ୍ ୱାଲ ଙ୍କ ସଭାପତିତ୍ୱରେ ଭାରତୀୟ ସଂସ୍କୃତି ପ୍ରଚାର ସମିତି ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀ ପ୍ରଫୁଲ୍ଲ କୁମାର ରାଉତ । ପ୍ରଚାର ସମିତି କମିଟିର ଭାରତୀୟ ସଂସ୍କୃତି ପ୍ରଚାର ସମିତି ସମ୍ପାଦକ ପ୍ରଭଞ୍ଜନ ପାଢ଼ୀ , ମୁଖ୍ୟ ବକ୍ତା ଭାବେ ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ଶାରୀରିକ ଶିକ୍ଷକ ପ୍ରମୁଖ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବସନ୍ତ କୁମାର ମଲ୍ଲିକ ମାଞ୍ଚାସୀନ ଥିଲେ। ଏହି ହିନ୍ଦୁ ନବବର୍ଷ ଉପଲକ୍ଷେ ଆସୁଥିବା ସତ ପ୍ରବୃତ୍ତ ଭାବେ ଶହ ଶହ ହିନ୍ଦୁ ଭାଇ ଭଉଣୀ ମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ପ୍ରଥମେ ହିନ୍ଦୁ ନବବର୍ଷ ପାଇଁ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରିଥିଲେ । ମୁଖ୍ୟ ବକ୍ତା ତାଙ୍କ ବକ୍ତବ୍ୟରେ କହିଥିଲେ ହିନ୍ଦୁ ସମାଜ ସଂସ୍କୃତି ହଜାର ହଜାର ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା ଏହି ହିନ୍ଦୁ ସମାଜ ସଂସ୍କୃତି କିପରି ସୁରକ୍ଷିତ ରହିବ ଆମେ ଚେଷ୍ଟା କରିବା ଉଚିତ। ଆମେ ପ୍ରଥମେ ଆମ ମା ମାଟିକୁ ସୁରକ୍ଷିତ ରଖିବା ଏକତା ବଜାଇ ରଖିବା । ହିନ୍ଦୁ ସଂସ୍କୃତି କିପରି ଚିର ସ୍ଥାୟୀ ରହିବ ଆମର କର୍ତ୍ତବ୍ୟ କରିବା ଦରକାର । ନହେଲେ ଯେଉଁ ଭଳି ବଙ୍ଗଳା ଦେଶରେ ହିନ୍ଦୁଙ୍କୁ ଅତ୍ୟାଚାର କରୁଛନ୍ତି ଶହ ଶହ ହିନ୍ଦୁ ମୁଣ୍ଡ କାଟି ଦେଉଛନ୍ତି ତାହା ବାଲେଶ୍ୱର ରେ ଦିନେ ନ ହବ ତାହା କହିବା ସମ୍ଭବ ପର ନୁହଁ ।ତେଣୁ ଆମ ହିନ୍ଦୁ ସମାଜ ରକ୍ଷା କରିବାକୁ ହେଲେ ଆମର ମା ମାଟିକୁ ରକ୍ଷା କରିବା ହିନ୍ଦୁ ଏକତା ଜାଗ୍ରତ କରିବା ଦରକାର । ସଭାପତି ଗୋପାଳ ଖଣ୍ଡେଲ ୱାଲ୍ ତାଙ୍କ ବକ୍ତବ୍ୟରେ କହିଥିଲେ ସାରା ବିଶ୍ୱ ଜାଣିଛି ଯେ ହିନ୍ଦୁ ସମାଜ ବହୁ ପୁରାତନ , ଏହି ସଂସ୍କୃତି ଅତି ମହାନ । ଏପରିକି ଏହି ହିନ୍ଦୁ ମାନଙ୍କୁ ନେଇ ମୁସଲମାନ ମାନେ ଧର୍ମାନ୍ତରିଣ କରି ମୁସଲମାନ କରୁଛନ୍ତି । ଠିକ୍ ସେହି ପରି ଖ୍ରୀଷ୍ଟିଆନ୍ ମାନେ ହିନ୍ଦୁଙ୍କୁ ଧର୍ମାନ୍ତରିଣ କରି ଖ୍ରୀଷ୍ଟିଆନ୍ କରୁଛନ୍ତି । ତେଣୁ ସେମାନେ ଜାଣିଛନ୍ତି ହିନ୍ଦୁ ସମାଜ ସଂସ୍କୃତି ନଥିଲେ ବିଶ୍ୱର ଲୋକ ନଥାନ୍ତେ । ତେଣୁ ଆମେ ଏକତା ରକ୍ଷା କରି ରାଷ୍ଟ୍ରୀୟ ଏକତା ସୃଷ୍ଟି କଲେ ଦେଶ ମଙ୍ଗଳ ହେବ । ସମ୍ପାଦକ ପ୍ରଭଞ୍ଜନ ପାଢ଼ୀ ତାଙ୍କ ବକ୍ତବ୍ୟରେ ଭାରତର ଏକ ହିନ୍ଦୁ ରାଷ୍ଟ୍ରରେ ପରିଣତ ହେବ ସେଥିପାଇଁ ଏକତ୍ରିତ ରାଷ୍ଟ୍ରର ସେବା କରିବା ଦରକାର ବୋଲି କହିଥିଲେ । ଅନ୍ୟ ସବୁ ମଞ୍ଚାସୀନ ଅତିଥି ମାନେ ହିନ୍ଦୁ ନବବର୍ଷ କିପରି ଘରେ ଘରେ ପହଞ୍ଚିବ ସେଥିପାଇଁ ଧ୍ୟାନ ଦେବା ଉଚିତ୍ ବୋଲି କହିଥିଲେ। ଏହି କାର୍ଯ୍ୟ କ୍ରମକୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସମସ୍ତ ସଭ୍ୟ ସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ।

# ମା’ ମଙ୍ଗଳାଙ୍କ ନୂତନ ମନ୍ଦିର ଓ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ କଳସ ଶୋଭାଯାତ୍ରା ଓ ଅଷ୍ଟମ ପ୍ରହରୀ ନାମଯଜ୍ଞ



ଜଳେଶ୍ୱର, ୨୧/୩ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଚକବାବନ ଗ୍ରାମରେ ଆଜକୁ ପ୍ରାୟ ୨ଶହ ବର୍ଷ ପୂର୍ବେ ଏକ ବୃକ୍ଷ ମୂଳରେ ମା ମଙ୍ଗଳାଙ୍କ ଆବିର୍ଭାବ ହୋଇଥିଲା ।ସେହି ଦିନଠାରୁ ଏକ ବୃକ୍ଷ ମୂଳରେ ମା ମଙ୍ଗଳା ପୂଜା ପାଇ ଆସୁଥିଲେ। ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ତପନି ଭୂୟାଁ ଏବଂ ପଞ୍ଚାୟତ ସମିତି ସଦସ୍ୟା ମଧୁମିତା ମାହାନ୍ତିଙ୍କୁ ଏକ ସ୍ଥାୟୀ ମନ୍ଦୀର ପାଇଁ ଅର୍ଥ ପ୍ରଦାନ ପାଇଁ ଅନୁରୋଧ କରିଥିଲେ। ଗ୍ରାମବାସୀଙ୍କ ଅନୁରୋଧ କୁ ରକ୍ଷା କରି ସରପଞ୍ଚ ଓ ସଦସ୍ୟା ଓଡ଼ିଶା ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପରୁ ମା ମଙ୍ଗଳାଙ୍କ ଭୋଗ ମଣ୍ଡପ ପାଇଁ ଅର୍ଥ ପ୍ରଦାନ ପ୍ରଦାନ କରିବା ସହିତ ଆଉ କିଛି ଅର୍ଥ ଗ୍ରାମ ବାସୀଙ୍କ ସାହାଯ୍ୟରେ ଏକ ନୂତନ ଭାବେ ମା ମଙ୍ଗଳାଙ୍କ ନୂତନ ମନ୍ଦିର ନିର୍ମାଣ କରାଯାଇଛି । ସେହି ପରିପ୍ରେକ୍ଷୀରେ ମା ମଙ୍ଗଳାଙ୍କ ନୂତନ ମନ୍ଦିର ଓ ମା ଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ କଳସ ଶୋଭାଯାତ୍ରା ଓ ଅଷ୍ଟମ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୨୦ ତାରିଖ ଦିନ ସକାଳ ୭ଘଟିକା ସମୟରେ ଗ୍ରାମର ପୁଖରିରୁ ଘଟୋତ୍ତୋଳନ, କଳସ ଶୋଭାଯାତ୍ରା, ହୋମ ଯଜ୍ଞ, ମନ୍ଦିର ପ୍ରତିଷ୍ଠା, ମା ଙ୍କ ପ୍ରାଣ ପ୍ରତିଷ୍ଠା ସହିତ ଅଷ୍ଟମ ପ୍ରହରୀ ନାମଯଜ୍ଞ, କୀର୍ତ୍ତନ, ହରିକଥା ଓ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା । ଏହିସବୁ କାର୍ଯ୍ୟକ୍ରମକୁ ମୁଖ୍ୟ ପୂଜକ ପଣ୍ଡିତ ଜନାର୍ଦ୍ଦନ ମିଶ୍ର, ଜଗନ୍ନାଥ ଦାଶ, ବୀଦୁଭେନ୍ଦୁ କର, ମୁନା କର, ପିକୁନ କର, ପ୍ରାଣ କୃଷ୍ଣ ପତି, କାହ୍ନା କର ପ୍ରମୁଖ ବ୍ରାହ୍ମଣ ମାନଙ୍କ ପରିଚାଳନା ରେ ଅନୁଷ୍ଠିତ ହୋଇଥିଲା । ଗ୍ରାମ ମୁଖ୍ୟ ଜୟନ୍ତ ଗିରୀ, କୋଷାଧକ୍ଷ ଗଙ୍ଗାଧର ସାହୁ, ସଦସ୍ୟ ପ୍ରଫୁଲ୍ଲ ଦାସ, କରୁଣା କର ସେଣ, ଗ୍ରୌନ୍ଦ ରାଉତ, ବରୁଣ ସେଣ, ଅରୁଣ ସେଣ, ସୁଜୟ ସାହୁ, ନିତ୍ୟାନନ୍ଦ ଦାସ, ଚୈତନ୍ୟ ଦାସ, ବୈକୁଣ୍ଠ ମାହାନ୍ତି, ରାଜେଶ ସେଣ ପ୍ରାମୁଖ ଗ୍ରାମବାସି ଉପସ୍ଥିତ ରହି ସହଯୋଗ କରିଥିଲେ।

## ଶାନ୍ତି ଶୃଙ୍ଖଳାର ସହ କେନ୍ଦ୍ରାପଡାରେ ଇଦୁଲ ଫିତର ପାଳିତ

କେନ୍ଦ୍ରାପଡା, ୨୧/୩ (ନି.ପ୍ର): ଶାନ୍ତି ଶୃଙ୍ଖଳାର ସହ କେନ୍ଦ୍ରାପଡାରେ ଇଦୁଲ ଫିତର ପର୍ବ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ମୁସଲିମ ସଂପ୍ରଦାୟର ସବୁଠାରୁ ବଡ ପର୍ବ ଭାବେ ଜଣାଶୁଣା ପବିତ୍ର ଇଦୁଲ ଫିତର ସକାଳ ୮ଟାରୁ ଫକିରାବାଦ ମସଜିଦ ଠାରୁ ଆରମ୍ଭ ହୋଇ ଅହେଲେ ହଦିସ୍ ଇଦଘା ପଡିଆ, ପୁରୁଣା ଇଦଘା, ନୂଆ ଇଦଘା ସମେତ ବିଭିନ୍ନ ମସଜିଦରେ ସାମୁହିକ ନମାଜ ପାଠ କରାଯାଇଥିଲା । ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସମ୍ବେଦନଶୀଳ ଛକ ଓ ସ୍ଥାନ ମାନଙ୍କରେ ପେଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯାଇଛି । କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ସମେତ ସମାଜସେବୀ ରଂଜିତ ସାହୁ, ପୂର୍ବତନ କାଉନସିଲର ହିବଜୁବୁର ରହେମାନ, ହିରଣ୍ୟ ପଣ୍ଡା, ବିଜେଡି ଜିଲ୍ଲା ସଭାପତି ଶିବ ପ୍ରସାଦ ଭୋଳ, ରଶ୍ମିତା ସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମୁସଲିମ ସଂପ୍ରଦାୟ ଲୋକଙ୍କ ସହିତ କର ମର୍ଦ୍ଦନ କରି ଶୁଭେଚ୍ଛା ଜଣାଇଥିଲେ ।

# ଆମ ସାମ୍ବାଦିକ ସଂଘର ତୃତୀୟ ବାର୍ଷିକ ଉତ୍ସବ

## ସତ୍ୟ ଓ ତଥ୍ୟ ଉପରେ ଆଧାରିତ ଖବର ପରିବେଷଣ ଆବଶ୍ୟକ



ବାସୁଦେବପୁର, ୨୧/୩ (ନି.ପ୍ର): ସାମ୍ବାଦିକ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ଖବର ପରିବେଷଣ ସମୟରେ ଦାୟିତ୍ୱ ବୋଧ ରହିବା ଆବଶ୍ୟକ। ଖବର ସବୁ ସମୟରେ ସତ୍ୟ ଓ ତଥ୍ୟ ଉପରେ ଅଧାରିତ ହେବା ଉଚିତ । ଖବର ସଂଗ୍ରହ ବେଳେ ଖବର ସତ୍ୟତା ପରଖିଲେ ନିର୍ଭୁଲ ଓ ନିରପେକ୍ଷ ହେବ ବୋଲି ବାସୁଦେବପୁରର ଆମ ସାମ୍ବାଦିକ ସଂଘର ତୃତୀୟ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାସୁଦେବପୁରର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ କହିଥିଲେ । ବାସୁଦେବପୁର ନୀଳମଣୀ ଟାଉନହଲ ପରିସର ମଧ୍ୟରେ ଅନୁଷ୍ଠିତ ସଭାର ଆମ ସାମ୍ବାଦିକ ସଂଘର ସଭାପତି କିଶୋର କୁମାର ମହାପାତ୍ର ସଭାପତିତ୍ୱରେ କରିଥିଲେ । ଆମ ସାମ୍ବାଦିକ ସଂଘର ସମ୍ପାଦକ ରମାକାନ୍ତ ଡାଙ୍ଗୁଆ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ବକ୍ତା ଭାବେ ସ୍ତମ୍ଭକାର ତଥା ବୈଦ୍ୟୁତିକ ଗଣମାଧ୍ୟମର ଉପସ୍ଥାପକ ବିରଞ୍ଚିନାରାୟଣ ଦାସ, ବରେଣ୍ୟ ଅତିଥି ଭାବେ ଏସୟୁଜେ ଓଡ଼ିଶାର ସଭାପତି କୈଳାସ ଚନ୍ଦ୍ର ନାୟକ, ଭଦ୍ରକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ (ଡୁଡା) ହେମନ୍ତ କୁମାର ମହନ୍ତ, ବାସୁଦେବପୁର ପୌରପାଳିକାର ଅଧକ୍ଷା ନିବେଦିତା ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ଯୋଗଦେଇ ସାମ୍ବାଦିକମାନେ ଏକତ୍ରୀତ ହୋଇ ନରହିଲେ ଅନ୍ୟମାନେ ତାର ସୁଯୋଗ ନେଉଛନ୍ତି । ସଙ୍ଗଠିତ ହେଲେ ସରକାର ସାମ୍ବାଦିକ ସର୍ବନିମ୍ନ ସୁବିଧା ସୁଯୋଗ ଯୋଗାଇ ଦେବାକୁ ବାଧ୍ୟ ହେବେ । ଦୀର୍ଘ ବର୍ଷ ଧରି ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟରତ ଥିବା ତିହିଡିର ଅଭୟ କୁମାର ପତି, ସୋର ଅଞ୍ଚଳର ସାମ୍ବାଦିକ ଅଭୟ କୁମାର ପତ୍ରୀ,ବାସୁଦେବପୁର ସାମ୍ବାଦିକ ପ୍ରଦୀପ୍ତ କୁମାର ମହାନ୍ତି, ପ୍ରଶାସନିକ କ୍ଷେତ୍ରରେ ନିଜର କର୍ତ୍ତବ୍ୟ ନିଷ୍ଠାର ନିଛକ ଉଦାହରଣ ସାଜିଥିବା ଓଡିଶା ପ୍ରଶାସନିକ ସେବାର ବାସୁଦେବପୁର ବ୍ଲକର ସହକାରୀ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ, ଡାକ୍ତର ମନୋଜ କୁମାର ମିଶ୍ର, ରାଜମିସ୍ତ୍ରୀ ନାରାୟଣ ବାରିକ ଓ ସୂର୍ଯ୍ୟକାନ୍ତ ମହାନ୍ତିଙ୍କୁ ମାନପତ୍ର ଓ ଉପଢ୍ୱୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ବିଭିନ୍ନ ପୂଜା କମିଟିର ସଭାପତି ଓ ସମ୍ପାଦକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବିଭିନ୍ନ ଅନୁଷ୍ଠାନର କୁନି କୁନି କଳାକାର ଓଡ଼ିଶାର ଲୋକ କଳା ନୃତ୍ୟ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଡ୍ୟାନ୍ସ କଳା ଏକାଡ଼େମୀର ପରିଚାଳକ ରାଜେଶ କୁମାର ସାହୁ ସଂଯୋଜନା କରିଥିଲେ । ଆମ ସାମ୍ବାଦିକ ସଂଘର ବାର୍ଷିକ ମୁଖପତ୍ର ସାମ୍ବାଦିକର ସ୍ୱର ଅତିଥିମାନଙ୍କ କର କମଳରେ ଲୋକାର୍ପିତ ହୋଇଥିଲା । ସଦସ୍ୟ ଅମୀୟ ଭୂଷଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଆମ ସାମ୍ବାଦିକ ସଂଘର ସଦସ୍ୟ ରାଜୀବ କୁମାର ଦାସ, ମନୀନ୍ଦ୍ର ବିଶ୍ୱାଳ ଓ ସ୍ୱାଧିନ ଆଲୋକ ଡାଙ୍ଗୁଆ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### କନ୍ଧମାଳ ପୁଲିସକୁ ...

ହେଲେ ଏହା ସୁରକ୍ଷାକର୍ମୀଙ୍କ ନଜରକୁ ଆସିବା ପରେ ସେଗୁଡ଼ିକୁ ନିଷ୍କ୍ରିୟ କରାଯାଇଛି। ଅନ୍ୟପଟେ କମ୍ବିଂ ଅପେରସନ୍ ବେଳେ ଜଙ୍ଗଲରୁ ବଡ଼ଧରଣର ମାଓ କ୍ୟାମ୍ପକୁ ମଧ ପୁଲିସ ଠାବ କରିଛି । ସେଠାରୁ ବିପୁଳ ପରିମାଣରେ ଡିଟୋନେଟର, ଜିଲୋଟିନ, ବିସ୍ଫୋରକ ସାମଗ୍ରୀ, ଔଷଧ, ବାସନକୁସନ ଓ ମାଓପତ୍ରିକା ମଧ ଜବତ କରାଯାଇଛି । ବର୍ତ୍ତମାନ ଗାଙ୍ଗେରିସାରୁ ଜଙ୍ଗଲରେ କମ୍ବିଂ ଅପେରସନ ଓ ସର୍ଚ୍ଚ ଅପେରସନ୍‌କୁ କଡ଼ାକଡ଼ି କରାଯାଇଥିବା ସୂଚନା ମିଳିଛି। ସୂଚନା ଥାଉକି, କନ୍ଧମାଳ- ରାୟଗଡ଼ା-କଳାହାଣ୍ଡି ସୀମାନ୍ତରେ ଶୁକ୍ରୁରୁ ଓ ତାର ସହଯୋଗୀ ଲୁଚି ରହିଥିବା ବେଳେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ବିଭିନ୍ନ ଜଙ୍ଗଲରେ କମ୍ବିଂ ଅପେରସନ୍ ଜାରି ରହିଛି।

### ଘୂର୍ଣ୍ଣିବଳୟ ପ୍ରଭାବରେ...

ଭଦ୍ରକ, କେନ୍ଦ୍ରାପଡ଼ା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସପ୍ତାହେ ରାଜ୍ୟରେ ଏମିତି ପାଗ ଲାଗି ରହିବ । ଅନ୍ୟପଟେ ସାରା ଦେଶରେ ପାଗ ଖରାପ ହୋଇଛି। ମାର୍ଚ୍ଚ ମଧଭାଗରେ ଦିଲ୍ଲୀ, ଉତ୍ତର ପ୍ରଦେଶ ଏବଂ ବିହାର ସମେତ ଅନେକ ରାଜ୍ୟରେ ଥଣ୍ଡା ଫେରି ଆସିଛି। କଶ୍ମୀର ଏବଂ ହିମାଚଳରେ ନିରନ୍ତର ତୁଷାରପାତ ଜାରି ରହିଛି। ଭାରତ ପାଣିପାଗ ବିଭାଗ ୧୯ଟି ରାଜ୍ୟରେ ବର୍ଷା, ଝଡ଼ବର୍ଷା, ବିଜୁଳି ଏବଂ କୁଆପଥର ବର୍ଷା ପାଇଁ ସତର୍କତା ଜାରି କରିଛି। ଉତ୍ତର-ପଶ୍ଚିମ, ମଧ ଏବଂ ପୂର୍ବ ଭାରତର ଅନେକ ଅଞ୍ଚଳରେ ପାଗ ପ୍ରଭାବିତ ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ଆଜି ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ କୁଆପଥର ବର୍ଷାର ପୂର୍ବାନୁମାନ କରିଛି। ମଧ ପ୍ରଦେଶ, ବିହାର, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ରେ ମଧ କୁଆପଥର ବର୍ଷାର ପୂର୍ବାନୁମାନ କରିଛି ।

### ସବୁଜ ବଳୟ...

ଚାରାରୋପଣ କରାଯାଇଛି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଆଜି ବିଜ୍ଞାନ ଓ ଟେକ୍‌ନୋଲୋଜିରେ ଅନେକ ଉନ୍ନତି ହୋଇଛି। କମ୍ ଜାଗା ବ୍ୟବହାର କରି, ପରିବେଶକୁ ଦୂଷିତ ନକରି ଶିଳ୍ପାୟନ କରିବା ଆଜି ସମ୍ଭବ ହୋଇପାରିଛି। ତେଣୁ, ଯଦି ଆମେ ପରିବେଶ ଓ ଶିଳ୍ପାୟନ ମଧରେ ଉପଯୁକ୍ତ ବାଲାନ୍ସ ରଖିପାରିବା ତେବେ ପରିବେଶ ଓ ଶିଳ୍ପାୟନ ପରସ୍ପର ଅନୁପୂରକ ବଦଳରେ ପରିପୂରକ ହୋଇପାରିବ ବୋଲି ସେ କହିଥିଲେ। ଚଳିତ ବର୍ଷ ବିଶ୍ୱ ବନ ଦିବସ ପାଳନର ବିଷୟବସ୍ତୁ ‘ଜଙ୍ଗଲ ଓ ଅର୍ଥନୀତି’ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଙ୍ଗଲ କେବଳ ପରିବେଶ ପାଇଁ ନୁହେଁ, ବରଂ ଆମ ରାଜ୍ୟ ତଥା ଦେଶର ବିକାଶ ପାଇଁ ମଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଜଙ୍ଗଲ ସୁରକ୍ଷା ସହିତ ଆମେ ଜଙ୍ଗଲକୁ ଜୀବିକା ଅର୍ଜନର ପ୍ରମୁଖ ମାଧ୍ୟମ ଭାବେ ପରିଣତ କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରି ସଫଳ ହୋଇଛୁ। ସମସ୍ତଙ୍କ ସହଯୋଗ ରହିଲେ ଆମେ ଏ କ୍ଷେତ୍ରରେ ଆହୁରି ଆଗକୁ ବଢ଼ିବୁ। ବନ ସୁରକ୍ଷା ଓ ଜଙ୍ଗଲ ସୃଷ୍ଟି କ୍ଷେତ୍ରରେ କାମ କରୁଥିବା ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇ ଜଙ୍ଗଲ ନିଆଁ ରୋକିବା ଏବଂ ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷ ରୋକିବା ଦିଗରେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ମନୁଷ୍ୟକୃତ ଜଙ୍ଗଲ ନିଆଁ ପାଇଁ ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭାଗ ପକ୍ଷରୁ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିବା ସହିତ ଜଙ୍ଗଲ ସୁରକ୍ଷା ସମ୍ବନ୍ଧିତ ପୁସ୍ତକ ଉନ୍ମୋଚନ ଏବଂ ଉତ୍ତମ ପ୍ରଦର୍ଶନକାରୀ ବନାଞ୍ଚଳ ଅଧିକାରୀ, ବନପାଳ ଓ ବନରକ୍ଷୀମାନଙ୍କୁ ସମ୍ମାନିତ କରିଥିଲେ।

### କେରଳ ପ୍ରାର୍ଥୀ ତାଲିକାରେ...

ବୁଧବାର ବିଳମ୍ବିତ ରାତିରେ ବୈଠକ କରିଥିଲେ। ରାତି ୧୦.୩୦ରୁ ୧୦ ରାଜାଜୀ ମାର୍ଗସ୍ଥିତ କଂଗ୍ରେସ ଜାତୀୟ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବାସଭବନରେ ବୈଠକ ଅନୁଷ୍ଠିତ ହୋଇଥିଲା। ରାହୁଲ ଗାନ୍ଧୀ ବୈଠକରେ ଯୋଗ ଦେବା ସହିତ ନିର୍ବାଚନରେ ଜିତିବା ସମ୍ଭାବନା ଅଧିକ ଥିବା ପ୍ରାର୍ଥୀଙ୍କୁ ଟିକେଟ ଦେବାକୁ କହିଥିଲେ। କେବଳ ରାଜ୍ୟ ଶାଖାର ସୁପାରିସକୁ ଧ୍ୟାନ ନ ଦେଇ ଜାତି ସମୀକରଣ ଓ ନିର୍ବାଚନୀ ରେକର୍ଡ଼ ଉପରେ ମଧ ଧ୍ୟାନ ଦେବାକୁ ରାହୁଲ କଂଗ୍ରେସ କେନ୍ଦ୍ରୀୟ ନିର୍ବାଚନ କମିଟିଟି (ସିଇସି)କୁ କହିଥିଲେ। ବୈଠକ ରାତି ୧୦ଟା ୩୦ ମିନିଟରୁ ଆରମ୍ଭ ହୋଇ ୨ ଟା ୩୦ ପର୍ଯ୍ୟନ୍ତ ଚାଲିଥିଲା। ଏହି ମାରାଥନ ବୈଠକରେ କୌଣସି ବର୍ତ୍ତମାନର ସାଂସଦଙ୍କୁ ବିଧାନସଭା ନିର୍ବାଚନ ପାଇଁ ଟିକେଟ ନଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏପରି ବିଳମ୍ବିତ ରାତି ବୈଠକ କଂଗ୍ରେସ ପାର୍ଟି ପାଇଁ ବିରଳ ଘଟଣା। ବିଜେପି ପାର୍ଟିର ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ବୈଠକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥାଏ ବୋଲି କୁହାଯାଇଛି। କଂଗ୍ରେସର ଏହି ପରିବର୍ତ୍ତନ ଦର୍ଶାଉଛି ଯେ, ଦଳ କେରଳ ବିଧାନସଭା ନିର୍ବାଚନକୁ ଖୁବ୍ ଗୁରୁତ୍ୱ ଦେଉଛି। ତାଲିକାରେ ସ୍ଥାନ ପାଇଥିବା ୬୦ ପ୍ରତିଶତ ପ୍ରାର୍ଥୀ କଂଗ୍ରେସ ଲୋକସଭା ସାଂସଦ କେସି ବେଣୁଗୋପାଳଙ୍କ ଘନିଷ୍ଠ ବୋଲି ଜଣାପଡ଼ିଛି। ଅନ୍ୟ ସୂତ୍ରରୁ କୁହାଯାଇଛି ଯେ, ତାଲିକାରେ ଥିବା ୫୫ ପ୍ରାର୍ଥୀଙ୍କ ମଧ୍ୟରୁ ୧୭ ଜଣ ବେଣୁଗୋପାଳଙ୍କ ଗୋଷ୍ଠୀ, ୯ ଜଣ ରମେଶ ଚେନ୍ନିଥାଲା ଓ ୫ ଜଣ ଭିଡି ସତୀଶନଙ୍କ ଗୋଷ୍ଠୀର ବୋଲି ଜଣାପଡ଼ିଛି। ତେବେ ମାତ୍ର ୯ ଜଣ ମହିଳାଙ୍କୁ ଟିକେଟ ମିଳିଥିବାରୁ କଂଗ୍ରେସ ପ୍ରବକ୍ତା ଶମା ମହମଦ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶମା କନ୍ନୁର ଆସନରୁ ଟିକେଟ ପାଇବାକୁ ଆଶାୟୀ ଅଛନ୍ତି। ଅନେକ ସାଂସଦ ସେମାନଙ୍କର ଜଣେ /ଦୁଇଜଣ ଘନିଷ୍ଠଙ୍କ ପାଇଁ ଟିକେଟ ପାଇବାରେ ସମର୍ଥ ହୋଇଛନ୍ତି। କେରଳ ବିଧାନସଭା ନିର୍ବାଚନରେ କଂଗ୍ରେସ ମୋଟ ୧୪୦ ଆସନରୁ ୯୫ ଆସନରେ ଲଢ଼ିପାରେ। ଏପର୍ଯ୍ୟନ୍ତ କଂଗ୍ରେସ ପାର୍ଟି ୯୨ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି।

### ଇରାନର ପରମାଣୁ କେନ୍ଦ୍ର ...

ପାଇଁ ଏହି ଷ୍ଟ୍ରାଇକ୍ କରାଯାଇଥିବା କୁହାଯାଉଛି । ମଧ-ପ୍ରାଚ୍ୟରେ ନିଜର ସ୍ଥିତି ମଜବୁତ କରିବା ପାଇଁ ପେଣ୍ଟାଗନ୍ ହଜାର ହଜାର ନୌସୈନିକଙ୍କ ସହ ନିଜର ଶକ୍ତିଶାଳୀ ଯୁଦ୍ଧପୋତ ୟୁଏସଏସ୍ ପୋର୍ଟଲ୍ୟାଣ୍ଡକୁ ମୁତୟନ କରିଛି। ଏହି ପଦକ୍ଷେପ ଫଳରେ ଯୁଦ୍ଧର ଚିତ୍ର ସମ୍ପୂର୍ଣ୍ଣ ବଦଳିଯିବା ଆଶଙ୍କା କରାଯାଉଛି । ଏହି ଯୁଦ୍ଧପୋତ ଗୁଡ଼ିକ କେବଳ ଆକାଶମାର୍ଗରୁ ନୁହେଁ, ବରଂ ସମୁଦ୍ର ଭିତରୁ ମଧ ଇରାନର ସାମରିକ ଘାଟି ଉପରେ ଆକ୍ରମଣ କରିବାକୁ ସକ୍ଷମ । ଦୁଇ ଯୁଦ୍ଧପୋତ ସମୁଦ୍ରରୁ ସିଧାସଳଖ ସ୍ଥଳଭାଗକୁ ସୈନ୍ୟ ଏବଂ ଭାରୀ ଯୁଦ୍ଧାସ୍ତ୍ର ପଠାଇବାରେ ସକ୍ଷମ। ପୋର୍ଟଲ୍ୟାଣ୍ଡରେ ଅତ୍ୟାଧୁନିକ ଲେଜର ୱେପନ ସିଷ୍ଟମ ରହିଛି। ଯାହା ଶତ୍ରୁପକ୍ଷର ଡ୍ରୋନ୍ ଏବଂ ମିସାଇଲକୁ ଆକାଶରେ ହିଁ ଧ୍ୱଂସ କରିପାରେ। ୟୁଏସଏସ୍ ବକ୍ସରରୁ ଏକାସଙ୍ଗେ ଏକାଧିକ ଆକ୍ରମଣକାରୀ ହେଲିକପ୍ଟର ଏବଂ ଫାଇଟର ଜେଟ୍ ଉଡ଼ାଣ ଭରିପାରିବେ। ଜାହାଜ ଗୁଡ଼ିକରେ ହଜାର ହଜାର ତାଲିମପ୍ରାପ୍ତ ଆମେରିକୀୟ ସୈନିକ ସର୍ବଦା ଯୁଦ୍ଧ ପାଇଁ ପ୍ରସ୍ତୁତ ରହନ୍ତି। ଏଥିରେ ଥିବା ରାଡାର ସିଷ୍ଟମ ଇରାନର ଯେକୌଣସି ବାଲିଷ୍ଟିକ୍ ମିସାଇଲକୁ ଚିହ୍ନଟ କରିପାରେ। ଏହି ଯୁଦ୍ଧପୋତ ଗୁଡ଼ିକ ମଧ-ପ୍ରାଚ୍ୟରେ ଆମେରିକାର ଏକ ଚଳନ୍ତି ସାମରିକ ଘାଟି ଭଳି କାମ କରିବେ ଯାହା ଇରାନ ପାଇଁ ବଡ଼ ଚେତାବନୀ। ଇରାନ ହର୍ମୁଜ୍ ପ୍ରଣାଳୀରେ ଜାହାଜଗୁଡ଼ିକୁ ସୁରକ୍ଷିତ ପଥ ପ୍ରଦାନ କରୁଛି ବୋଲି ଇରାନ୍ ବୈଦେଶିକ ମନ୍ତ୍ରୀ କହିଛନ୍ତି । ଆବାସ ଆରାଘଚି କହିଛନ୍ତି, ହର୍ମୁଜ୍ ପ୍ରଣାଳୀ ଖୋଲା ଅଛି, ଯଦି ଦେଶଗୁଡ଼ିକ ତେହେରାନ ସହିତ ଯୋଗାଯୋଗ କରନ୍ତି। ଆମେ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିନାହୁଁ । କେବଳ ଆମର ଶତ୍ରୁ, ଆମ ଉପରେ ଆକ୍ରମଣ କରୁଥିବା ଦେଶଗୁଡ଼ିକର ଜାହାଜ ପାଇଁ ବନ୍ଦ। ଅନ୍ୟ ଦେଶମାନଙ୍କ ପାଇଁ, ଜାହାଜଗୁଡ଼ିକ ଏହି ପ୍ରଣାଳୀ ଦେଇ ଯାଇପାରିବେ ।

# ବାଲେଶ୍ୱର ଆୟୁଷ୍ମାନ କଲ୍ୟାଣ ମଣ୍ଡପରେ ପଖାଳ ଦିବସ ପାଳିତ



ବାଲେଶ୍ୱର, ୨୧/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଗୋପାଳ ଗାଁ ଆୟୁଷ୍ମାନ କଲ୍ୟାଣ ମଣ୍ଡପ ରେ ପଖାଳ ଦିବସ ଚେୟାର ମେନ୍ ସନ୍ତୋଷ ଅଗସ୍ତି ଦ୍ୱାରା ପାଳିତ ହୋଇଯାଇଛି। ସମ୍ପାଦକ ପାର୍ଥ ପ୍ରତିମ୍ କର , ସରୋଜ ମହାପାତ୍ର , ଅନୁରାଗ ମହାପାତ୍ର , ବିଶ୍ୱଜିତ୍ ରାଉତ , ତୁଷାର ଗୋଛାୟତ , ଉତ୍ପଳା ନନ୍ଦ ମହାପାତ୍ର ପ୍ରମୁଖ ଏହି ପଖାଳ ଦିବସ ପରିଚାଳନା ଭୂମିକା ଗ୍ରହଣ କରିଥିଲେ । ସନ୍ତୋଷ ଅଗସ୍ତି ନିଜେ ପଖାଳ ଦିବସ ରେ ମନିଟରିଙ୍ଗ କରିଥିଲେ । ସର୍ବସାଧାରଣ ଲୋକେ ଆସିଲେ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଉଥିଲା ।ଏପରିକି ପଖାଳ ଦିବସରେ ୧୫ ରୁ ୨୦ ପ୍ରକାର ତରକାରୀ ହୋଇଥିଲା । ପଖାଳ ସହିତ ମାଛ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଶାଗ , ବିଭିନ୍ନ ପ୍ରକାର ଭଜା , ସନ୍ତୁଳା , ବଡ଼ିଚୁରା ଇତ୍ୟାଦି ହେଇଥିଲା । ଏହି ପଖାଳ ଦିବସରେ ବାଲେଶ୍ୱର ଟାଉନ ରୁ ବିଭିନ୍ନ ପ୍ରାନ୍ତରୀ ଲୋକ ଖାଇ ମଜା ନେଉଥିଲେ । ଏହି ପଖାଳ ଦିବସରେ ରଞ୍ଜନ ବାଗ , ବିପ୍ଳବ ମହାନ୍ତି , ଅଜିତ ମହାନ୍ତି , ମନୋଜ ବାବୁ , ଗୀତାଞ୍ଜଳି , ପୂର୍ଣ୍ଣଚନ୍ଦ୍ର ବେହେରା, ଶରତ ବାରିକ ବହୁ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ , ସାମ୍ବାଦିକ ମାନେ ମଧ ଅଂଶ ଗ୍ରହଣ କରି ପଖାଳ ଖାଇ ମଜା ନେଉଥିଲେ। ଏହି ପଖାଳ ଦିବସଟି ଆମ ଓଡ଼ିଶାର ଜଗନ୍ନାଥ ସଂସ୍କୃତି ସହିତ ଜଡିତ ଥିବାରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପଖାଳ ଦିବସ ପାଳନ କରାଯାଏ।

୨୨ ମାର୍ଚ୍ଚ ୨୦୨୬, ରବିବାର

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସାଇ ସାଧନା ମହାବିଦ୍ୟାଳୟରେ ବିଶ୍ୱ ପଖାଳ ଦିବସ ପାଳିତ



ଉଦଳା, ୨୧/୩ (ନି.ପ୍ର): ଉଦଳାର ଦିବ୍ୟସିଂହପୁରସ୍ଥ ସାଇ ସାଧନା ମହାବିଦ୍ୟାଳୟରେ ବିଶ୍ୱ ପଖାଳ ଦିବସ ଉତ୍ସାହର ସହ ପାଳନ କରାଯାଇଥିଲା । ଏହି ଅବସରରେ ମହାବିଦ୍ୟାଳୟର ଚେୟାରମେନ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ପଖାଳର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ପଖାଳ ହେଉଛି ଓଡ଼ିଆ ମାନଙ୍କର ଏକ ମୌଳିକ ଓ ପାରମ୍ପରିକ ଖାଦ୍ୟ, ଯାହା ଶରୀରକୁ ଥଣ୍ଡା ରଖିବା ସହିତ ପାଚନକୁ ସହଜ କରେ । ଆଜିର ଦିନରେ ଏହା କେବଳ ଓଡ଼ିଶାରେ ନୁହେଁ, ସାରା ବିଶ୍ୱରେ ପାଳନ କରାଯାଉଥିବାରୁ ଏହାର ଲୋକପ୍ରିୟତା ଦିନକୁ ଦିନ ବଢୁଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକାଙ୍କ ସହ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଏହା ପରେ ଅନୁଷ୍ଠାନର ଚେୟାରମେନ ପଖାଳ ଭୋଜନ କରି ଏହାର ଶୁଭାରମ୍ଭ କରିଥିଲେ । ତତ୍ ସହିତ ଛାତ୍ରାବାସରେ ମଧ୍ୟ ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ପାଇଁ ଦହି ପଖାଳ ଖାଇବାର ସୁବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ପଖାଳର ଗୁରୁତ୍ୱ ଓ ଏହାର ସ୍ୱାସ୍ଥ୍ୟକର ଲାଭ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା ।

## ପ୍ରକୃତି ବନ୍ଧୁ ସୁମନ୍ତ ଜେନାଙ୍କ ଦ୍ୱାରା ବେଳାଭୂମି ସଫେଇ କାର୍ଯ୍ୟକ୍ରମ




ବସ୍ତା, ୨୧/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କଷାଫଳ ବେଳାଭୂମି ସ୍ଥିତ ବାରୁଣୀ ମେଳା ପଡିଆରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ପକ୍ଷରୁ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ କଷାଫଳ ବାରୁଣୀ ଘାଟକୁ ଓଡିଶା ସମେତ ପଡୋଶୀ ରାଜ୍ୟ ପଶ୍ଚିମ ବଙ୍ଗ ଏବଂ ଝାଡଖଣ୍ଡ ଅଞ୍ଚଳରୁ ପ୍ରାୟ ପାଞ୍ଚ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରିବା ପାଇଁ ପହଞ୍ଚିଥିଲେ। ଏହା ସହିତ ବେଳାଭୂମିରେ ଏକ ବୃହତ ମେଳା ମଧ୍ୟ ବସିଥିଲା। ମେଳା ସରିବା ପରେ ସମୁଦ୍ର ତଟ ଓ ଝାଉଁ ଜଙ୍ଗଲ ଭିତରେ ବହୁ ପରିମାଣର ପ୍ଲାଷ୍ଟିକ୍ ଆବର୍ଜନା ଯଥା ପଲିଥିନ ଜରି, ପ୍ଲାଷ୍ଟିକ ବୋତଲ ଏବଂ ପାଣି ପାଉଚ ଆଦି ପଡି ରହିଥିଲା,ଯାହା ଭବିଷ୍ୟତରେ ପରିବେଶ ପାଇଁ ଗମ୍ଭୀର ବିପଦ ସୃଷ୍ଟି କରିଥାନ୍ତା। ଏହାକୁ ଲକ୍ଷ୍ୟ କରି କମିଟିର ସଭାପତି ସାମାଜିକ କର୍ମୀ ତଥା ପ୍ରକୃତି ବନ୍ଧୁ ସୁମନ୍ତ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାରୁଣୀ ମେଳା ପଡିଆରୁ ସାରଙ୍ଗ ଦେବ ମନ୍ଦିର ପର୍ଯ୍ୟନ୍ତ ପଡିଥିବା ଅଳିଆ ଆବର୍ଜନାକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ସମାଜକୁ ସ୍ୱଚ୍ଛତାର ଏକ ପ୍ରଶଂସନୀୟ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ମୁକୁନ୍ଦ ଆଦିକ,ନାଏବ ସରପଞ୍ଚ ପ୍ରିୟ ରଞ୍ଜନ ପୃଷ୍ଟି, ମା ମନସା କ୍ଲବ ଛୟାଳିଆ ଏବଂ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟିର ସଦସ୍ୟ ପ୍ରମୁଖ ଯୋଗଦେଇ ଥିଲେ। ପ୍ରକୃତି ବନ୍ଧୁ ଙ୍କର ଏହି ଭଳି କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳବାସି ପ୍ରସଂଶା କରିଛନ୍ତି।

## ଜୟଦେବ ଜେନାଙ୍କୁ ହତ୍ୟା ଧମକ

ହାଟଡିହି , ୨୧/୩ (ନି.ପ୍ର): ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କୁ କେହି ଦୁର୍ବୃତ୍ତ ମୋବାଇଲ ହ୍ୱାଟ୍ସଆପ ଯୋଗେ ହତ୍ୟା ଧମକ ଦେଇଛନ୍ତି। ଏପରିକି ଭୁବନେଶ୍ୱର ଆସିଲେ ଜୀବନରୁ ମାରିଦେବାକୁ ଧମକ ଦେବା ନେଇ ଜୟଦେବ ଅଭିଯୋଗ କରିଛନ୍ତି। ଶ୍ରୀ ଜେନାଙ୍କ ନିକଟକୁ ୮୯୮୪୭୯୦୩୭୨ ନମ୍ବରରୁ ଏହି ମେସେଜ ଗତ ମାର୍ଚ୍ଚ ୯ତାରିଖରେ ଆସିଥିଲା। ଏନେଇ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ସେହି ୯ତାରିଖରେ କେନ୍ଦୁଝରଜିଲ୍ଲା ନନ୍ଦିପଦା ଥାନାରେ ଅଭିଯୋଗ କରିଛନ୍ତି। ହତ୍ୟା ଧମକକୁ ନେଇ ସେ ମୁଖ୍ୟମନ୍ତ୍ରୀ, ପୁଲିସ ଡିଜି ଏବଂ କେନ୍ଦୁଝର ଏସ୍‌ପିଙ୍କୁ ମଧ୍ୟ ଅବଗତ କରାଇବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ଅଭିଯୋଗ କରିଛନ୍ତି ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା।

## ସାଇ ନର୍ସିଂହୋମ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଶିବିର




ବାରିପଦା , ୨୧/୩ (ନି.ପ୍ର): ବାରିପଦା ସହରର ଅଗ୍ରଣୀ ଘରୋଇ ଚିକିତ୍ସାଳୟ ସାଇ ନର୍ସିଂ ହୋମ ପକ୍ଷରୁ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଜାତୀୟ ସେବା ଯୋଜନା ପକ୍ଷରୁ ବିଦ୍ୟାଳୟର ଅଧକ୍ଷ ରାଜେଶ କୁମାର ଷଡ଼ଙ୍ଗୀଙ୍କ ପୌରହିତ୍ୟରେ ଦିନିକିଆ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହେଇ ଯାଇଛି। ଏହି ଶିବିରରେ ସାଇ ନର୍ସିଂ ହୋମର ଦୁଇଜଣ ଡାକ୍ତର ଦୀପିକା ଆଚାର୍ଯ୍ୟ ଓ ଡାକ୍ତର ଐଶ୍ୱର୍ଯ୍ୟରାଜ ପତି ୭ ଜଣିଆ ଡାକ୍ତରୀ ଟିମର ସହାୟତାରେ ସ୍ୱେଚ୍ଛାସେବୀ ତଥା ମହାବିଦ୍ୟାଳୟର ଅନୁନ୍ୟ ୧୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡକ୍ଟର ପତି ସ୍ୱାସ୍ଥ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ସକାରାତ୍ମକ ଏବଂ ନକାରାତ୍ମକ ଦିଗଗୁଡ଼ିକ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ବାରିପଦାର ସାଇ ନର୍ସିଂ ହୋମ ପର୍ଯ୍ୟରୁ ବର୍ଷ ବର୍ଷ ଧରି ଅନେକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଆଗାମୀ ଦିନରେ ଜିଲ୍ଲାର ପ୍ରତ୍ୟେକ କୋଣ ଅନୁକୋଣରେ ଏଭଳି ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର କରାଯିବା ସହ ସରକାରଙ୍କ ଲୋକାଭିମୁଖୀ ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଜନସାଧାରଣ ଲୋକେ କିଭଳି ସମ୍ପୂର୍ଣ୍ଣ ମାଗଣାରେ ସେବା ପାଇ ପାରିବେ ସେ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଡା। ପତି ପ୍ରକାଶ କରିଛନ୍ତି। ପ୍ରୋଗ୍ରାମ ଅଫିସର ଅଧାପକ ଡ଼ା।ସୁବ୍ରତ କୁମାର ପାତ୍ର, ଡ଼ା। ସ୍ମିତା ଦାଶ, ଡ଼ା। ଅଞ୍ଜଳି ପଣ୍ଡା, ଡ଼ା। ସଂଯୁକ୍ତାରାଣୀ ସୁର ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସାଇ ସାଧନ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗରେ ବିଦାୟ ସମ୍ବର୍ଦ୍ଧନା




ଉଦଳା, ୨୧/୩ (ନି.ପ୍ର): ଉଦଳାସ୍ଥ ସାଇ ସାଧନା ବିଜ୍ଞାନ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗରେ ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଅନୁଷ୍ଠାନମୂଳକ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଅନୁଷ୍ଠାନର ତଥା ସାଇ ସାଧନା ଟ୍ରଷ୍ଟର ଚେୟାରମେନ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ଭବିଷ୍ୟତ ପାଇଁ ଦିଗ୍‌ଦର୍ଶନ ଦେଇଥିଲେ। ସେମାନଙ୍କୁ ଶିକ୍ଷା ସହିତ ନୈତିକ ମୂଲ୍ୟବୋଧ ଅନୁସରଣ କରି ଜୀବନରେ ଆଗକୁ ବଢ଼ିବାକୁ ଉପଦେଶ ଦେଇଥିଲେ। ଅନୁଷ୍ଠାନର ଏକାଡ଼େମିକ୍ ଡାଇରେକ୍ଟର ପ୍ରଫେସର ଅନାଦି ଚରଣ ଗାଁଣ ଛାତ୍ରଛାତ୍ରୀମାନଙ୍କୁ ନିଜ ଲକ୍ଷ୍ୟ ପ୍ରତି ଅତୁଟ ରହି ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାଣୀ ବିଜ୍ଞାନର ମୁଖ୍ୟ ଶ୍ରୀ ଚିନ୍ମୟ କୁମାର ଗିରି ଛାତ୍ରଛାତ୍ରୀମାନଙ୍କୁ ଜୀବନରେ ସଫଳତା ଅର୍ଜନ ପାଇଁ ନିରନ୍ତର ପ୍ରୟାସ କରିବାକୁ ଉଦ୍‌ବୋଧନ ଦେଇଥିଲେ । ଏହି ସଭାରେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଶ୍ରୀମତୀ ସୁଜାତା ସାହୁ ଓ ଅଧ୍ୟାପିକା କବିତା ସାହୁ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଶେଷ ବର୍ଷର ଛାତ୍ରଛାତ୍ରୀମାନେ ଭାବ ବିହ୍ୱଳିତ ହୋଇ ନିଜର ଅନୁଭୂତି ବ୍ୟକ୍ତ କରିଥିଲେ ।

## ବିଧବା ମା'ଙ୍କ ଅଭିଯୋଗ: ସ୍ୱାମୀଙ୍କ ମୃତ୍ୟୁରେ ମିଳିନଥିଲା ହରିଶ୍ଚନ୍ଦ୍ର ଟଙ୍କା, ଏବେ ମିଳୁନି ଭତ୍ତା



ଉଦଳା, ୨୧/୩ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଚୁନୁସାହିର ଦୃଶ୍ୟ । ଏହି ସାହିର ବାସିନ୍ଦା ବାଡ଼ା ହାଁସଦାଙ୍କର ଦେହାନ୍ତ ହୋଇଯିବା ପରେ ଆଜକୁ ୩ବର୍ଷ ଧରି ତାଙ୍କର ସହଧର୍ମିଣୀ ଫୁଲ ହାଁସଦା ବିଧବା ଜୀବନ ବିତାଉଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଫୁଲ ସାମାଜିକ ସୁରକ୍ଷା ଯୋଜନାରେ ବିଧବା ମା' ମାନଙ୍କୁ ସରକାର ଯୋଗାଇ ଦେଉଥିବା ଭତା ଏ ପର୍ଯ୍ୟନ୍ତ ପାଇପାରିନଥିବାର ଜଣାଇଛନ୍ତି । ଏପରିକି ସ୍ୱାମୀଙ୍କ ଦେହାନ୍ତ ପରେ ଶବସତ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନାରେ ଯେଉଁ ଟଙ୍କା ମିଳିବା କଥା ତାହା ମଧ ସେ ପାଇନଥିଲେ ବୋଲି କହିଛନ୍ତି । ଏଥିପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ବାରମ୍ବାର ହୋଇ ଗୁହାରି ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନଥିବାର ସେ ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଏଧାରଣରେ ଦାବି ହେଉଛି ।

## ଜନଗଣନା ୨୦୨୭ ପରିପ୍ରେକ୍ଷୀରେ ବାଲୁକାକଳା ପ୍ରଦର୍ଶିତ

ପୁରୀ, ୨୧/୩ (ନି.ପ୍ର): ଆଗାମୀ ୨୦୨୭ ଜନଗଣନା ପାଇଁ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଅପରାହ୍ନରେ ପୁରୀ ନିଳାଦ୍ରୀ ବିଚ ଠାରେ ଏକ ବାଲୁକାକଳା ପ୍ରଦର୍ଶିତ ହୋଇଥିଲା। ଚଳିତ ଜନଗଣନା ଭାରତର ପ୍ରଥମ ଡିଜିଟାଲ ଜନଗଣନା। ଏହାର ଉଦ୍ଦେଶ୍ୟ ଜନଗଣନାରୁ ଜନକଲ୍ୟାଣ। ପ୍ରଥମ ପର୍ଯ୍ୟାୟ ଗୃହ ତାଲିକା ଓ ଗୃହ ଗଣନା ଚଳିତ ବର୍ଷ ଅପ୍ରେଲ ୧୬ ରୁ ମଇ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ମସିହା ଫେବୃଆରୀ ୯ ରୁ ୨୮ ପର୍ଯ୍ୟନ୍ତ ଜନଗଣନା ଅନୁଷ୍ଠିତ ହେବ ବୋଲି ଜନଗଣନା ଅଧିକାରୀ ଅବଗତ କରାଇଛନ୍ତି। ଏଥିରେ ଅନ୍ତର୍ଜାତୀୟ ବାଲୁକା କଳା ଶିଳ୍ପୀ ତଥା ଜନଗଣନାର ବ୍ରାଣ୍ଡ ଆମ୍ବାସଡର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜନଗଣନାର ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ କୁମାର ସିଂ, ସହକାରୀ ନିର୍ଦ୍ଦେଶକ ଲକ୍ଷଣ ମୁଖୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜନଗଣନାର ଜିଲ୍ଲା ଇନଚାର୍ଜ ବିଜୟ କୁମାର ସାହୁ, ଡେପୁଟି କଲେକ୍ଟର ଦିବ୍ୟା ଜ୍ୟୋତି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଧୁମଧାମରେ ଇଦ ଉଲ ଫିତର ପାଳିତ



ଭଦ୍ରକ, ୨୧/୩ (ନି.ପ୍ର): ଧୂମଧାମରେ ପାଳିତ ହେଉଛି ଦାନ ଓ ଧର୍ମ ର ପର୍ବ ଇଦ। ରମଜାନ ଅବସରରେ ମାସ ତମାମ ଉପବାସ ପରେ ଆଜି ଇଦ ପାଳୁଛନ୍ତି ମୁସଲିମ ସଂପ୍ରଦାୟ। ପାଳିତ ହେଉଛି ଇଦ। ଭଦ୍ରକ ଜିଲ୍ଲା ର ୧୪୬ ମସଜିଦରେ ନମାଜ ଆୟୋଜିତ ହେଉଛି । ବିଶେଷକରି ଭଦ୍ରକ ସହର ର କୁଆଁସ ସ୍ଥିତ ଇଦଗାହ ଠାରେ ସାମୁହିକ ନମାଜ ଆୟୋଜିତ ହୋଇଯାଇଛି । ୮ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଇଦଗାହ ଠାରେ ସାମୁହିକ ଭାବେ ନମାଜ ପାଠ କରିଛନ୍ତି। ନମାଜ ପାଠ ପରେ ଭାଇଚରାର ସହରରେ ଉଭୟ ସଂପ୍ରଦାୟ ଉପସ୍ଥିତ ରହି ପରସ୍ପରକୁ ଆଲିଙ୍ଗନ କରି ପବିତ୍ର ଇଦର ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟପଟେ ଇଦ ଅବସରରେ ଭଦ୍ରକ ପୋଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ଲଜ୍ଜା: ବଳାତ୍କାର ପରେ ବିଧବା ଆଦିବାସୀ ମହିଳାଙ୍କୁ ହତ୍ୟା ଧମକ

ନୀଳଗିରି , ୨୧/୩ (ନି.ପ୍ର): ନୀଳଗିରି ଉପଖଣ୍ଡ ବରହମପୁର ଥାନା ଅଂଚଳରେ ଜୈନିକ ଆଦିବାସୀ ବିଧବା ମହିଳାଙ୍କୁ ଏକୁଟିଆ ପାଇ ଧର୍ଷଣକରିବା ସହିତ ହତ୍ୟାଧମକ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟିକରିଛି । ସୂଚନାମୁତାବକ ବରହମପୁର ଥାନା ତେଲିପାଳ ପଞ୍ଚାୟତ କେନ୍ଦୁଆ ଗ୍ରାମର ସ୍ୱର୍ଗତ ଦାମ ମାଝୀଙ୍କ ବିଧବାପତ୍ନୀ ଦୁଲାରି ମାଝୀ ଗତ ୨୦ତାରିଖ ଶୁକ୍ରବାର ନିଜ ବଡଭଉଣୀକୁ ଏକ ଭୋଜି ଖାଇବାକୁ ଯାଇଥିଲେ। ସେଠାରୁ ଫେରୁଥିବା ବାଟରେ ରାତ୍ରି ପ୍ରାୟ ୮ଟା ସମୟରେ ଜଳେଶ୍ୱର ଅଞ୍ଚଳର ଗୋବିନ୍ଦ ଓରଫ ଅଜୟ ହେମ୍ବ୍ରମ (୪୬) ଯିଏକି ବର୍ତ୍ତମାନ କେନ୍ଦୁଆ ଗ୍ରାମରେ ଅବସ୍ଥାନ କରନ୍ତି ଦୁଲାରିକୁ ଏକୁଟିଆ ପାଇ କେନ୍ଦୁଆ ସ୍ଥିତ ପାଣିଟାଙ୍କି ନିକଟରେ ଥିବା ଏକ ବୁଦାପାଖରେ ଜୋରଜବରଦସ୍ତ ବଳାତ୍କାର କରିଥିଲା ଏବଂ ଘଟଣା ପୋଲିସ ନିକଟରେ କିମ୍ୱା ବାହାରେ ପ୍ରକାଶକଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏନେଇ ଦୁଲାରି ୨୧ତାରିଖ ବରହମପୁର ଥାନାରେ ଦ୍ୱାରସ୍ଥ ହୋଇ ଦୋଷୀବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବାକୁ ଲିଖିତ ଅଭିଯୋଗ କରିଥିଲା। ପୋଲିସ ତତ୍ପରତା ଦେଖାଇ ତୁରନ୍ତ ଅଭିଯୁକ୍ତକୁ ଗିରଫକରିବା ସହିତ ଅଭିଯୁକ୍ତ ଗୋବିନ୍ଦ ଓରଫ ଅଜୟ ଏବଂ ପୀଡ଼ିତା ଦୁଲାରୀର ଡାକ୍ତରୀ ମାଇନାକରିଥିବା ବେଳେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

## ପ୍ରତାପ ଜେନାଙ୍କ କ୍ୱାର୍ଟରରେ ହଙ୍ଗାମା: ଗିରଫ ହେଲେ ୨ ଅଭିଯୁକ୍ତ

ଭୁବନେଶ୍ୱର, ୨୧/୩ (ନି.ପ୍ର): ବିଜେଡି ଉପସଭାପତି ପ୍ରତାପ ଜେନାଙ୍କ ସରକାରୀ ବାସଭବନରେ ହଙ୍ଗାମା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଆଜି ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖଣ୍ଡଗିରି ଥାନା ଜାଗମରାର ଜଗମୋହନ ନଗର ଅଞ୍ଚଳର ସରତ କୁମାର ସ୍ୱାଇଁ (୨୮) ଏବଂ କେନ୍ଦ୍ରାପଡ଼ା ଜିଲ୍ଲା କୁଜନଗରୀ ଥାନା ଅଧୀନ ଓସ୍ତପୁର ଗାଁର ଦେବୀ ପ୍ରସାଦ ଲେଙ୍କା (୩୪)। ଗିରଫ ଅଭିଯୁକ୍ତମାନେ ବିଜେଡି ଛାତ୍ର ସଂଘର ପୂର୍ବତନ ସଭାପତି ଥିଲେ। ପ୍ରତାପ ଜେନାଙ୍କ ସରକାରୀ ବାସଭବନରେ ସୁରକ୍ଷା ବ୍ୟବସ୍ଥା ମଜବୁତ କରିଦିଆଯାଇଛି। ପୁଲିସ କହିଛି ଅଭିଯୋଗକାରୀ ସୁଜିତ ମିଶ୍ର (୩୪)ଙ୍କ ଲିଖିତ ରିପୋର୍ଟ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଅଭିଯୁକ୍ତମାନେ ଗତକାଲି ପୂର୍ବାହ୍ଣ ୧୧ଟା ସମୟରେ ୧୫ରୁ ୨୦ ଜଣଙ୍କର ଏକ ଦଳ ପ୍ରତାପ ଜେନାଙ୍କ ଆବାସିକ କ୍ୱାର୍ଟରରେ ପହଞ୍ଚି ସୁରକ୍ଷା କର୍ମୀ ଭାବରେ କାର୍ଯ୍ୟରତ ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଅଭିଯୋଗକାରୀ ପ୍ରତିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଚାପୁଡ଼ା ଏବଂ ଲାତ ମାରି ଆକ୍ରମଣ କରିବା ସହ ହତ୍ୟା ଉଦ୍ଦେଶ୍ୟରେ ତାଙ୍କ ବେକକୁ ଚାପି ଦେଇଥିଲେ।

## ମାର୍ଚ୍ଚ ୨୫ ଆରମ୍ଭ ହେବ ରତ୍ନଭଣ୍ଡାର ଗଣତିମଣତି ପ୍ରକ୍ରିୟା



ପୁରୀ, ୨୧/୩ (ନି.ପ୍ର): ମାର୍ଚ୍ଚ ୨୫ ତାରିଖ ବୁଧବାର ଦିନ ହେବ ରତ୍ନଭଣ୍ଡାର ଗଣତିମଣତି ପ୍ରକ୍ରିୟା। ରତ୍ନଭଣ୍ଡାରରେ ଅଳଙ୍କାର ଗଣତିମଣତି ପୂର୍ବରୁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ମାହେନ୍ଦ୍ର ବେଳା ମାର୍ଚ୍ଚ ୨୫ ଚୈତ୍ର ଶୁକ୍ଳ ସପ୍ତମୀ ଦିନ ୧୨ଟା ୯ ମିନିଟରୁ ଗୋଟାଏ ୪୫ ମଧ୍ୟରେ ହେବ। ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତିର ଭିଡିଓଗ୍ରାଫି ଓ ଫଟୋଗ୍ରାଫି କରାଯିବ। ଗଣତି ମଣତି ସମୟରେ କେବଳ ପାଳିଆ ସେବାୟତ ହିଁ ଶ୍ରୀମନ୍ଦିରକୁ ଭିତରକୁ ପ୍ରବେଶ କରିବେ। ନୀତିକାନ୍ତିକୁ ଆଖି ଆଗରେ ରଖି ଗଣତି ପ୍ରକ୍ରିୟା କରାଯିବ ।

## ସ୍ଥାୟୀ ନିଯୁକ୍ତି ଦାବିରେ ଏପିଓ ମାନଙ୍କ କଳାବ୍ୟାଚ ପରିଧାନ



ବାଲିଆପାଳ, ୨୧/୩ (ନି.ପ୍ର): ରାଜ୍ୟର ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗରେ ମନରେଗା ଅଧୀନରେ ଦୀର୍ଘ ୧୫ ବର୍ଷ ଧରି କାର୍ଯ୍ୟରତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ) ମାନଙ୍କ ସ୍ଥାୟୀ ନିଯୁକ୍ତି ଦାବି ନେଇ ଓଡ଼ିଶା ଷ୍ଟେଟ ଏମସି ଏବଂ ଏପିଓ ଆସୋସିଏସନ (ଓସମା)ର ଆହ୍ୱାନରେ ରାଜ୍ୟରେ ସମସ୍ତ ବ୍ଲକର କାର୍ଯ୍ୟରତ ଏପିଓ ମାନେ କଳାବ୍ୟାଚ ପରିଧାନ କରି ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ ଆରମ୍ଭ କରିଛନ୍ତି। ରାଜ୍ୟ ସଂଘର ଆହ୍ୱାନରେ ସାମିଲ ହୋଇ ବାଲେଶ୍ୱର ଜିଲ୍ଲା ସଂଘର ସଭାପତି ସୌମ୍ୟକାନ୍ତ ଦାସଙ୍କ ପରାମର୍ଶ କ୍ରମେ ଜିଲ୍ଲାର ସମସ୍ତ ବ୍ଲକର ଏପିଓ ମାନେ କଳାବ୍ୟାଚ ପରିଧାନ କରି ୧୮ ତାରିଖ ଠାରୁ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ ଆରମ୍ଭ କରିଛନ୍ତି। ଏହି ପ୍ରତିବାଦ ଆସନ୍ତା ୩୧ ମାର୍ଚ୍ଚ ପରଯ୍ୟନ୍ତ ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି।

## ଜିଲ୍ଲାସ୍ତରୀୟ ପଖାଳ ଦିବସ ପାଳିତ



ବାରିପଦା, ୨୧/୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଜିଲ୍ଲାସ୍ତରୀୟ "ପଖାଳ ଦିବସ" ବେଶ୍ ଉତ୍ସାହ ଓ ଜାକଜମକରେ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ସାମୂହିକ ପଖାଳ ଭୋଜନ ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଖାଳ ଭାତ ଓ ପାରମ୍ପରିକ ଓଡ଼ିଆ ଖାଦ୍ୟର ମହତ୍ତ୍ୱ ଓ ପୌଷ୍ଟିକ ଗୁଣ ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ଆଜିର ସଭାରେ ମଞ୍ଚାସୀନ ଥିଲେ । ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ପଖାଳ ଓଡ଼ିଶାର ପାରମ୍ପରିକ ଖାଦ୍ୟ ହେବା ସହିତ ଗରମ ଋତୁରେ ଶରୀରକୁ ଶୀତଳ ରଖିବାରେ ବିଶେଷ ଉପକାରୀ। ଏହା ଶରୀରକୁ ପାନୀୟ ଓ ପୌଷ୍ଟିକ ଉପାଦାନ ଯୋଗାଇଥାଏ ଏବଂ ଗ୍ରାମୀଣ ଜୀବନଶୈଳୀର ଏକ ଅଂଶ ରୂପେ ପରିଚିତ । ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ପଖାଳ ଓ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଉପସ୍ଥିତ ଅତିଥି ତଥା ଅନ୍ୟାନ୍ୟ ଅଧିକାରୀମାନେ ଭୋଜନ କରିଥିଲେ ଏହି ପଖାଳର ସ୍ୱାଦ ଗ୍ରହଣ କରି ସ୍ୱଦେଶୀ ଖାଦ୍ୟ ପ୍ରଚାର ପ୍ରସାର ପାଇଁ ଆହ୍ୱାନ କରିଥିଲେ। ଏହାସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଏପରି ପାରମ୍ପରିକ ପର୍ବପର୍ବାଣୀ ପାଳନ ମାଧ୍ୟମରେ ଓଡ଼ିଆ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର କରିବାକୁ ପ୍ରୟାସ ଜାରି ରହିଛି ବୋଲି ଜନସାଧାରଣ ଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଛନ୍ତି ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida